

ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-140 SUNDAY 16 NOVEMBER 2025 PAGE-12 ₹ 6.00 | PANIKOILI | ବର୍ଷ-୪୩ ସଂଖ୍ୟା-୧୪୦ ରବିବାର ୧୬ ନଭେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦ (ସିନ୍ଦୂରା ସହ)


## ବିସ୍ଫୋରକ ଯାଞ୍ଚ ବେଳେ ବିସ୍ଫୋରଣ

# ଉଡ଼ିଗଲା ଥାନା; ୯ ମୃତ, ୩୨ ଆହତ

■ **ଶ୍ରୀନଗର, ୧୫ ।୧୧ (ଏଜେନ୍ସି):** ଜମ୍ମୁ-କଶ୍ମୀରର ଶ୍ରୀନଗରର ଏକ ପୁଲିସ ଥାନାରେ ଭୟଙ୍କର ବିସ୍ଫୋରଣ ଯୋଗୁଁ ୯ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ଅନ୍ୟ ୩୨ ଜଣ ଆହତ ହୋଇଛନ୍ତି । ଗତକାଲି ରାତିରେ ହୋଇଥିବା ଏହି ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ସଂପୃକ୍ତ ଥାନା ସଂପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯାଇଥିବା ବେଳେ ଏହାର ଆଖପାଖ ଅଞ୍ଚଳରେ ଥିବା ଗାଡ଼ିଗୁଡ଼ିକରେ ନିଆଁ ଲାଗିଯାଇଛି । ଏହି ବିସ୍ଫୋରଣର ଶବ୍ଦ ୧୫ କିଲୋମିଟର ଦୂରରେ ମଧ୍ୟ ଶୁଣାଯାଇଥିଲା । ଫରିଦାବାଦରେ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ଠାରୁ ଜବତ ହୋଇଥିବା ବିସ୍ଫୋରକ ସାମଗ୍ରୀର ଥାନା ଭିତରେ ଯାଞ୍ଚ ଚାଲିଥିବା ବେଳେ ଏହି ବିସ୍ଫୋରଣ ହୋଇଛି । ଏହାକୁ ଦୁର୍ଘଟଣା ବୋଲି କହିଛନ୍ତି ପୁଲିସ ଡିଜି । ଏହପଛରେ ଅନ୍ୟ କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ଦିଲ୍ଲୀ ସମେତ ବିଭିନ୍ନ ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣ ପାଇଁ

### ଫରିଦାବାଦ୍‌ରୁ ଜବତ ବିସ୍ଫୋରକର ନମୁନା ସଂଗ୍ରହ ବେଳେ ଅଘଟଣ

ଯୋଜନା କରୁଥିବା ବେଳେ ୪ ଜଣ ଡାକ୍ତର ଧରାପଡ଼ିଥିଲେ । ସେମାନଙ୍କ ମଧ୍ୟରୁ ହରିଆଣାର ଫରିଦାବାଦରେ ଜଣେ ଡାକ୍ତରଙ୍କ କାରରୁ ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଥିଲା । ଏହାକୁ ଶ୍ରୀନଗରର ନାଓଗାମ୍ ଥାନାକୁ ଆଣି ଗୋଦାମ ଘରେ



ରଖାଯାଇଥିଲା । ପୁଲିସ ସହିତ ଫରେନସିକ୍ ଟିମ୍ ଗତକାଲି ରାତିରେ ଥାନାରେ ପହଞ୍ଚି ବିସ୍ଫୋରକର ଯାଞ୍ଚ କରିବା ସହିତ ନମୁନା ସଂଗ୍ରହ କରୁଥିଲେ । ଏହି ସମୟରେ ଭୀଷଣ ବିସ୍ଫୋରଣ ହୋଇଥିଲା । ଏଥିରେ ଯେଉଁ ୯ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ଜଣେ ପୁଲିସ ଇନିସପେକ୍ଟର, ୩ ଜଣ ଫରେନସିକ୍ ଟିମ୍ ସଦସ୍ୟ, ୨ କ୍ରାଇମ୍ ବ୍ରାଞ୍ଚ୍ ଫଟୋଗ୍ରାଫର, ଜଣେ ତହସିଲଦାର ଓ ଦୁଇଜଣ ରାଜସ୍ୱ ଅଧିକାରୀ । ଆହତଙ୍କ ମଧ୍ୟରେ ଅଧିକାଂଶ ପୁଲିସ କର୍ମଚାରୀ ରହିଛନ୍ତି । ଆହତଙ୍କୁ ୯୨ ଆର୍ମି ବେସ୍ ଓ ଏସ୍‌କେଆଇଏମ୍‌ଏସ୍ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ତେବେ ଏହି ବିସ୍ଫୋରଣରେ ଆଉ ଜଣେ ବ୍ୟକ୍ତିର ମଧ୍ୟ ମୃତ୍ୟୁ ▶ପୃଷ୍ଠା-୭

## ଘାତକ ସାଜିଲା ଇଡେନ୍ ପିଚ୍

# ଦୁଇ ଦିନରେ ୨୬ ୱିକେଟ୍

■ **କୋଲକାତା, ୧୫ ।୧୧ (ଏଜେନ୍ସି):** ପ୍ରାୟ ୯୦ ବର୍ଷର ଟେଷ୍ଟ କ୍ରିକେଟ ଇତିହାସରେ କ୍ରୀଡ଼ାବିତ୍ ଓ ଦର୍ଶକଙ୍କ ପ୍ରଥମ ପସନ୍ଦ ଥିବା କୋଲକାତାର ଇଡେନ୍‌ଗାର୍ଡେନ ଷ୍ଟାଡିୟମ ବ୍ୟାଟ୍‌ସମ୍ୟାନ୍‌ଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଛି । ଭାରତୀୟ କ୍ରିକେଟର ମକ୍କା କୁହାଯାଉଥିବା ଇଡେନ୍ କୌଣସି ଏକ ଟେଷ୍ଟରେ ଦୁଇ ଦିନରେ ୨୬ ଉଇକେଟ୍ ହରାଇ ନୂଆ ଇତିହାସ ଲେଖିଛି ।



ପ୍ରାୟତଃ ବ୍ୟାଟ୍‌ସମ୍ୟାନ୍‌ଙ୍କୁ ସୁହାଉଥିବା ଏହି ଷ୍ଟାଡିୟମ୍‌ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ଖେଳାଯାଉଥିବା ପ୍ରଥମ ଟେଷ୍ଟରେ ବୋଲର୍‌ଙ୍କ ରାଜୁତି ଜାରି ରହିଛି । ଗତକାଲି ମ୍ୟାଚ୍‌ର ପ୍ରଥମ ଦିନରେ ଭାରତୀୟ ଦଳର ଯଶପ୍ରୀତ୍ ବୁମ୍‌ରାଙ୍କ ସମେତ ପେସ୍ ବୋଲର୍‌ମାନେ ଘାତକ ସାଜିଥିଲେ । ପ୍ରଥମ ଦିନରେ ଦୁଇ ଦଳର ୧୧ଟି ଉଇକେଟ୍ ଯାଇଥିବାବେଳେ ଆଜି ଦ୍ୱିତୀୟ ଦିନରେ ଇଡେନ୍ ପିଚ୍‌ର ଆଶ୍ଚର୍ଯ୍ୟଜନକ ସ୍ୱଭାବ ପରିବର୍ତ୍ତନ ଦେଖିବାକୁ ମିଳିଥିଲା । ଆଜିର ପିଚ୍ ଅଚାନକ ସ୍ପିନର୍‌ମାନଙ୍କୁ ସୁହାଇଥିଲା । ଦ୍ୱିତୀୟ ଦିନରେ ଆଉଟ୍ ହୋଇଥିବା ୧୫ଜଣ ବ୍ୟାଟର୍‌ଙ୍କ ମଧ୍ୟରୁ ୧୨ଜଣ ସ୍ପିନର୍‌ଙ୍କ ଶିକାର ହୋଇଥିଲେ । ▶ପୃଷ୍ଠା-୭

# ଆଳୁ କେଜି ଲକ୍ଷେ



■ **ପ୍ୟାରିସ, ୧୫।୧୧ (ଏଜେନ୍ସି):** ଭାରତରେ ଆଳୁକୁ ପରିବା ମଧ୍ୟରେ ରାଜା କୁହାଯାଇଥାଏ । ପ୍ରାୟତଃ ସବୁ ବ୍ୟଞ୍ଜନରେ ଆଳୁ ବ୍ୟବହାର ହୋଇଥାଏ । ଆଉ ଏହି ପରିବା ଶସ୍ତାରେ ମଧ୍ୟ ଉପଲବ୍ଧ ହୋଇଥାଏ । କିନ୍ତୁ ବିଶ୍ୱରେ ଏଭଳି ଅନେକ ଦେଶ ରହିଛି, ଯେଉଁଠି ଆଳୁ ମୂଲ୍ୟ ଆକାଶଛୁଆଁ ରହିଛି । କୋରିଆରେ ଆଳୁ କେଜି ୪.୨୮ ଡଲାର ଅର୍ଥାତ ୩୮୦ ଟଙ୍କା ଥିବାବେଳେ ଫ୍ରାନ୍ସରେ ଏହାର ମୂଲ୍ୟ କଳନାଠାରୁ ବାହାରେ ରହିଛି । ଏହା ବିଶ୍ୱର ସବୁଠୁ ମହଙ୍ଗା ଆଳୁ ଭାବେ ମଧ୍ୟ ପ୍ରସିଦ୍ଧି ଅର୍ଜନ କରିଛି । 'ଲେ ବୋନୋଟେ' କିସମର ଏହି ଆଳୁର ମୂଲ୍ୟ କେଜି ପିଛା ଲକ୍ଷେ ଟଙ୍କା ରହିଛି । ଏତେ ମହଙ୍ଗା ହେବା ସତ୍ତ୍ୱେ ଲୋକେ ଧାଡ଼ିରେ ଆସି ଏହି ଆଳୁ କିଣି ନେଉଛନ୍ତି । ତେବେ ଏହି ଆଳୁର ଉତ୍ପାଦନ ବହୁତ କମ୍ ରହିଛି । ସେଥିପାଇଁ ଏହା ମହଙ୍ଗା ହେବାରେ ଲାଗିଛି । ▶ପୃଷ୍ଠା-୭

# ଜାଡ଼ରେ ଥରୁଛି ଶିମିଳିପାଳ

## ୟୁବିକେରେ ସର୍ବନିମ୍ନ ୩ ଡିଗ୍ରୀ ରେକର୍ଡ

■ **ବାରିପଦା, ୧୫।୧୧ (ସମିସ):** ରାଜ୍ୟରେ ଦିନକୁ ଦିନ ଶୀତର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ଶିମିଳିପାଳରେ ପାରଦ ୩ ଡିଗ୍ରୀକୁ ଖସି ଆସିଛି । ଅଭୟାରଣ୍ୟ



ପରିସରରେ ତୁହିନର ଆସ୍ତରଣ (ତୁଷାରପାତ ଭଳି) ଦେଖାଗଲାଣି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି । ଖାଲି ଶିମିଳିପାଳ ନୁହେଁ, ପୂରା ଜିଲ୍ଲାବ୍ୟାପୀ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି । ଉଭୟ ଦିନ ଓ ରାତି ତାପମାତ୍ରାରେ ଯଥେଷ୍ଟ ହ୍ରାସ ପାଇଛି । ସେହିପରି ହାଲୁକା ପବନ ପ୍ରବାହିତ ହେଉଥିବାରୁ ପୂରା ଜିଲ୍ଲାବାସୀ ଜାଡ଼ରେ ଥରୁଛନ୍ତି ।

ଜିଲ୍ଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ପାଖାପାଖି ରହୁଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ଶିମିଳିପାଳରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ ହୋଇଛି । ଶୁକ୍ରବାର ସକାଳ ୬ଟାରେ ଅଭୟାରଣ୍ୟର ଉତ୍ତର ବନଖଣ୍ଡ ଅଧୀନ ଉପରବାରହାକାମୁଡ଼ା (ୟୁବିକେ) ରେଞ୍ଜରେ ୩, ଚହଲା ରେଞ୍ଜରେ ୬, ବରେହିପାଣିରେ ୯, ଗୁଡୁଗୁଡିଆରେ ୧୦, ରାମତୀର୍ଥ ଓ ସାତକୋଶିଆରେ ୧୪ ଓ କିଆଝରୀରେ ୧୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଏହା ଚଳିତ ବର୍ଷର ▶ପୃଷ୍ଠା-୭


## ଆସନ୍ତା ବଜେଟରେ ମଲ୍ଟି ଇୟର ସିଲିଂ ବ୍ୟବସ୍ଥା

# ପ୍ରସ୍ତୁତ ହେବ ୩ ବର୍ଷୀୟା ଖସଡ଼ା

■ **ଭୁବନେଶ୍ୱର, ୧୫।୧୧ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଫେବ୍ରୁଆରୀ ତୃତୀୟ ସପ୍ତାହରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଆଗତ କରିବେ । ବଜେଟ ପାଇଁ ଅର୍ଥ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଆସନ୍ତା ଡିସେମ୍ବର ୨୫ ତାରିଖ ସୁଦ୍ଧା ବିଭାଗଗୁଡ଼ିକ ନିଜ ନିଜର ପ୍ରସ୍ତାବ ଦାଖଲ କରିବାକୁ ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି । ତେବେ ଏଥର ବଜେଟ ଖସଡ଼ା ପ୍ରସ୍ତୁତିରେ ସରକାର ଟିକେ ଭିନ୍ନତା ଆଣିବାକୁ ଯାଉଛନ୍ତି । ଆସନ୍ତା ବଜେଟରେ ବିଭାଗଗୁଡ଼ିକୁ ୨୦୨୬-୨୭ ଆର୍ଥିକ ବର୍ଷ ସହ ଏହାର ପରବର୍ତ୍ତୀ ଦୁଇ ବର୍ଷ ପାଇଁ ଯୋଜନା ପ୍ରସ୍ତୁତି ଏବଂ ଏଥିପାଇଁ ଖର୍ଚ୍ଚ କରିବାକୁ ଅନୁମତି ମିଳିବ । ଏହାଦ୍ୱାରା ଆର୍ଥିକ ଶୃଙ୍ଖଳା ଆସିବା ସହ ବିଭାଗଗୁଡ଼ିକର କାର୍ଯ୍ୟଦକ୍ଷତା ଏବଂ ଉତ୍ତରଦାୟିତ୍ୱ ବୃଦ୍ଧି ପାଇବ ବୋଲି ସରକାର ଆଶା ରଖିଛନ୍ତି ।

**ଆଗୁଆ ଯୋଜନା ପ୍ରସ୍ତୁତି ସହ ବିଭାଗ ଦାଖଲ କରିବେ ବ୍ୟୟଅଟକଳ**

୨୦୩୬ ଆର୍ଥିକ ବର୍ଷ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବା ଲକ୍ଷ୍ୟରେ ସରକାର ଭିଜନ ଡକ୍ୟୁମେଣ୍ଟ ୨୦୩୬ ପ୍ରସ୍ତୁତ କରିଛନ୍ତି । ଏହି ଲକ୍ଷ୍ୟକୁ ସାକାର କରିବା ପାଇଁ ବଜେଟ ପ୍ରସ୍ତୁତି ବେଳେ ମଲ୍ଟି ଇୟର ସିଲିଂ ବ୍ୟବସ୍ଥା ଆପଣେଇବାକୁ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ▶ପୃଷ୍ଠା-୭



# ଲାଲୁଙ୍କ ପରିବାରକୁ ନିର୍ବାଚନ ଝଟ୍‌କା

## ଝିଅ ରୋହିଣୀ ଛାଡ଼ିଲେ ରାଜନୀତି, ପରିବାର ସହ ସମ୍ପର୍କ ବି ତୁଟାଇଲେ

ପାଟନା, ୧୫ ।୧୧(ଏଜେନ୍ସି): ବିହାର ନିର୍ବାଚନରେ ଆରଜେଡିର ଶୋଚନୀୟ ପରାଜୟ ପରେ ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ପରିବାରକୁ ଲାଗିଛି ବଡ଼ ଧରଣର ଝଟକା। ପରାଜୟକୁ ନେଇ ଲାଲୁ ପରିବାର ଚିନ୍ତାରେ ବୁଡ଼ି ରହିଥିବା ବେଳେ ଝିଅ ରୋହିଣୀ ଆଚାର୍ଯ୍ୟ ଆଜି ହଠାତ୍ ଆଉ ଏକ ଝଟକା ଦେଇଛନ୍ତି। ପିତା ଲାଲୁଙ୍କୁ କିଡନୀ ଦାନ କରି ଚର୍ଚ୍ଚାରେ ଥିବା ରୋହିଣୀ ଆଜି ରାଜନୀତିରୁ ସନ୍ୟାସ ଘୋଷଣା କରିବା ସହିତ ପରିବାର ସହିତ ସଂପର୍କ ତୁଟାଇବାକୁ ମଧ୍ୟ ଘୋଷଣା କରିଛନ୍ତି। ତାଙ୍କର ଏଭଳି ନିଷ୍ପତ୍ତି କେବଳ ଲାଲୁ ପରିବାର ନୁହେଁ, ରାଷ୍ଟ୍ରୀୟ ଜନତା ଦଳ ବା ଆରଜେଡିରେ ମଧ୍ୟ କମ୍ପନ ସୃଷ୍ଟି କରିଛି। ସେ ଅଚାନକ ଏଭଳି ନିଷ୍ପତ୍ତି କାହିଁକି ନେଲେ, ତାହା ଜଣାପଡ଼ି ନାହିଁ। ତେବେ ସଂଜୟ ଯାଦବ ଏବଂ ରମିଜଙ୍କ ପରାମର୍ଶ କ୍ରମେ ସେ ଏହି ନିଷ୍ପତ୍ତି ନେଇଥିବା ସୂଚାଇଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ଏହି ଘୋଷଣା କରିଛନ୍ତି ରୋହିଣୀ। ସଞ୍ଜୟ ଯାଦବ ଓ ରମିଜଙ୍କ ପରାମର୍ଶ କ୍ରମେ ଏହି ନିଷ୍ପତ୍ତି ନେଇଛି ବୋଲି ସେ କହିଛନ୍ତି। ସବୁ ଦୋଷ ନିଜ ମୁଣ୍ଡ ଉପରକୁ ନେଉଛି ବୋଲି ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ତେବେ ସେ କେଉଁ ଦୋଷ କଥା କହିଛନ୍ତି, ତାହା ସ୍ପଷ୍ଟ କରି ନାହାନ୍ତି। ପରିବାରରେ ଚାଲିଥିବା ଅଶାନ୍ତି ନା ନିର୍ବାଚନରେ ଦଳର ପରାଜୟ? ନିର୍ବାଚନ ପୂର୍ବରୁ ଲାଲୁ ତାଙ୍କ ବଡ଼ ପୁଅ ତେଜ ପ୍ରତାପଙ୍କୁ ପରବିାରରୁ ବାହାର କରିଦେଇଥିଲେ। ପରିବାରର ଏହି ନିଷ୍ପତ୍ତିକୁ ନେଇ ରୋହିଣୀ ଅସନ୍ତୁଷ୍ଟ ଥିଲେ। ତେଜ ପ୍ରତାପ ଗତ ନିର୍ବାଚନରେ ପିତାଙ୍କ ପ୍ରାର୍ଥୀ ବିରୋଧରେ ପ୍ରାର୍ଥୀ ଦେଇଥିଲେ।

ତେବେ ରୋହିଣୀ ତାଙ୍କର ନୋଟ୍‌ରେ ଯେଉଁ ସଞ୍ଜୟ ଓ ରମିଜଙ୍କ କଥା କହିଛନ୍ତି, ସେମାନେ କିଏ? ଏହାକୁ ନେଇ ଆଲୋଚନା ଆରମ୍ଭ ହୋଇଯାଇଛି। ସଞ୍ଜୟ ଆରଜେଡିର ରାଜ୍ୟସଭା ସାଂସଦ ଅଛନ୍ତି। ସେ ହେଉଛନ୍ତି ତେଜସ୍ୱୀଙ୍କ ରାଜନୈତିକ ପରାମର୍ଶଦାତା। ସେହିପରି ଉତ୍ତର ପ୍ରଦୋର ବଳରାମପୁରରେ ରହୁଥିବା ରମିଜ ମଧ୍ୟ ତେଜସ୍ୱୀଙ୍କ ପୁରୁଣା ଓ ଘନିଷ୍ଠ ବନ୍ଧୁ ବୋଲି କହାଯାଉଛି। ସେ ହେଉଛନ୍ତି ଜେଲ୍‌ରେ ଥିବା ପୂର୍ବ ସାଂସଦ ରିଜୱାନ ଜାହିରଙ୍କ ଜ୍ୱାଇଁ। ସେ ଆରଜେଡିର ସୋସିଆଲ ମିଡିଆ ଓ ନିର୍ବାଚନ କାର୍ଯ୍ୟକ୍ରମ ଦାୟିତ୍ୱରେ ରହିଛନ୍ତି। ରମିଜଙ୍କ ପତ୍ନୀ ମଧ୍ୟ ନିର୍ବାଚନ ଲଢ଼ିଛନ୍ତି। ଉଲ୍ଲେଖଥାଉ କି ଗତ ମେ ୨୫ରେ ଲାଲୁ ତାଙ୍କର ବଡ଼ ପୁଅ ତେଜପ୍ରତାପ ଯାଦବଙ୍କୁ ପାର୍ଟି ଓ ପରିବାରରୁ ବହିଷ୍କାର କରିଥିଲେ। ଏଥିପାଇଁ ତେଜପ୍ରତାପ ସଞ୍ଜୟଙ୍କୁ ଦାୟୀ କରିଥିଲେ। ନିର୍ବାଚନରେ ତେଜପ୍ରତାପ ପରାସ୍ତ ହୋଇଥିବା ବେଳେ ତେଜସ୍ୱୀ ଯାଦବ ବିଜୟୀ ହୋଇଛନ୍ତି।

## ନିଲମ୍ବନ ପରେ ବିଜେପି ଛାଡ଼ିଲେ ଆରକେ ସିଂହ

ପାଟଣା, ୧୫ ।୧୧(ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପରେ ବିଜେପି ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜକୁମାର (ଆରକେ) ସିଂଙ୍କୁ ୬ ବର୍ଷ ପାଇଁ ଦଳରୁ ନିଲମ୍ବିତ କରିଛି। ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ତାଙ୍କୁ ସସପେଣ୍ଡ କରାଯାଇଥିବା ଦଳ ପକ୍ଷରୁ କୁହାଯାଇଛି। ଏ ସଂପର୍କରେ ତାଙ୍କୁ ନୋଟିସ ଦିଆଯାଇଛି ଏବଂ



୭ ଦିନ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନୋଟିସ ପାଇବା ପରେ ଶ୍ରୀ ସିଂହ ବିଜେପିରୁ ଇସ୍ତଫା ଦେଇଛନ୍ତି। ନିର୍ବାଚନ ପୂର୍ବରୁ ସେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ନେଇ ବିଭିନ୍ନ ପ୍ରଶ୍ନ ଉଠାଇଥିଲେ। ବିହାରରେ ୬୦ ହଜାର କୋଟି ଟଙ୍କାର ବିଜୁଳୀ ଦୁର୍ନୀତିରେ ନୀତୀଶ କୁମାର ସରକାର ବିରୋଧରେ ସେ ଗୁରୁତର ଅଭିଯୋଗ ଆଣିଥିଲେ। ସେ ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ, ଜେଡିୟୁ ପ୍ରାର୍ଥୀ ଆନନ୍ଦ ସିଂ, ଆରଜେଡିର ସୂରଜଭାନ ସିଂଙ୍କୁ ହତ୍ୟା ଅଭିଯୁକ୍ତ ବୋଲି କହିଥିଲେ। ଆରକେ ସିଂ ୧୯୭୫ ବ୍ୟାଚ୍‌ର ବିହାର କ୍ୟାଡରର ଆଇପିଏସ୍ ଅଧିକାରୀ ଥିଲେ।

## ବିହାର ନିର୍ବାଚନ
# କାରଣ ଖୋଜୁଛନ୍ତି ବିରୋଧୀ ଦଳ

ନୂଆଦିଲ୍ଲୀ, ୧୫ ।୧୧(ଏଜେନ୍ସି): ବିହାର ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏର ବିପୁଳ ବିଜୟ ନେଇ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ସୁପ୍ରିମୋ ଶରଦ ପାୱାର ପ୍ରଶ୍ନ ଉଠାଇଛନ୍ତି। ନିର୍ବାଚନର କିଛିଦିନ ପୂର୍ବରୁ ବିହାରରେ ମହିଳାମାନଙ୍କ ବ୍ୟାଙ୍କ ଖାତାକୁ ୧୦-୧୦ ହଜାର ଲେଖାଏ ପଠାଯାଇଥିଲା। ଏହିକାରଣରୁ ଏନ୍‌ଡିଏ ବିପୁଳ ବିଜୟ ହାସଲ କରିଛି ବୋଲି ସେ କହିଛନ୍ତି। ନିର୍ବାଚନ ପୂର୍ବରୁ ଏହି ଟଙ୍କା ଖାତାକୁ ପଠାଯିବା ପ୍ରକ୍ରିୟା ଏକ ପ୍ରକାର ଦୁର୍ନୀତି। ରାଜ୍ୟ ସରକାର ଖୋଲାଖୋଲି ଭାବେ ଏହି କାର୍ଯ୍ୟ କରିବା ନିନ୍ଦନୀୟ ଓ ଚିନ୍ତାଜନକ ବୋଲି ସେ କହିଛନ୍ତି। ମହାରାଷ୍ଟ୍ର ନିର୍ବାଚନ ପୂର୍ବରୁ ମଧ୍ୟ ବିଜେପି ନେତୃତ୍ୱାଧୀନ ସରକାର ଏପରି କରିଥିଲା। 'ଲଡକି ବହନ ଯୋଜନା' ମାଧ୍ୟମରେ ମହିଳା ଓ ବାଳିକାମାନଙ୍କୁ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ନିର୍ବାଚନରେ ଅନିୟମିତତା ତଥା ଅସଙ୍ଗତି ହୋଇଥିବା କଥା କଂଗ୍ରେସ ନେତା ଅଜୟ ମାକେନ କହିଛନ୍ତି। ମହାମେଣ୍ଟର ନେତା ମାନେ ନିର୍ବାଚନ ଫଳକୁ ଅପ୍ରତ୍ୟାଶିତ ଓ ଏହାର ଯାଞ୍ଚ ହେବା ଉଚିତ ବୋଲି ମାକେନ କହିଛନ୍ତି। ଅନ୍ୟପଟେ ପ୍ରଶାନ୍ତ କିଶୋରଙ୍କ ଜନ ସୂରାଜ ପାର୍ଟି ମଧ୍ୟ ନିର୍ବାଚନ ଫଳାଫଳ ନେଇ ପ୍ରତିକ୍ରିୟା ଦେଇଛି। ପାର୍ଟିର ରାଜ୍ୟମୁଖ୍ୟ ମନୋଜ ଭାରତୀ କହିଛନ୍ତି ଯେ, ନିର୍ବାଚନରେ ବ୍ୟାପକ ଅନିୟମିତତା ହୋଇଛି। ଫଳାଫଳ ଆମ କଳ୍ପନା ବାହାରେ ଥିଲା। ମହିଳାଙ୍କ ଏକାଉଣ୍ଟକୁ ୧୦-୧୦ ହଜାର ଟଙ୍କା ପଠାଯିବା ଫଳାଫଳକୁ ପ୍ରଭାବିତ କରିଥିଲା ବୋଲି ସେ କହିଛନ୍ତି। ତେବେ ଏହି ସବୁ ଅଭିଯୋଗକୁ ବିଜେପି ପ୍ରତ୍ୟାଖାନ କରିଛି। ପରାଜୟ ପରେ



■ ଖାତାକୁ ୧୦-୧୦ ହଜାର ଟଙ୍କା ଟ୍ରାନ୍ସଫର ଜିତାଇଲା: ଶରଦ

■ ଜାଲିଆତି ହୋଇଛି; ୨ ସପ୍ତାହରେ ପ୍ରମାଣ ଦେବୁ: କଂଗ୍ରେସ

ଏହାକୁ ସ୍ୱୀକାର କରିବା ଆବଶ୍ୟକ। ନିଜ ତ୍ରୁଟି ଓ ଦୋଷ ସ୍ୱୀକାର କରାଯିବା ଉଚିତ। କିନ୍ତୁ ବିରୋଧୀ ଏପରି ନ କରି ଅଯଥା ଆକ୍ଷେପ କରୁଛନ୍ତି ବୋଲି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ପାୱାରଙ୍କୁ ଜବାବ୍ ଦେଇ କହିଛନ୍ତି।

ବିହାର ନିର୍ବାଚନରେ ପରାଜୟକୁ କଂଗ୍ରେସ ସହଜରେ ଗ୍ରହଣ କରିପାରୁନାହିଁ। ଏବେ ଦଳ ପରାଜୟର କାରଣ ଜାଣିବା ପାଇଁ ମାନସମନ୍ଥନ ଆରମ୍ଭ କରିଦେଇଛି। ଏହି କ୍ରମରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ଦିଲ୍ଲୀ ସ୍ଥିତ ବାସଭବନରେ ଦଳର ପ୍ରଥମ ସମୀକ୍ଷା ବୈଠକ ବସିଛି। ଏଥିରେ ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ, କେସି ବେଣୁଗୋପାଳ ଏବଂ ଅଜୟ ମାକନ ପ୍ରମୁଖ ଉପସ୍ଥିତ ରହିଥିଲେ। କଂଗ୍ରେସ ନେତା ବେଣୁଗୋପାଳ କହିଲେ ଯେ ଦଳ ଏହି ଜାଲିଆତିର ପ୍ରମାଣ ସଂଗ୍ରହ କରୁଛି। ୨ ସପ୍ତାହ ମଧ୍ୟରେ ଦେଶ ସାମ୍ନାରେ ଏହାର ରଖାଯିବ। ବିହାର ନିର୍ବାଚନ ଫଳାଫଳ କେବଳ କଂଗ୍ରେସ ନୁହେଁ, ବରଂ ଜନତା ଏବଂ ମେଣ୍ଟ ସହଯୋଗୀଙ୍କୁ ମଧ୍ୟ ତାଜୁବ କରିଦେଇଛି। ଲୋକେ ଏହା ଉପରେ ଭରସା କରିପାରୁନାହାନ୍ତି। ଆମେ ସବୁ ତଥ୍ୟ ସଂଗ୍ରହ କରୁଛୁ। ଗମ୍ଭୀରତାର ସହ ଏହାକ ବିଶ୍ଳେଷଣ କରାଯିବ। ସପ୍ତାହେରୁ ଦୁଇ ସପ୍ତାହେ ଭିତରେ ଠୋସ୍ ପ୍ରମାଣ ସଂଗ୍ରହ କରି ସର୍ବସମ୍ମୁଖକୁ ଅଣାଯିବ। ସେହିପରି କଂଗ୍ରେସ ଅଧ୍ୟକ୍ଷଙ୍କୁ ଭେଟିବା ପରେ ଦଳର ବରିଷ୍ଠ ନେତାମାନେ ବିହାର ନିର୍ବାଚନ ଫଳାଫଳ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି। ଅଜୟ ମାକନ କହିଛନ୍ତି ଯେ ପ୍ରାରମ୍ଭରୁ ନିର୍ବାଚନ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠୁଛି। ଏଭଳି ଫଳାଫଳ ଚକିତ କରିଦେଇଛି। ୧୯୮୪ରେ ବି କଂଗ୍ରେସକୁ ଏଭଳି ଷ୍ଟ୍ରାଇକ ରେଟ୍ ମିଳି ନ ଥିଲା। ବିଜେପିକୁ ଯେଉଁ ଭଳି ଆସନ ମିଳିଛି ତାହା ସନ୍ଦେହ ସୃଷ୍ଟି କରୁଛି। କିଛି ତ ଜାଲିଆତି ହୋଇଛି। ଅନେକ ସ୍ଥାନରେ ଜାଲିଆତି ହୋଇଥିବା କଂଗ୍ରେସ କର୍ମୀ କହିଛନ୍ତି। ମହାମେଣ୍ଟର ସବୁ ଦଳ ଫଳାଫଳକୁ ଅପ୍ରତ୍ୟାଶିତ କହିଛନ୍ତି।

## ଅର୍ଦ୍ଧାଧିକଙ୍କ ବିରୋଧରେ ଆପରାଧିକ ମାମଲା

ପାଟନା, ୧୫ ।୧୧(ଏଜେନ୍ସି): ବିହାର ବିଧାନସଭା ନିର୍ବାଚନର ଫଳାଫଳ ବାହାରିବା ପରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଅର୍ଦ୍ଧାଧିକ ଅର୍ଥାତ ୫୩ ପ୍ରତିଶତ ନବ- ନିର୍ବାଚିତ ବିଧାୟକଙ୍କ ବିରୋଧରେ ଆପରାଧିକ ମାମଲା ରହିଛି ବୋଲି ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ଦ୍ୱାରା ପ୍ରକାଶିତ ନୂଆ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ନିର୍ବାଚିତ ୨୪୩ ବିଧାୟକଙ୍କ ମଧ୍ୟରୁ ୧୩୦ ଜଣଙ୍କ ଆପରାଧିକ ମାମଲା ଥିବା କଥା ନିଜ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ତେବେ ଏହି ସଂଖ୍ୟ ଗତ ନିର୍ବାଚନ ତୁଳନାରେ ଅପେକ୍ଷାକୃତ କମ୍ ବୋଲି କୁହାଯାଇଛି। ଗତ ୨୦୨୦ ନିର୍ବାଚନରେ ୨୪୧ ଜଣ ବିଧାୟକଙ୍କ ମଧ୍ୟରୁ ୧୬୩ ଜଣ ଅର୍ଥାତ ୬୮ ପ୍ରତିଶତ ସଦସ୍ୟଙ୍କ ବିରୋଧରେ ଆପରାଧିକ ମାମଲା ଥିଲା। ଏଥର ୧୦୨ ଅର୍ଥାତ ୪୨ ପ୍ରତିଶତ ବିଧାୟକଙ୍କ ବିରୋଧରେ ଗୁରୁତର ମାମଲା ରହିଛି।୨୦୨୦ରେ ଏହା ୫୧ ପ୍ରତିଶତ ଥିଲା।ଏଥର ବିଜେପିର ୮୯ ବିଧାୟକଙ୍କ ମଧ୍ୟରୁ ୪୩ ଜଣ (୪୮%), ଜେଡିୟୁର ୮୫ରୁ ୨୩ ଜଣ (୨୭%), ଆରଜେଡିର ୨୫ରୁ ୧୪ ଜଣ (୫୬%), ଏଲ୍‌ଜେପିର ୧୯ରୁ ୧୦ ଜଣ (୫୩%), କଂଗ୍ରେସର ୬ରୁ ୩ ଜଣ (୫୦%), ଏଆଇଏମ୍‌ଆଇଏମ୍‌ର ୫ରୁ ୪ ଜଣ (୮୦ %)ଙ୍କ ବିରୋଧରେ ଆପରାଧିକ ମାମଲା ରହିଛି।

# ଖେଳ ବିଗାଡ଼ିଲା କିଏ? ବିହାର ରାଜନୀତିରେ ତନାଘନା

ପାଟନା, ୧୫।୧୧ (ଏଜେନ୍ସି): ବିହାର ନିର୍ବାଚନ ଫଳାଫଳ ମହାମେଣ୍ଟ ପାଇଁ ବଡ଼ ଝଟ୍‌କା ହୋଇଥିବାବେଳେ କ୍ଷମତାସୀନ ଏନ୍‌ଡିଏ ପାଇଁ ଡବଲ୍ ଖୁସି ଆଣି ଦେଇଛି। ଉଭୟ ମେଣ୍ଟ ପାଇଁ ଏହି ଫଳାଫଳ ଅପ୍ରତ୍ୟାଶିତ ରହିଛି। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ୨୦୨ ଆସନ ପାଇଥିବାବେଳେ ମହାମେଣ୍ଟ ୩୫ ଆସନରେ ସୀମିତ ରହିଛି। ତେବେ ଏହି ନିର୍ବାଚନରେ କ୍ଷୁଦ୍ର ଦଳଗୁଡ଼ିକ ଚର୍ଚ୍ଚାରେ ଅଛନ୍ତି। କ୍ଷୁଦ୍ର ହୋଇଥିଲେ ମଧ୍ୟ ନିର୍ବାଚନରେ ବଡ଼ ପ୍ରଭାବ ପକାଇଛନ୍ତି। ଏହି ଦଳଗୁଡ଼ିକ ପାଇଁ ଏନ୍‌ଡିଏ ବିଜୟୀ ହୋଇଥିବାବେଳେ ମହାମେଣ୍ଟ ଇଣ୍ଡିଆ ପରାଜୟର ସମ୍ମୁଖୀନ ହେଲା ବୋଲି କୁହାଯାଉଛି। ଏହି ଦଳ ମଧ୍ୟରେ ପ୍ରଶାନ୍ତ କିଶୋରଙ୍କ ଜନସୁରାଜ ପାର୍ଟି, ଅସଦୁଦ୍ଦିନ ଓୱେସୀଙ୍କ ଏଆଇଏମଆଇଏମ ଏବଂ ମାୟାବତୀଙ୍କ ବିଏସପି ରହିଛି। ଗତ ନିର୍ବାଚନରେ ଚିରାଗ ପାଶ୍ୱାନଙ୍କ ଏଲଜେପିଆର ପାଇଁ ନୀତୀଶଙ୍କ ଦଳ ଜେଡିୟୁର କ୍ଷତି ହୋଇଥିଲା। ମାତ୍ର ଚଳିତ ଥର ଜନସୁରାଜ, ଏଆଇଏମଆଇଏମ ଏବଂ ବିଏସପି ଲାଗି ମହାମେଣ୍ଟର ଅପୂରଣୀୟ କ୍ଷତି ହୋଇଛି।



## ଛୋଟ ଦଳ, ପ୍ରଭାବ ବଡ଼

ନିର୍ବାଚନ ରଣନୀତିକାରରୁ ରାଜନେତା ପାଲଟିଥିବା ପ୍ରଶାନ୍ତଙ୍କ ଦଳ ପ୍ରଥମ ଥର ପାଇଁ ବିହାରର ୨୩୮ ଆସନରେ ନିର୍ବାଚନ ଲଢ଼ି ଗୋଟିଏ ହେଲେ ବି ଆସନରେ ଜିତିପାରି ନାହିଁ। ତେବେ ଏହି ଦଳ ୩.୪ ପ୍ରତିଶତ ଭୋଟ ହାତେଇଛି। ଏହା ବଡ଼ ବିଭାଜନକାରୀ ଭାବେ ଉଭା ହୋଇଛି। ଖାତା ଖୋଲି ନ ଥିବା ଏହି ଦଳ ଉଭୟ ମେଣ୍ଟର ଭୋଟ ହ୍ରାସ କରିଛି। ଜନସୁରାଜ ଗୋଟିଏ ଆସନରେ ଦ୍ୱିତୀୟ, ୧୨୯ଟିରେ ତୃତୀୟ, ୭୩ଟିରେ ଚତୁର୍ଥ, ୨୪ଟିରେ ୫ମ ଏବଂ ୧୨ଟିରେ ୬ରୁ ୯ତମ ସ୍ଥାନରେ ରହିଥିଲା। ୩୩ ବିଧାନସଭା କ୍ଷେତ୍ରରେ ଜନସୁରାଜ ପାଇଥିବା ଭୋଟ ବିଜୟ ବ୍ୟବଧାନଠାରୁ ଅଧିକ ଥିଲା। ଏଥିରୁ ୧୮ଟିରେ ଏନ୍‌ଡିଏ ଏବଂ ୧୩ଟିରେ ମହାମେଣ୍ଟ ଜିତିଥିଲା। ନିର୍ବାଚନ ପ୍ରଚାର ସମୟରେ ଦଳ ଉଭୟ ମେଣ୍ଟର ଭୋଟ ନେବ ବୋଲି ପ୍ରଶାନ୍ତ କହିଥିଲେ। ଏହାର ଝଲକ ଫଳାଫଳରେ ଦେଖିବାକୁ ମିଳିଛି।

୧୮୧ ସିଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ମାୟାବତୀଙ୍କ ବିଏସପି ଗୋଟିଏ ଆସନରେ ଜିତିଥିବାବେଳେ ଆଉ ଗୋଟିଏର ଦ୍ୱିତୀୟ ସ୍ଥାନରେ ରହିଥିଲା। ଦୀର୍ଘ ବର୍ଷ ହେଲା ବିରୋଧୀ ଦଳଗୁଡିକ ବିଏସ୍‌ପିକୁ ବିଜେପିର ବି-ଟିମ୍ କହି ଆସୁଥିଲେ। ଉତ୍ତର ପ୍ରଦେଶ ଲୋକସଭା ଏବଂ ବିଧାନସଭା ନିର୍ବାଚନ ପରେ ଏହି ଅଭିଯୋଗ ଲାଗିଥିଲା। ଏହି ନିର୍ବାଚନରେ ବିଏସ୍‌ପି ମହାମେଣ୍ଟର ଅଶେଷ କ୍ଷତି କରିଛି। ୨୦ ଆସନରେ ବିଏସ୍‌ପି ପାଇଥିବା ଭୋଟ ବିଜୟ ବ୍ୟବଧାନଠୁ ଅଧିକ ରହିଛି। ଏଥିରୁ ଏନ୍‌ଡିଏ ୧୮ଟି ଏବଂ ମହାମେଣ୍ଟ ୨ଟି ଆସନ ଜିତିଥିଲା। ୯୦ ପ୍ରତିଶତ ଲାଭ ଏନ୍‌ଡିଏକୁ ମିଳିଥିଲା। ସେହିପରି ଏଆଇଏମଆଇଏମ ୫ଟି ଆସନରେ ଜିତିଥିଲେ ମଧ୍ୟ ୯ଟିରେ ବିଜୟ ବ୍ୟବଧାନଠୁ ଅଧିକ ଭୋଟ ପାଇଥିଲା। ଏଥିରୁ ୬୭ ପ୍ରତିଶତ ଆସନ ଏନ୍‌ଡିଏ ଜିତିଥିବାବେଳେ ୩୩ ପ୍ରତିଶତ ମହାମେଣ୍ଟ ଖାତାକୁ ଯାଇଥିଲା।

ସାମଗ୍ରିକ ଭାବେ ଦେଖିଲେ ଏହି ତିନି ପାଖିଆ ଲଢ଼େଇ ଏନ୍‌ଡିଏକୁ ଲାଭ ଦେଇଥିଲା। ୨୩.୪ ପ୍ରତିଶତ ଭୋଟ ପାଇଥିଲେ ବି ଆରଜେଡି ୨୫ଟିରେ ସୀମିତ ରହିଥିଲା। କିନ୍ତୁ ୨୦.୪ ପ୍ରତିଶତ ଭୋଟ ପାଇଁ ବିଜେପି ଏବଂ ୧୯.୬ ପ୍ରତିଶତର ସହ ଜେଡିୟୁ ତିନି ଗୁଣ ଅଧିକ ଆସନ ହାତେଇ ଥିଲା। ଏନ୍‌ଡିଏ ନିଜ ଭୋଟକୁ ମଜବୁତ କରି ରଖିଥିବାବେଳେ ମହାମେଣ୍ଟର ଭାଗ ଭାଗ ହୋଇ ଯାଇଥିଲା।୨୪୩ରୁ ୬୩ଟିରେ ଜନ ସୁରାଜ, ବିଏସପି ଏବଂ ଏଆଇଏମଆଇଏମର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଥିଲା। ଏଥିରୁ ୪୪ଟି (୭୦%) ଏନ୍‌ଡିଏ ଏବଂ ମହାମେଣ୍ଟ ୧୯ଟି ଜିତିଥିଲା। ମୁଖ୍ୟତଃ ଏନ୍‌ଡିଏ ବିରୋଧୀ ଭୋଟ ଉପରେ ମହାମେଣ୍ଟ ନିର୍ଭରଶୀଳ। କିନ୍ତୁ ଚଳିତ ଥର ନିର୍ବାଚନ ତିନିପାଖିଆ ହୋଇଥିଲା। ବିଏସ୍‌ପି ଦଳିତ ଭୋଟ, ଏଆଇଏମଆଇଏମ ମୁସଲିମ ଭୋଟ ଏବଂ ଜନସୁରାଜ ଯୁବଗୋଷ୍ଠୀ ଓ ବିକାଶ ଚାହୁଁଥିବା ଲୋକଙ୍କ ଭୋଟ ହାତେଇ ନେଇଥିଲା। ଏହା ଫଳରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ବଦଳରେ ଏନ୍‌ଡିଏ ବୃହତ ବିଜୟ ହାସଲ କରିଥିଲା।

# ଦିଲ୍ଲୀ ବିସ୍ଫୋରଣ: ଆଉ ୫ ଡାକ୍ତର ଗିରଫ, ୨୨ ଡାକ୍ତର ଫେରାର

ନୂଆଦିଲ୍ଲୀ, ୧୫।୧୧ (ଏଜେନ୍ସି): ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣକୁ ନେଇ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ଆତଙ୍କବାଦୀଙ୍କ କାରଖାନା ପାଲଟିଥିବା ଫରିଦାବାଦର ଧୌଜ ଗ୍ରାମ ସ୍ଥିତ ଅଲ-ଫଲାହ ବିଶ୍ୱବିଦ୍ୟାଳୟ ଚର୍ଚ୍ଚାର କେନ୍ଦ୍ରରେ ରହିଛି। ଜୀବନ ବଞ୍ଚାଇବାକୁ ଡାକ୍ତର ଗଢୁଥିବା ଏହି ବିଶ୍ୱବିଦ୍ୟାଳୟରେ ନିରୀହଙ୍କ ଜୀବନ ନେବା ପାଇଁ କେମିତି ଆତଙ୍କୀ ଗଢ଼ା ଯାଉଥିଲା ତାହାର ଗୁମର ଫିଟିବାରେ ଲାଗିଛି। ଏହି ବିଶ୍ୱବିଦ୍ୟାଳୟର ୪ ଡାକ୍ତରଙ୍କୁ ପୂର୍ବରୁ ଗିରଫ କରାଯାଇଛି। ଆଜି ଦିଲ୍ଲୀ ପୁଲିସର କ୍ରାଇମବ୍ରାଞ୍ଚ ଏହି ଅଲ-ଫଲାହ ବିଶ୍ୱବିଦ୍ୟାଳୟ ବିରୋଧରେ ଦୁଇଟି ଏତଲା ରୁଜୁ କରିଛି। ଜାଲିଆତି ଏବଂ ଠକେଇ ମାମଲାକୁ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଅନିୟମିତତାକୁ ନେଇ ୟୁଜିସି ଏବଂ ନାକ୍‌ର ଅଭିଯୋଗ କ୍ରମେ ଦିଲ୍ଲୀ ପୁଲିସ ନୋଟିସ ଜାରି କରିଛି ଓ ନିର୍ଦ୍ଦିଷ୍ଟ ପ୍ରମାଣପତ୍ର ମାଗି ତଦନ୍ତ ଆରମ୍ଭ କରିଛି। ଏହା ମଧ୍ୟରେ ଆତଙ୍କବାଦୀ ଲିଙ୍କ୍‌କୁ ନେଇ ଆଜି ୫ ଡାକ୍ତରଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ହରିୟାଣା ନୁହର ୩ ଜଣ, ପଶ୍ଚିମବଙ୍ଗ ଏବଂ ପଞ୍ଜାବରୁ ଜଣେ ଲେଖାଏଁ ଡାକ୍ତର ସାମିଲ ଅଛନ୍ତି।

ଅନ୍ୟପଟେ ଏନ୍‌ଆଇଏ, ଦିଲ୍ଲୀ, ଜମ୍ମୁ-କଶ୍ମୀର, ହରିୟାଣା, ୟୁପି ପୁଲିସ ଅଲ-ଫଲାହରେ ଶନିବାର ପହଞ୍ଚି ଯାଞ୍ଚ କରିଛି। ଅନେକ ଘଣ୍ଟା ପର୍ଯ୍ୟନ୍ତ ଏହି ଯାଞ୍ଚ ଜାରି ରହିଥିଲା। ଇମାମଙ୍କୁ ପଚରାଉଚୁରା ମଧ୍ୟ କରାଯାଇଥିଲା। ଏଠାରେ

■ ୟୁଜିସି ଓ ନାକ ପକ୍ଷରୁ ଅନିୟମିତତା ଅଭିଯୋଗ

■ ଅଲ-ଫଲାହରେ ଚଢ଼ଉ, ଦିଲ୍ଲୀ ପୁଲିସର ଏତଲା ରୁଜୁ

■ 'ଡେଡ୍ ଡ୍ରପ' ଇମେଲରେ କଥା ହେଉଥିଲେ ଆତଙ୍କବାଦୀ

ରହୁଥିବା କଶ୍ମୀର ନାଗରିକଙ୍କ ତାଲିକା ପ୍ରସ୍ତୁତ କରି ଘର ଯାଞ୍ଚ କରାଯାଇଥିଲା। ଆତଙ୍କବାଦୀ ଲିଙ୍କ୍ ସାମ୍ନାକୁ ଆସିବା ପରେ ଏହି ବିଶ୍ୱବିଦ୍ୟାଳୟର ୨୨ ଡାକ୍ତର ଫେରାର ଅଛନ୍ତି। ସେମାନଙ୍କ ମୋବାଇଲ ଫୋନ୍ ସ୍ୱିଚଅଫ୍ ରହିଛି। ବିସ୍ଫୋରଣ ମାମଲାରେ ଗିରଫ ଡ. ମୁଜାମିଲ ସହ ଏହି ଡାକ୍ତରଙ୍କ ସମ୍ପର୍କ ଥିଲା। ସେହିପରି ଏହି ବିଶ୍ୱବିଦ୍ୟାଳୟରେ ପଢୁଥିବା ୪୦ ପ୍ରତିଶତ ଡାକ୍ତର କଶ୍ମୀର ବାସିନ୍ଦା ବୋଲି ଜଣାପଡ଼ିଛି। ୨୦୨୧ ମହିଳା ଆତଙ୍କବାଦୀ ଡ. ସାହିନ ପ୍ରାଧ୍ୟାପିକା ଭାବେ ଏଠାରେ ଯୋଗ ଦେଇଥିଲେ। ତାଙ୍କୁ କଲେଜର ୬ ସଦସ୍ୟ ବିଶିଷ୍ଟ ଫାର୍ମାକୋ ଭିଜିଲାନ୍ସ କମିଟିରେ ଗୁରୁତ୍ୱପୂର୍ଣ୍ଣ ପଦ ଦିଆଯାଇଥିଲା। ସେ ହିଁ ୨୦୨୨ରେ ପୁଲୱାମା ଡ. ମଜାମିଲ ଗନି, ଡ. ଉମର ନବି, ଡ.ସଜାଦ ଅହମ୍ମଦକୁ ଚାକିରି ଦେଇଥିଲା। ଅଲ-ଫଲାହରେ ସାହିନ ଏବଂ ସଜାଦର ବହୁତ ପ୍ରଭାବ ଥିଲା। ସେହିପରି ଅଭିଯୁକ୍ତ ମୁଜାମିଲ ଏବଂ ଉମର ସହ ସମ୍ପର୍କ ରଖିଥିବା ଡ. ମୁସ୍ତକିମକୁ ଧରିବା ପାଇଁ ତଲାସୀ ଅଭିଯାନ ଜାରି ରହିଛି।

ଦିଲ୍ଲୀ ବିସ୍ଫୋରଣରେ ସାମିଲ ଏହି ଆତଙ୍କବାଦୀ ପରସ୍ପର ମଧ୍ୟରେ କଥା ହେବାକୁ ଏବଂ ଷଡ଼ଯନ୍ତ୍ର ପାଇଁ 'ଡେଡ୍ ଡ୍ରପ୍' ଇ-ମେଲ ବ୍ୟବହାର କରୁଥିଲେ। ଏଥିରେ ଇମେଲର ଡ୍ରାଫ୍ଟ ଫୋଲ୍ଡରକୁ ସେଭ କରିଦିଆଯାଇଥାଏ। ପରେ ଏହାକୁ ପଢିବା ପାଇଁ ଅନ୍ୟ ଜଣେ ଲଗ୍ ଇନ କରିଥାଏ। ଏହାର ଡିଜିଟାଲ ଫୁଟପ୍ରିଣ୍ଟର ସନ୍ଧାନ କରିବା ଅତ୍ୟନ୍ତ କଷ୍ଟସାଧ୍ୟ। ତଦନ୍ତରୁ ଜଣାପଡ଼ିଛି ଯେ ଟେରର ମଡ୍ୟୁଲୋରେ ସାମିଲ ଡାକ୍ତର ପରସ୍ପରକୁ ଇ-ମେଲ ପଠାଉ ନ ଥିଲେ। ଅନ୍ୟପକ୍ଷରେ ମହିଳା ଆତଙ୍କବାଦୀ ଡ. ସାହିନ ବିସ୍ଫୋରଣ ପରେ ଦେଶ ଛାଡ଼ି ପଳାଇବାକୁ ଯୋଜନା କରିଥିଲା। ସେ ଦିଲ୍ଲୀ ବିସ୍ଫୋରଣର ସାତ ଦିନ ପୂର୍ବରୁ ପାସ୍‌ପୋର୍ଟ ଯାଞ୍ଚ କରାଇ ଥିଲା। ସାହିନର କୋଡନେମ 'ମ୍ୟାଡାମ ସର୍ଜନ' ଥିଲା।

## ଶିଶୁକୁ ହତ୍ୟା କଲେ ୪ ଜଣ ମାଉସୀ

ଯୋଧପୁର, ୧୫ ।୧୧(ଏଜେନ୍ସି): ରାଜସ୍ଥାନର ଯୋଧପୁରରେ ଏକ ୧୭ ଦିନର ନୀରିହ ଶିଶୁକୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଶିଶୁର ୪ ଜଣ ମାଉସୀ ହତ୍ୟା କରିଛନ୍ତି ବୋଲି ଅଭିଯୋଗ ହୋଇଛି। ୪ ଜଣଙ୍କୁ ଗିରଫ କରାଯାଇ ପଚରା ଉଚରା କରାଯାଉଛି। ପ୍ରଥମେ ହାତଗୋଡ ଭାଙ୍ଗିବା ପରେ ଶିଶୁର ତଣ୍ଟି ଚିପି ହତ୍ୟା କରାଯାଉଛି ବୋଲି ତା'ର ପିତା ଅଭିଯୋଗ କରିଛନ୍ତି। ଶିଶୁଟିର ଚୁଟି ମଧ୍ୟ ଟଣା ଯାଇଥିଲା। ଗୁଣିଗାରେଡ଼ି କାରଣରୁ ଶିଶୁକୁ ହତ୍ୟା କରାଯାଇଛି ବୋଲି ପୁଲିସ ସନ୍ଦେହ କରୁଛି। ନେହରୁ ନଗର କଲୋନୀରେ ଏହି ଘଟଣା ଘଟିଛି। ପତି ପୁନାରାମ ଓ ପତ୍ନୀ ସୁମନ ୧୭ ଦିନ ତଳେ ପିତାମାତା ହେବାର ସୌଭାଗ୍ୟ ଲାଭ କରିଥିଲେ। ଶୁକ୍ରବାର ରାତିରେ ସୁମନ ଗାଧୁଆଘର ଯାଇଥିବା ବେଳେ ତାଙ୍କର ୪ ଭଉଣୀ ପୁଅ ପ୍ରତ୍ୟୁଷକୁ ହତ୍ୟା କରିଥିଲେ। ମୋର ଶ୍ୱଶୁର ଘର ଲୋକେ ଅନ୍ଧବିଶ୍ୱାସି ରହିଆସିଛନ୍ତି। ଏହି କାରଣରୁ ୪ ଜଣ ମାଉସୀ ସାଥି ହୋଇ ପୁଅକୁ ହତ୍ୟା କରିଛନ୍ତି ବୋଲି ପୁନାରାମ ଅଭିଯୋଗ କରିଛନ୍ତି। ପୁନାରାମଙ୍କ ଶ୍ୱଶୁର ତଥା ସୁମନଙ୍କ ପିତା ଦିଲ୍ଲୀରେ ବାୟୁସେନାରେ କାର୍ଯ୍ୟକରନ୍ତି। ତାଙ୍କ ୭ ଝିଅ ଓ ଗୋଟିଏ ପୁଅ ରହିଛନ୍ତି। ସୁମନ ତାଙ୍କର ଦ୍ୱିତୀୟ ଝିଅ। ଶିଶୁର ୪ ମାଉସୀଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ନ୍ୟାସନାଲ ଫ୍ୟାମିଲ ହେଲଥ ସର୍ଭେ ଅନୁସାରେ ୨୦୨୨ରେ ଶିଶୁ ମୃତ୍ୟୁହାର ୩୯ ପ୍ରତିଶତ ରହିଛି। କିନ୍ତୁ ୨୦୨୩ରେ ଏଥିରେ ସୁଧାର ହୋଇଛି ଓ ହାର ୨୯ ପ୍ରତିଶତ ରହିଛି।

# ଗାଜା ଦୁଇ ଭାଗ କରିବାକୁ ଆମେରିକାର ଯୋଜନା

ୱାସିଂଟନ, ୧୫ ।୧୧(ଏଜେନ୍ସି): ଆମେରିକା ଗାଜାକୁ ଦୁଇ ଭାଗରେ ବିଭକ୍ତ କରିବାକୁ ପ୍ରସ୍ତୁତି କରୁଛି। ଏଥିପାଇଁ ଏକ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରାଯାଉଛି। ଗୋଟିଏ ଭାଗ ଇଣ୍ଟରନ୍ୟାସନାଲ ଫୋର୍ସ (ଆଇଏସ୍‌ଏଫ୍) ଓ ଇସ୍ରାଏଲ ସେନାର ନିୟନ୍ତ୍ରଣରେ ରହିବ ଓ ଏହାକୁ ଗ୍ରୀନ୍ ଜୋନ କୁହାଯିବ। ଅନ୍ୟପଟେ ପାଲେଷ୍ଟାଇନ ନାଗରିକ ରହୁଥିବା ଅଞ୍ଚଳକୁ ଭଗ୍ନାବଶେଷ ସ୍ଥଳି ଭାବେ ରହିବାକୁ ଦିଆଯିବ ଓ ଏହାକୁ ରେଡ୍ ଜୋନ ବୋଲି କୁହାଯିବ। ପାଖାପାଖି ସବୁ ପାଲେଷ୍ଟାଇନ ନାଗରିକ ରେଡ୍ ଜୋନକୁ ବିସ୍ଥାପିତ ହୋଇଛନ୍ତି। ବ୍ରିଟେନ ଜଣାଶୁଣା ଖବର କାଗଜ 'ଦି ଗାର୍ଡିଆନ୍' ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ଆମେରିକୀୟ ସେନାର ଗୁଇନ୍ଦା କାଗଜପତ୍ର ଓ ଅଧିକାରୀମାନଙ୍କ ବ୍ୟକ୍ତିଗତ ମନ୍ତବ୍ୟକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ରିପୋର୍ଟ ଅନୁସାରେ ଏହି ଯୋଜନାକୁ ଲାଗୁ କରିବାର ପ୍ରକ୍ରିୟା ଆରମ୍ଭ ହୋଇସାରିଛି ବୋଲି କୁହାଯାଉଛି।



■ ଗ୍ରୀନ ଜୋନ୍‌ରେ ଇସ୍ରାଏଲ୍‌ର ନିୟନ୍ତ୍ରଣ

■ ପାଲେଷ୍ଟାଇନ୍ ନାଗରିକଙ୍କୁ ରେଡ୍ ଜୋନ୍

ଗାଜାର ପୂର୍ବ ଅଂଶକୁ ଗ୍ରୀନ୍ ଓ ପଶ୍ଚିମ ପଟକୁ ରେଡ୍ ଜୋନ୍‌ରେ ବିଭକ୍ତ କରାଯିବ। ଗ୍ରୀନ୍ ଜୋନରେ ଇସ୍ରାଏଲ ସମେତ ବିଦେଶୀ ସୈନିକ ମଧ୍ୟ ନିୟୋଜିତ ହେବେ। ପ୍ରଥମେ କେତେଶହ ସୈନିକଙ୍କୁ ଓ ପରେ ଏହି ସଂଖ୍ୟାକୁ ୨୦ ହଜାରକୁ ବୃଦ୍ଧି କରାଯିବ। କୌଣସି ବିଦେଶୀ ସୈନିକଙ୍କୁ ଗ୍ରୀନ୍ ଜୋନ ବାହାରକୁ ଯିବା ପାଇଁ ଅନୁମତି ଦିଆଯିବ ନାହିଁ। ଅନ୍ୟପଟେ ରେଡ୍ ଜୋନ୍ ଯୁଦ୍ଧ ଯୋଗୁଁ ବହୁତ କ୍ଷତିଗ୍ରସ୍ତ ହୋଇ ଧ୍ୱଂସସ୍ତୁପରେ ପରିଣତ ହୋଇଛି। ଏଠାରେ କୌଣସି ପୁନଃନିର୍ମାଣ କାର୍ଯ୍ୟ କରାଯିବ ନାହିଁ। ଏହି ଜୋନରେ ୨୦ ଲକ୍ଷ ପାଲେଷ୍ଟାଇନ୍ ନାଗରିକ ଫସି ରହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ହୋଇଥିବା ଅସ୍ତ୍ରବିରତି ଚୁକ୍ତିକୁ ନେଇ ଏହି ଯୋଜନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଗାଜାକୁ ଏକାଠି କରି ପାଲେଷ୍ଟାଇନ୍ ଶାସନ ଲାଗୁ କରାଯିବ ବୋଲି ଟ୍ରମ୍ପ ପ୍ରଶାସନ ତରଫରୁ କୁହାଯାଇଛି।

## ଜିଅନ୍ତା ଜଳିଗଲେ ପରିବାରର ୫ ସଭ୍ୟ

ମୁଜାଫରପୁର, ୧୫ ।୧୧(ଏଜେନ୍ସି): ବିହାରର ମୁଜାଫରପୁରରେ ଗୋଟିଏ ପରିବାରର ୫ ସଦସ୍ୟ ଜିଅନ୍ତା ଜଳିଯିବା ସହ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ ସ୍ୱାମୀ-ସ୍ତ୍ରୀ, ସେମାନଙ୍କ ଦୁଇ ପିଲା ଓ ମା ସାମିଲ ରହିଛନ୍ତି। ଏହି ଘଟଣାରେ ଅନ୍ୟ ୫ ଜଣ ମଧ୍ୟ ଜଳିଯାଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି ଓ ଏମାନଙ୍କୁ ଚିକିତ୍ସା ପାଇଁ ଶ୍ରୀ କ୍ରିଷ୍ଣା ମେଡିକାଲ କଲେଜ (ଏସ୍‌କେଏମ୍‌ସି)ରେ ଭର୍ତ୍ତି କରାଯାଇଛି। ଆହତଙ୍କ ଶରୀରର ୯୮ ପ୍ରତିଶତ ଜଳିଯାଇଛି। ସେହିପରି ଜଣେ ଯୁବକ ମାମୁଲି ଭାବେ ଆହତ ହୋଇଛନ୍ତି ଓ ମୋତିପୁର ପିଏଚ୍‌ସିରେ ତାଙ୍କୁ ଚିକିତ୍ସା କରାଯାଉଛି। ମୋତିପୁରର ୧୩ ନଂ ୱାର୍ଡରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଘରେ ନିଆଁ ଲାଗିଥିଲା। ସେତେବେଳେ ପରିବାର ଲୋକେ ଶୋଇ ରହିଥିଲେ। ଫଳରେ ସେମାନେ ନିଜକୁ ରକ୍ଷା କରିବାର ସୁଯୋଗ ପାଇ ନଥିଲେ। ତୃତୀୟ ମହଲାରେ ନିଆଁ ଲାଗିଥିଲା। ଏଥିରେ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ଆହତ ହୋଇଛନ୍ତି ବୋଲି ସ୍ଥାନୀୟ ଡିଏସ୍‌ପି ସୁଚିତ୍ରା କୁମାରୀ କହିଛନ୍ତି। ଏହି ଘଟଣା ଯାଞ୍ଚ୍ କରାଯାଉଛି। ସର୍ଟ ସର୍କିଟ କାରଣରୁ ଏହି ନିଆଁ ଲାଗିଥିଲା ବୋଲି ଆଶଙ୍କା କରାଯାଉଛି।

### ରାଜ୍ୟରେ ଚିନ୍ତାଜନକ ସ୍ଥିତିରେ ଦୁର୍ଘଟଣା

# ଦିନକୁ ଗଡ଼ୁଛି ୧୬ ମୁଣ୍ଡ

ଭୁବନେଶ୍ୱର,୧୫ ।୧୧(ସମିସ): ରାଜ୍ୟରେ ସଡ଼କ ଦୁର୍ଘଟଣା ଏବେ ସମସ୍ତଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ପରିବହନ ବିଭାଗଠାରୁ ଆରମ୍ଭ କରି ଟ୍ରାଫିକ୍ ପୁଲିସ ପର୍ଯ୍ୟନ୍ତ, ସବୁ ସ୍ତରରେ କଡ଼ାକଡ଼ି ଯାଞ୍ଚ ହେଉଥିଲେ ବି ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ହାରରେ ରୋକ୍

- ଗତବର୍ଷ ତୁଳନାରେ ବଢ଼ିଛି ୬.୭୫ ପ୍ରତିଶତ
- ୧୦ ବର୍ଷରେ ମଲେଣି ୪୮ ହଜାର
- ଫାଶ ବସାଇଛି ପର୍ଯ୍ୟଟନ ଋତୁ
- ରାଜ୍ୟରେ ୧୯୫ ବ୍ଲାକସ୍ପଟ୍ ଚିହ୍ନଟ

ଲାଗିପାରୁନି । ଯେତିକି ମରୁଛନ୍ତି, ତା'ଠାରୁ ଢେର୍ ଅଧିକ ସବୁଦିନ ପାଇଁ ପଙ୍ଗୁ ହୋଇଯାଉଛନ୍ତି । ସରକାରୀ ତଥ୍ୟ ମୁତାବକ, ପ୍ରତିବର୍ଷ ଦେଶରେ ଦେଢ଼ଲକ୍ଷ ଲକ୍ଷ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି । ଏ ଅଲୋଡ଼ା ରେକର୍ଡରେ ଓଡ଼ିଶାର ଭାଗ ଅଧିକ । ଦୁର୍ଘଟଣା ରାଜ୍ୟରେ ପ୍ରତିବର୍ଷ ୫ ହଜାର ଜୀବନ ନେଉଛି । ଗତ ୧୦ ବର୍ଷର ତଥ୍ୟ ଉପରେ ଆଖି ପକାଇଲେ, ରାଜ୍ୟରେ ଏହା(ଦୁର୍ଘଟଣା) ମହାମାରୀଠାରୁ ବି ଭୟଙ୍କର ବୋଲି ଜଣାଯାଇଛି । ଏହି ଅବଧି ମଧ୍ୟରେ ଓଡ଼ିଶାରେ ୪୮ ହଜାରରୁ ଅଧିକ ଲୋକଙ୍କ ଜୀବନ ନେଇଛି ଦୁର୍ଘଟଣା । ଖାଲି ସେତିକି ନୁହେଁ, ଏକ ଲକ୍ଷରୁ ଅଧିକ ଲୋକେ ଗୁରୁତର ଆହତ ହୋଇଛନ୍ତି । ଏହି ଆଧାରରେ ଦେଖିବାକୁ ଗଲେ, ଦୁର୍ଘଟଣାରେ ରାଜ୍ୟରେ ଦିନକୁ ହାରାହାରି ୧୬ ଜଣଙ୍କ ମୁଣ୍ଡ ଗଡ଼ୁଛି ।

୨୦୨୩ ମସିହାରେ ରାଜ୍ୟରେ ମୋଟ ୧୧ହଜାର




୯୯୨ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୫ହଜାର ୭୩୯ଟି ଅମୂଲ୍ୟ ଜୀବନ ଯାଇଛି । ସେହିପରି ଗତବର୍ଷ ରାଜ୍ୟରେ ୧୨ ହଜାର ୩୭୫ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୬ ହଜାର ୧୪୨ଜଣ ପ୍ରାଣ ହରାଇଛନ୍ତି । ଚଳିତବର୍ଷ ଅର୍ଥାତ୍ ୨୦୨୫ ଜୁଲାଇ ମଧ୍ୟରେ ୭୫୩୬ଟି ସଡ଼କ ଦୁର୍ଘଟଣାରେ ୩ ହଜାର ୮୯୧ ଲୋକ ମୃତ୍ୟୁବରଣ କରିଛନ୍ତି । ୨୦୨୪ ଓ ୨୦୨୫ର ଜାନୁୟାରୀରୁ ଜୁଲାଇ ମାସ ମଧ୍ୟରେ ହୋଇଥିବା ଦୁର୍ଘଟଣା ତଥ୍ୟ ତୁଳନା କରିବା ପରେ ସାଙ୍ଘାତିକ କଥା ପଦାକୁ ଆସିଛି । ଗତବର୍ଷ ତୁଳନାରେ ଚଳିତବର୍ଷ ରାଜ୍ୟରେ ଦୁର୍ଘଟଣା ହାର ୬.୭୫ ପ୍ରତିଶତ ବୃଦ୍ଧି ପାଇଛି । ଦୁର୍ଘଟଣା ହାର ବୃଦ୍ଧି ପାଇବା ରାଜ୍ୟରେ ସଡ଼କ ଦୁର୍ଘଟଣାର ଚିନ୍ତାଜନକ ସ୍ଥିତି ସାମ୍ନାକୁ ଆସିଛି ।

ସେପଟେ ୨୦୨୩ ମସିହା ତଥ୍ୟକୁ ଦେଖିଲେ, ସମୁଦାୟ ଦୁର୍ଘଟଣାର ୩୭ ପ୍ରତିଶତ ଦୁର୍ଘଟଣା ଜାତୀୟ ରାଜପଥରେ ଘଟିଛି । ଆଉ ୩୭ ପ୍ରତିଶତ ବା ପ୍ରାୟ ୨୧୦୦ ଜଣ ଜାତୀୟ ରାଜପଥରେ ହିଁ ପ୍ରାଣ ହରାଇଛନ୍ତି । ସେହିବର୍ଷ ଅକ୍ଟୋବରରୁ ଫେବୃୟାରୀ ମଧ୍ୟରେ ସର୍ବାଧିକ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ହୋଇଥିବା ତଥ୍ୟରୁ ଜଣାପଡ଼ିଛି । ଏଭଳି ହେବାର କାରଣ ମଧ୍ୟ ଆଶ୍ଚର୍ଯ୍ୟଜନକ । ଅକ୍ଟୋବରରୁ ଫେବୃୟାରୀ ମଧ୍ୟରେ ପର୍ଯ୍ୟଟନ ଋତୁ ହୋଇଥିବାରୁ ଜାତୀୟ ରାଜପଥରେ ଅଧିକ ଗାଡ଼ି ଚଳାଚଳ କରୁଛି । ଲୋକମାନେ ବଣଭୋଜି ଓ ତୀର୍ଥସ୍ଥଳୀ ସ୍ଥଳକୁ ଯାଉଥିବା ବେଳେ କୁହୁଡ଼ି ଯୋଗୁଁ ରାସ୍ତା ଠିକ୍‌ରେ ଦୃଶ୍ୟମାନ ହେଉନାହିଁ । ଫଳରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି । ସେହିପରି ରାଜପଥରେ ବେଆଇନ ପାର୍କିଂ ଓ ମଦ୍ୟପାନ ଜନିତ ଗାଡ଼ି ଚାଳନା ଏହାର ଅନ୍ୟତମ କାରଣ । ରାଜ୍ୟରେ ୧୯୫ଟି ବ୍ଲାକସ୍ପଟ୍ ଚିହ୍ନଟ ହୋଇଥିବା ବେଳେ ସେଠାରେ ଯେପରି ଭାବେ ସତର୍କତା ଅବଲମ୍ବନ କରିବା କଥା, ତାହା କରାନଯିବା ମଧ୍ୟ ଆଉ ଏକ କାରଣ ବୋଲି କୁହାଯାଉଛି ।

## ଆଜିଠୁ ଶୂନ୍ୟ ମୃତାହତ ପକ୍ଷ

ଭୁବନେଶ୍ୱର, ୧୫ ।୧୧(ସମିସ): ଆସନ୍ତା ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଶୂନ୍ୟ ମୃତାହତ ପକ୍ଷ ପାଳନ ହେବ । ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏନେଇ ସାରା ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ସମୟରେ, ୪ଟି 'ଇ' ଯଥା- ଏନଫୋର୍ସମେଣ୍ଟ, ଇଂଜିନିୟରିଂ, ଏଜୁକେସନ୍ ଓ ଏମର୍ଜେନ୍ସି କେୟାର୍‌କୁ ପ୍ରାଧାନ୍ୟ ଦିଆଯିବ । ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଆଜି ଏହି ସୂଚନା

- ନିୟମ ଉଲ୍ଲଙ୍ଘକାରୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି
- ମୃତାହତ ସଂଖ୍ୟା ହ୍ରାସ ପାଇଁ ବ୍ୟାପକ ଜନସଚେତନତା କରାଯିବ: ମନ୍ତ୍ରୀ

ଦେଇଛନ୍ତି । ଆଜି ଏ ସମ୍ପର୍କରେ ଅନୁଷ୍ଠିତ ଏକ ବୈଠକରେ ମନ୍ତ୍ରୀ ଶ୍ରୀ ଜେନା ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏବଂ ପରିବହନ କମିଶନର ଅମିତାଭ ଠାକୁରଙ୍କ ସହ ଆଲୋଚନା କରିଛନ୍ତି । ଶୂନ୍ୟ ମୃତାହତ ପକ୍ଷ ପାଳନକୁ ସଫଳ କରିବା ନେଇ ମନ୍ତ୍ରୀ ଶ୍ରୀ ଜେନା ବିଭିନ୍ନ ପରାମର୍ଶ ଦେଇଛନ୍ତି ।

## ଯୌନାଙ୍ଗ କାଟି ଯୁବକଙ୍କୁ ହତ୍ୟା

ବୀରମହାରାଜପୁର,୧୫।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ରଥପୁର ଛକ ନିକଟସ୍ଥ ରୁଗୁଡ଼ିମୁଣ୍ଡା ବନ୍ଧ ହିଡ଼ରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକଜଣଙ୍କ ଭଜବଲପୁର ଗାଁର ରକେଶ ବରିହା(୨୫) ବୋଲି ଜଣାପଡ଼ିଛି । ସୂଚନାନୁଯାୟୀ, ସକାଳୁ ବନ୍ଧହିଡରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ରାସ୍ତାରେ ଯାଉଥିବା କିଛି ଲୋକ ଦେଖି ପୁଲିସକୁ ଖବର ଦେଇଥିଲେ । ଖବର ପାଇ ବୀରମହାରାଜପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତନାଘନା ଚଳାଇଥିଲେ । କିଛି ଲୋକ ସକାଳ ସାଢ଼େ ୪ଟାରେ ମର୍ଣ୍ଣିଂୱାର୍କରେ ଗଲା ବେଳେ ଏହି ବନ୍ଧ ପାଖରେ ଏକ ବଲୋରୋ ଗାଡ଼ି ଛିଡ଼ା ହୋଇଥିବା ଦେଖିଥିଲେ । ମୃତ ଯୁବକଙ୍କ ମୁଣ୍ଡ ଓ ବାମ ଆଖିରେ ଆଘାତ ଲାଗିଥିବା ବେଳେ ତାଙ୍କ ଯୌନାଙ୍ଗକୁ କାଟି ଦିଆଯାଇଥିବା ଜଣାପଡ଼ିଛି । ପୁଲିସ ଶବକୁ ଜବତ କରି ଏକ ମାମଲା ରୁଜୁ କରିଛି ।

### ରୁଗୁଡ଼ିମୁଣ୍ଡା ବନ୍ଧହିଡ଼ରୁ ମୃତଦେହ ଉଦ୍ଧାର

ଅପରାହ୍ଣରେ ମୃତକଙ୍କ ପରିବାରକୁ ଶବ ବ୍ୟବଚ୍ଛେଦ ପରେ ହସ୍ତାନ୍ତର କରାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟା ଘଟଣାର ପ୍ରକୃତ ତଥ୍ୟ ଜଣାପଡ଼ିବ । ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ବୀରମହାରାଜପୁର ଥାନା ଅଧିକାରୀ କହିଛନ୍ତି ।

## ସୃଷ୍ଟି ହେଲା ୪୪୩୩ଟି ନର୍ସିଂ ଅଫିସର ପଦ

ଭୁବନେଶ୍ୱର,୧୫।୧୧(ସମିସ): ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଅଧିକ ଶୃଙ୍ଖଳିତ ଏବଂ ଲୋକାଭିମୁଖୀ କରିବା ପାଇଁ ୪୪୩୩ ଟି ନୂତନ 'ନର୍ସିଂ ଅଫିସର' ପଦ ସୃଷ୍ଟି କରିଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅନୁମୋଦନ ପରେ ଓଡ଼ିଶା ନର୍ସିଂ ସେବା କ୍ୟାଡର୍‌ର ଏହି ପଦଗୁଡ଼ିକ ସୃଷ୍ଟି କରାଯାଇଛି । ଏହି ପଦାଧିକାରୀମାନେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସବ୍ ହେଲ୍‌ଥ ସେଣ୍ଟରଗୁଡ଼ିକରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଭାବେ କାର୍ଯ୍ୟ କରିବେ । ଏହି ନୂଆ ପଦବୀ ସୃଷ୍ଟିକୁ ଅର୍ଥ ବିଭାଗର ସହମତି ମିଳିଥିବାବେଳେ ଖୁବ୍ ଶୀଘ୍ର ପରୀକ୍ଷା, ପ୍ରଶିକ୍ଷଣ ଓ ନିଯୁକ୍ତି ନେଇ ବିଭାଗ ପକ୍ଷରୁ ନିୟମାବଳୀ ପ୍ରକାଶ କରାଯିବ ।

### ରାଜ୍ୟସ୍ତରୀୟ ଜନଜାତୀୟ ଗୌରବ ଦିବସ

## ସ୍ୱାଧୀନତା ସଂଗ୍ରାମରେ ବିର୍ସା ମୁଣ୍ଡା ଏକ ସ୍ୱତନ୍ତ୍ର ଫର୍ଦ୍ଦ ଯୋଡ଼ିଥିଲେ: ମୁଖ୍ୟମନ୍ତ୍ରୀ

ରାଉରକେଲା, ୧୫ ।୧୧ (ସମିସ): ଜଣେ ଦେଶପ୍ରେମୀ ସଂଗ୍ରାମୀ ଭାବେ ବିର୍ସା ମୁଣ୍ଡା ଭାରତ ଇତିହାସରେ ସବୁଦିନ ପାଇଁ ଅମର ହୋଇ ରହିଛନ୍ତି । ବ୍ରିଟିଶ୍ ସରକାରର ଅନ୍ୟାୟ, ଅତ୍ୟାଚାରକୁ ସେ ଦୃଢ଼ ବିରୋଧ କରୁଥିଲେ । ବିହାର, ଝାଡ଼ଖଣ୍ଡ ଅଞ୍ଚଳର ସଂଗ୍ରାମୀମାନଙ୍କୁ ନେଇ ଏକ ବଡ଼ଧରଣର ବିପ୍ଳବ କରି ସେ ଦେଶର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ସ୍ୱତନ୍ତ୍ର ଫର୍ଦ୍ଦ ଯୋଡ଼ିଥିଲେ । ସହିଦ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ଅବସରରେ ରାଉରକେଲାଠାରେ ଆୟୋଜିତ ରାଜ୍ୟସ୍ତରୀୟ 'ଜନଜାତୀୟ ଗୌରବ ଦିବସ'ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି ।



- ୧୩୪୫ କୋଟିର ପ୍ରକଳ୍ପ ଉଦ୍‌ଘାଟନ
- ହନୁମାନ ବାଟିକା-ପାୱାର ହାଉସ୍ ରାସ୍ତା ଭଗବାନ ବିର୍ସା ମୁଣ୍ଡାଙ୍କ ନାମରେ ନାମିତ

ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ କିଶୋର ବୟସରୁ ବିର୍ସା ଉପନିବେଶବାଦୀ ଶୋଷଣ ବିରୋଧୀ ଜନପ୍ରତିରୋଧର ନେତୃତ୍ୱ ନେଇଥିଲେ । ବ୍ରିଟିଶ୍ ଶାସନ ଓ ସ୍ଥାନୀୟ ଜମିଦାରଙ୍କ ଶୋଷଣ ଓ ଅତ୍ୟାଚାରରେ ନିଷ୍ପେସିତମାନଙ୍କ ସାମାଜିକ ଓ ଆର୍ଥିକ ଅଧିକାର ପାଇଁ ଲଢ଼େଇ ଜାରି ରଖିଥିଲେ । ବିର୍ସାଙ୍କ ବିଦ୍ରୋହ ଝାଡ଼ଖଣ୍ଡ, ଓଡ଼ିଶା, ବିହାର, ପଶ୍ଚିମବଙ୍ଗ ଏବଂ ମଧ୍ୟପ୍ରଦେଶ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା । ଇଂରେଜ ସରକାର ବିରୋଧରେ ତାହା ଏକ ବିରାଟ ଆଦିବାସୀ ଆନ୍ଦୋଳନର ରୂପ ନେଇଥିଲା ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ ଜିଲ୍ଲା ପାଇଁ ୧୩୪୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ୬୦୯ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହାସହ ରାଉରକେଲା ସହରର ହନୁମାନ ବାଟିକା ଛକରୁ ପାୱାର ହାଉସ୍ ଛକ ପର୍ଯ୍ୟନ୍ତ ରାସ୍ତାକୁ ଭଗବାନ ବିର୍ସା ମୁଣ୍ଡା ରାସ୍ତା ଭାବେ ନାମିତ କରିଛନ୍ତି ।

କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ । ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ୍ ସ୍ୱାଗତ ଭାଷଣ ଦେଇଥିଲେ । ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟରୁ ସହିଦ ବିର୍ସା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଛନ୍ତି ।

### ଏସ୍‌ଆଇ ଚାକିରି ବିକ୍ରି ଘଟଣା

## ତୁରନ୍ତ ପରୀକ୍ଷା ଦାବିରେ ଆଶାୟୀଙ୍କ ଆନ୍ଦୋଳନ

ଭୁବନେଶ୍ୱର,୧୫ ।୧୧(ସମିସ): ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ରାକେଟ୍ ଧରା ପଡ଼ିଲା; କ୍ରାଇମ୍‌ବ୍ରାଞ୍ଚ ଠାରୁ ତଦନ୍ତ ଭାର ସିବିଆଇ ନେଲା । ହେଲେ ପରୀକ୍ଷା କେବେ ହେବ ଏବଂ କିଏ ପରୀକ୍ଷା ପରିଚାଳନା କରିବ ସେ ସମ୍ପର୍କରେ କେହି ପଦୁଟିଏ କହୁନାହାନ୍ତି । ବାରମ୍ବାର ଦାବି ସତ୍ତ୍ୱେ ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ପକ୍ଷରୁ କୌଣସି ଉତ୍ତର ନ ପାଇବା ପରେ ଆଶାୟୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଭୁବନେଶ୍ୱରରେ ଥିବା ଓପିଆର୍‌ବି କାର୍ଯ୍ୟାଳୟ ସମ୍ମୁଖରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆନ୍ଦୋଳନ କରୁଥିବା ଆଶାୟୀମାନେ ପରୀକ୍ଷା କେବେ ହେବ, ସେନେଇ ସ୍ପଷ୍ଟୀକରଣ ଦେବାକୁ ଦାବି କରିଛନ୍ତି ।

ଆଶାୟୀଙ୍କ କହିବା କଥା, ଚାକିରି ବିକ୍ରି ଘଟଣାରେ ସିବିଆଇ ତଦନ୍ତ ଆରମ୍ଭ କରିଛି । ରାକେଟ୍‌ର ମୂଳ ପର୍ଯ୍ୟନ୍ତ ତଦନ୍ତକାରୀ ସଂସ୍ଥା କେବେ ପହଞ୍ଚିବ ଓ କେବେ ତଦନ୍ତ ସରିବ, ସେନେଇ କୌଣସି ସ୍ପଷ୍ଟତା ନାହିଁ । ୨୦୨୪ ଡିସେମ୍ବରରେ ୯୩୩ଟି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ



- ଆଶାୟୀଙ୍କ ସହ ଆଲୋଚନା କଲେନି ଓପିଆର୍‌ବି ଅଧ୍ୟକ୍ଷ
- ଅଧ୍ୟକ୍ଷଙ୍କୁ ପଦଚ୍ୟୁତ କରି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଦାବି

ପାଇବାକୁ ପ୍ରାୟ ବର୍ଷେ ପୂରିବ । ଏହାରି ମଧ୍ୟରେ ଦୁଇ ଥର ପରୀକ୍ଷା ବାତିଲ୍ ହେଲାଣି । ଅନିଶ୍ଚିତତା ମଧ୍ୟରେ ଥିବା ଏହି ପରୀକ୍ଷା ପାଇଁ ପଢ଼ିବା ସହ ଶାରିରୀକ ପ୍ରସ୍ତୁତି ଜାରି ରଖିବା ପିଲାଙ୍କ ମାନସିକ ସ୍ଥିତିକୁ ଦୁର୍ବଳ କରୁଛି । ଗୋଟିଏ ପଟେ ତଦନ୍ତ ଚାଲୁଥିବାବେଳେ ସମାନ୍ତରାଳ ଭାବେ ପୁନଃ ପରୀକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉନି । ଏଣୁ ତ୍ୱରିତ ପରୀକ୍ଷା ପାଇଁ ପଦକ୍ଷେପ ନେବା ସହ ପରୀକ୍ଷା କେବେ ହେବ ସେନେଇ ଲିଖିତ ଭାବେ ଜଣାଇବାକୁ ଆଶାୟୀମାନେ ଦାବି କରିଛନ୍ତି । ସକାଳୁ ଆନ୍ଦୋଳନରେ ବସିଥିବା ଆଶାୟୀଙ୍କ ସହ ବିଳମ୍ବିତ ରାତି ଅର୍ଥାତ୍ ଖବର ଲେଖା ହେବା ପର୍ଯ୍ୟନ୍ତ ଓପିଆର୍‌ବି ଅଧ୍ୟକ୍ଷ ଆଲୋଚନା ନ କରିବାକୁ ନେଇ ଆଶାୟୀମାନେ ଅସନ୍ତୋଷ ଝାଡ଼ିଛନ୍ତି । ବ୍ୟାପକ କେଲେଙ୍କାରୀରେ ସମ୍ପୃକ୍ତ ଓପିଆର୍‌ବି ଅଧ୍ୟକ୍ଷଙ୍କୁ ପଦଚ୍ୟୁତ କରି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସେମାନେ ଦାବି କରିଛନ୍ତି ।

ସରକାର ଗଠନ ଠାରୁ ଦୁଇ ବର୍ଷ ମଧ୍ୟରେ ୬୫ ହଜାର ନିଯୁକ୍ତି ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ହେଲେ ଦୀର୍ଘ ବର୍ଷେ ହେବ କୌଣସି ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ । ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କ ଜୀବନ ସହ ଖେଳିବାର ଅଧିକାର କାହାର ନାହିଁ; ସରକାର ମଧ୍ୟ ସେମାନଙ୍କ ଜୀବନ ସହ ଖେଳିବାକୁ ପ୍ରୟାସ ନ କରନ୍ତୁ ବୋଲି ଆଶାୟୀମାନେ ଚେତାବନୀ ଦେଇଛନ୍ତି ।

### ବିଲରେ ଜମିଛି ପାଣି

## ଗଜା ଧାନରେ ନିଆଁ ଲଗାଇଦେଲେ ଚାଷୀ

ଧରାକୋଟ,୧୫ ।୧୧(ସମିସ): ଚଳିତ ବର୍ଷ ଆବଶ୍ୟକତାଠାରୁ ଅଧିକ ବର୍ଷା ହେବାରୁ ଚାଷୀର ମେରୁଦଣ୍ଡ ଦୋହଲିଯାଇଛି । ଯଦିଓ ଧାନ ଫସଲ ଭଲ ହୋଇଛି ଏବଂ ଠିକ ସମୟରେ ଲଘୁଚାପ ଟଳି ଯିବାରୁ ଅମଳ ପାଇଁ ପାଗ ଅନୁକୂଳ



ରହିଛି, ହେଲେ ଗହୀରିଆ ଜମିରୁ ପାଣି ଏପର୍ଯ୍ୟନ୍ତ ଛାଡ଼ି ନାହିଁ । ଅନ୍ୟପକ୍ଷରେ ଧାନ ଗଛ ସବୁ ଦୀର୍ଘଦିନ ଧରି ଭୂମିରେ ଲୋଟି ରହିଛି । ଏଣୁ ଅଧିକାଂଶ ଗଛ ଗଜା ହେଲାଣି । ଏଣୁ ଚାଷୀ ବର୍ଷକର ଫସଲ ଆଖି ଆଗରେ ଉଜୁଡ଼ି ଯାଇଥିବାରୁ ଏଥିରେ ବ୍ୟତିବ୍ୟସ୍ତ ହୋଇ ନିଜ ହାତରେ କରିଥିବା ଫସଲରେ ନିଆଁ ଲଗାଇ ଦେଉଥିବା ଦେଖିବାକୁ ମିଳିଛି । ଧାନ ତ ଆଉ ଅମଳ ହେବନି, ତେଣୁ ନିଆଁ ଲଗାଇଦେଲୁ... ଜମି ଶୁଖିଲେ ବିରି, ମୁଗ ବୁଣି କିଛି ରୋଜଗାର ହେବ ବୋଲି ନିଆଁ ଲଗାଇଥିବା ଚାଷୀମାନେ କହିଛନ୍ତି । ଅନ୍ୟପକ୍ଷରେ କିଛି ଚାଷୀ ନିଜ ଜମିର ପାଣି ନିଷ୍କାସନ ପାଇଁ ନାଳ ବାହାର କରି ଅପେକ୍ଷାରେ ଅଛନ୍ତି ।

ଧରାକୋଟ ବ୍ଲକର ୧୮ ଟି ପଞ୍ଚାୟତର ଧରାକୋଟ, ମୁଣ୍ଡମରାଇ, ଶରଧାପୁର, ବାହାରପୁର, ମାଣିକପୁର, ମଛାକୋଟ, ଢଉଗାଁ ଆଦି ପଞ୍ଚାୟତରେ ଥିବା କେନାଲ ପାର୍ଶ୍ୱ ଜମି, ଗହୀର ମଥାରେ ଥିବା ଚାଷ ଜମି ବର୍ତ୍ତମାନ ସୁଦ୍ଧା ପାଣି ଘେରରେ ରହିଛି । ଧାନ ପାଣିରେ ଲୋଟି ରହିଛି, ପାଣି ଛାଡ଼ିନଥିବାରୁ ମେସିନ ସାହାଯ୍ୟରେ କିମ୍ବା ଲୋକଙ୍କ ଦ୍ୱାରା ଚାଷୀ ଧାନ କାଟିପାରୁନାହିଁ । ଫଳରେ ଦିନକୁ ଦିନ ଅଧିକ ପରିମାଣରେ ଧାନ ଗଜା ହେବାରେ ଲାଗିଛି । ଅନ୍ୟପଟରେ ପ୍ରଶାସନ ତରଫରୁ ଚଳିତ ବର୍ଷ କ୍ଷୟକ୍ଷତି ଆକଳନ ପାଇଁ ଏପର୍ଯ୍ୟନ୍ତ ତତ୍ପରତା ପ୍ରକାଶ ପାଇନାହିଁ । ଏଣୁ ଚାଷୀ ହତୋତ୍ସାହିତ ହୋଇ ନିଜ ଆଖି ଆଗରେ ନଷ୍ଟ ହୋଇଯାଇଥିବା ଫସଲରେ ନିଆଁ ଲଗାଇ ଦେଉଥିବା ଦେଖିବାକୁ ମିଳିଛି ।

## ସ୍ୱତନ୍ତ୍ର ଓଟିଇଟିରେ ୪୮୧୫୩ କୃତକାର୍ଯ୍ୟ

କଟକ,୧୫ ।୧୧(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଟିଚର୍ ଏଲିଜିବିଲିଟି ଟେଷ୍ଟ(ଓଟିଇଟି)-୨୦୨୫ର ଫଳ ଆଜି ପ୍ରକାଶ ପାଇଛି । ବୋର୍ଡ ୱେବ୍‌ସାଇଟ୍‌ରେ ଏହି ଫଳ ଉପଲବ୍ଧ କରାଯାଇଛି । ଏହି ପରୀକ୍ଷାର ଦୁଇଟି ପେପର୍‌ରେ ମୋଟ୍ ପାସ୍ ହାର ୬୬.୫୦ ପ୍ରତିଶତ ହୋଇଛି ଓ ମୋଟ ୪୮ ହଜାର୧୫୩ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଗତ ୨୦୨୫ ସେପ୍ଟେମ୍ବର ୨୭ତାରିଖରେ ଅନୁଷ୍ଠିତ ହୋଇଥିବା ଏହି ପରୀକ୍ଷା ଦେବା ପାଇଁ ମୋଟ ୭୫୪୦୩ ଜଣ ପଞ୍ଜୀକରଣ କରିଥିଲେ । ସେମାନଙ୍କ ମଧ୍ୟରେ ୭୨ ହଜାର ୪୧୩ ଜଣ ପରୀକ୍ଷାରେ ଅବତୀର୍ଣ୍ଣ ହୋଇଥିଲେ । ପେପର୍-୧ ପାଇଁ ମୋଟ ୨୯ ହଜାର ୪ଜଣ ଫର୍ମ ଦାଖଲ କରିଥିଲା ବେଳେ ୨୭ ହଜାର ୫୩୩ଜଣ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୧୨ ହଜାର ୯୮୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ପେପର୍-୧ରେ ପାସ୍ ହାର ୪୭.୧୭ ପ୍ରତିଶତ ରହିଛି । ସେହିଭଳି ପେପର୍-୨ ପାଇଁ ୪୬ ହଜାର ୩୯୯ଜଣ ଫର୍ମ ପୂରଣ କରିଥିବା ବେଳେ ୪୪ ହଜାର ୮୮୦ଜଣ ପରୀକ୍ଷାରେ ଅବତୀର୍ଣ୍ଣ ହୋଇଥିଲେ । ଏମାନଙ୍କ ମଧ୍ୟରୁ ୩୫ ହଜାର ୧୬୫ଜଣ ପାସ୍ କରିଛନ୍ତି । ଏଥିରେ ପାସ୍ ହାର ୭୮.୩୫ ପ୍ରତିଶତ ରହିଛି । ଯୋଗ୍ୟ ପ୍ରାର୍ଥୀମାନେ ସେମାନଙ୍କ ଡିଜିଟାଲ ପ୍ରମାଣପତ୍ରକୁ ବୋର୍ଡ ୱେବ୍‌ସାଇଟ୍‌ରୁ ଆଜିଠାରୁ ୨୦୨୬ ଜାନୁଆରୀ୧୫ ପର୍ଯ୍ୟନ୍ତ ଡାଉନ୍‌ଲୋଡ୍ କରିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି । ସେହିଭଳି ଯେଉଁ ପ୍ରାର୍ଥୀମାନେ ଅକୃତକାର୍ଯ୍ୟ ହୋଇଛନ୍ତି, ସେମାନେ ଚାହିଁଲେ ବୋର୍ଡ ୱେବସାଇଟ୍‌ରୁ ଆଜିଠାରୁ ଆସନ୍ତା ନଭେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ସେମାନଙ୍କର ଓଏମ୍‌ଆର୍ ଉତ୍ତରଖାତାକୁ ଡାଉନଲୋଡ୍ କରିପାରିବେ ।

## ପୁଣି ହାତୀଛୁଆର ମୃତଦେହ ଠାବ

ବାରିପଦା, ୧୫।୧୧ (ସମିସ): ବାରିପଦା ରେଞ୍ଜ ଅଧୀନ ହଳଦୀବଣି ଜଙ୍ଗଲରୁ ଏକ ନବଜାତ ହାତୀ ଶାବକର ମୃତଦେହ ଠାବ ହୋଇଛି । ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି



ଶାବକର ଶବ ବ୍ୟବଚ୍ଛେଦ କରାଇବା ସହ ନମୁନା ସଂଗ୍ରହ କରିଛି । ୧୫ ଦିନ ବ୍ୟବଧାନରେ ଦୁଇ ଦୁଇଟି ହାତୀ ଶାବକର ମୃତ୍ୟୁ ଘଟିଥିବାରୁ ଏହି ବୃହତ୍‌କାୟ ପ୍ରାଣୀଙ୍କ ସୁରକ୍ଷାକୁ ନେଇ ପରିବେଶବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ପାଚିଲା ଧାନ ଖାଇବାକୁ ଶିମିଳିପାଳ ଅଭୟାରଣ୍ୟରୁ ଆସିଥିବା ୧୩ ଟିକିଆ ଏକ ହାତୀପଲ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଚଳପ୍ରଚଳ କରୁଛନ୍ତି । ଏହି ପଲରେ ଥିବା ଏକ ନବଜାତ ହାତୀ ଶାବକର କୌଣସି କାରଣରୁ ମୃତ୍ୟୁ ଘଟିଛି । ହଳଦୀବଣି ଜଙ୍ଗଲରେ ମରିପଡ଼ିଥିବା ଖବର ପାଇ ବନ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ।

ଗତ ଅକ୍ଟୋବର ୩୦ ତାରିଖରେ ବାଙ୍ଗିରିପୋଷି ଅଞ୍ଚଳରେ ସେହି ପଲରୁ ଏକ ହାତୀ ଶାବକର ମୃତ୍ୟୁ ଘଟିଥିଲା । ସେତେବେଳେ ପଲରେ ଥିବା ଅନ୍ୟ ଗର୍ଭବତୀ ହାତୀ ପରେ ଜନ୍ମ ଦେଇଥିବା କୁହାଯାଉଛି । ତେବେ ଘଞ୍ଚ ଜଙ୍ଗଲ ପରିବର୍ତ୍ତେ ଏହି ହାତୀପଲ ବିଭିନ୍ନ ଧାନକ୍ଷେତ ଓ ଗାଁଗଣ୍ଡା ବୁଲୁଥିବାରୁ ଗୋଟିଏ ପରେ ଗୋଟିଏ ଶାବକ ପ୍ରାଣ ହରାଉଛନ୍ତି । ହାତୀ ମୃତ୍ୟୁର କାରଣ ଓ ସୁରକ୍ଷା ଦିଗରେ ବନବିଭାଗ ପକ୍ଷରୁ ପ୍ରୟାସ ଜରୁରୀ ବୋଲି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ରାଜ୍ୟ ବନ ଉନ୍ନୟନ ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି ।

# ଶିମିଳିପାଳରେ ବାଘ ଗଣନା ଆରମ୍ଭ

ବାରିପଦା, ୧୫।୧୧ (ସମିସ): ଜାତୀୟ ଉଦ୍ୟାନ ଶିମିଳିପାଳର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଆଜିଠାରୁ ବାଘ ଗଣନା ଆରମ୍ଭ ହୋଇଛି । ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନଟିସିଏ)ର ଗାଇଡଲାଇନ୍ ଅନୁଯାୟୀ ଶିମିଳିପାଳର ଦକ୍ଷିଣ ଓ ଉତ୍ତର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଦୁଇଟି ପର୍ଯ୍ୟାୟରେ ବାଘ ଗଣନା ହେବ । ପର୍ଯ୍ୟାୟ-୧ ଓ ୩ ଅନୁଯାୟୀ ବାଘ ଗଣନା

- ୨୦୨୬ ମସିହା ମାର୍ଚ୍ଚରେ ଶେଷ ହେବ
- ୧୫ଶହ ଟ୍ରାପ୍ କ୍ୟାମେରା ଜରିଆରେ ଗଣନା

କରାଯିବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି ।

ରୟାଲ ବେଙ୍ଗଲ ଟାଇଗର୍ ସମେତ କଳାବାଘକୁ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବିଶ୍ୱରେ ପରିଚିତ । ପ୍ରତି ୪ବର୍ଷରେ ମହାବଳ ବାଘ ଗଣନା ହେଉଥିବାରୁ ବନବିଭାଗ ତଥା ପ୍ରକଳ୍ପର ଅଧିକାରୀମାନେ ଏନଟସିଏର ନିୟମ ଅନୁଯାୟୀ ଗଣନା ଆରମ୍ଭ କରିଛନ୍ତି । ପର୍ଯ୍ୟାୟ-୧ରେ ମାଂସାସୀ ଓ ଶାକହାରୀ ପ୍ରାଣୀମାନଙ୍କ ସାଇନ ସର୍ଭେ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ୪ ଦିନ ଧରି ଲାଇନ ଟ୍ରାନେକ୍ସ (ନମୁନା ସଂଗ୍ରହ), ଗୋଟିଏ ଦିନ ଶାଗୁଣା ଓ ଅନ୍ୟାନ୍ୟ ପକ୍ଷୀ ପ୍ରଜାତିର ଗଣନା କରାଯିବ । ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଶିମିଳିପାଳ ଉତ୍ତର, ଦକ୍ଷିଣ, ବାରିପଦା, ରାଇରଙ୍ଗପୁର, କରଞ୍ଜିଆ, ଆନନ୍ଦପୁର ଓ କୁଳଡିହା ଆଦି ୭ଟି ବନଖଣ୍ଡର ୧୬ଟି ରେଞ୍ଜରେ ଥିବା ୧୦୩ଟି ବିଟ୍ ଅଞ୍ଚଳରେ ଏହି ଗଣନା କରାଯିବ ।



ଏଥିପାଇଁ ପ୍ରଶିକ୍ଷିତ ସର୍ଭେ ଦଳ ନିୟୋଜିତ ହୋଇଛନ୍ତି । ଏହି ପର୍ଯ୍ୟାୟ ନଭେମ୍ବର ୨୨ ପର୍ଯ୍ୟନ୍ତ ଚାଲିବ ।

ପର୍ଯ୍ୟାୟ-୧ ଶେଷ ହେବା ପରେ ଡିସେମ୍ବରରୁ ପର୍ଯ୍ୟାୟ-୩ ଆରମ୍ଭ ହେବ । ଏଥିରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ପ୍ରତି ୨ବର୍ଗ କିମି ଗ୍ରିଡ୍‌ରେ ମୋଟ ୧୩୨୧ଟି ଗ୍ରୀଡ୍ ଟ୍ରାକିଂ କ୍ୟାମେରାର ଅଭ୍ୟାସ କରାଯିବା ସହ ପ୍ରତି ୨୫ ଦିନରେ ୨ଟି ଚକ୍ରରେ ୧୫ଶହ ଟ୍ରାପ କ୍ୟାମେରା ଜରିଆରେ ଗଣନା କରାଯିବ । ଏହି ଗଣନା ବାଘ ସଂରକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଶିମିଳିପାଳର ଜୈବ ବିବିଧତା ସମ୍ପର୍କରେ ନୂଆ ତଥ୍ୟ ପ୍ରଦାନ କରିବ ବୋଲି ଅଧିକାରୀମାନେ ଆଶା ପ୍ରକଟ କରିଛନ୍ତି ।

ବାଘ ଗଣନାର ପ୍ରାରମ୍ଭିକ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହୋଇ ୨୦୨୬ ମାର୍ଚ୍ଚରେ ଶେଷ ହେବ । ସମସ୍ତ ତଥ୍ୟ ଏନଟିସିଏକୁ ପଠାଇବା ପରେ ୨୦୨୭ରେ ବାଘ ଗଣନା ରିପୋର୍ଟ ପ୍ରକାଶ ପାଇବ । ପୂର୍ବ ଗଣନା ଅନୁଯାୟୀ, ଅଦ୍ୟାବଧି ଶିମିଳିପାଳରେ ୩୯ଟି ମହାବଳ ବାଘ ରହିଥିବା ବେଳେ ରିପୋର୍ଟ ପ୍ରକାଶ ପାଇବା ବେଳକୁ ଏହା ୬୦ ପାର୍ କରିବ ବୋଲି ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଗତ ୨୦୨୨ର ସର୍ବଭାରତୀୟ (ପାନ-ଇଣ୍ଡିଆ) ବାଘ ଗଣନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟରେ ୧୦ଟି କଳା ବାଘ ରହିଥିଲେ । ୨୦୦୭ ମସିହାରେ ଜଙ୍ଗଲ ମଧ୍ୟରେ ବିଭିନ୍ନ ସ୍ଥାନରେ ୨୫୦ରୁ ଟ୍ରାପ୍ କ୍ୟାମେରା ଲଗାଯାଇଥିଲା । ଉକ୍ତ କ୍ୟାମେରାରେ ଉକ୍ତ କଳା ମହାବଳ ବାଘର ଫଟୋ ସାମ୍ନାକୁ ଆସିଥିଲା । ତେବେ, ଅଲ୍ ଓଡ଼ିଶା ଟାଇଗର୍ ଏଷ୍ଟିମେଣ୍ଟ ଅନୁଯାୟୀ ରାଜ୍ୟରେ ମହାବଳ ବାଘ ସଂଖ୍ୟା ଶିମିଳିପାଳ ଅଭୟାରଣ୍ୟରେ ସର୍ବାଧିକ । ରାଜ୍ୟରେ ଥିବା ମହାବଳ ବାଘ ମଧ୍ୟରୁ ସର୍ବାଧିକ ୩୯ଟି ଶିମିଳିପାଳ ଅଭୟାରଣ୍ୟରେ ରହିଛନ୍ତି ।

## ଜାତୀୟ ରାଜପଥରୁ ଜବରଦଖଲ ଉଚ୍ଛେଦ



**ଯାଜପୁର,୧୫ା୧୧(ସମିସ):** ଯାଜପୁର ଜିଲ୍ଲା ସଦରମହକୁମାକୁ ସଂଯୋଗ କରୁଥିବା କୁଆଖିଆ-ଯାଜପୁର ୨୦ ନଂ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ହେଉଥିବା ବେଳେ କିଛି ସ୍ଥାନରେ ଜବରଦଖଲ ହେତୁ ବିଳମ୍ବ ହେଉଥିଲା। ବରୁଆଁ ଠାରୁ ବୁଢ଼ା ଘାଟ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ପାଇଁ ଉଦ୍ଦିଷ୍ଟ ଜମି ଅଧିଗ୍ରହଣ ପରେ କିଛି ସ୍ଥାନରେ ଉଠା ଦୋକାନ ଓ ଜମିର ମାଲିକ ମାନେ ଏହି କାର୍ଯ୍ୟରେ ବାଧା ସୃଷ୍ଟି କରୁଥିଲେ। ଆଜି ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଅନୁସାରେ ମାଜିଷ୍ଟ୍ରେଟ ଭାବେ ଯାଜପୁରର ଅତିରିକ୍ତ ତହସିଲଦାର ଅଜୟ କୁମାର ପଣ୍ଡାଙ୍କ ଉପସ୍ଥିତିରେ ସରକାରୀ ଭାବେ ମାପଚୁପ କରାଯାଇ ରାସ୍ତା ନିର୍ମାଣ ପାଇଁ ଉଦ୍ଦିଷ୍ଟ ଜମି ଚିହ୍ନଟ ପ୍ରକ୍ରିୟା କରାଯାଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଯାଜପୁର ସଦର ଥାନା ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହି କାର୍ଯ୍ୟରେ ନିୟୋଜିତ ଥିବା ଏଆର୍‌ଏସ୍‌ଏସ୍ ନାମକ ଠିକାଦାର ସଂସ୍ଥା ତରଫରୁ ୨ ଗୋଟି ବୁଲ୍ ଡୋଜର ବ୍ୟବହାର ହୋଇଥିଲା। ଏହି ଜବର୍ ଦଖଲ ଉଚ୍ଛେଦ କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ହୋଇଥିବା ଜଣାପଡିଛି।

## ମା’ ରମାଦେବୀଙ୍କ ଜୟନ୍ତୀ ପ୍ରସ୍ତୁତି ବୈଠକ

**ବରୀ,୧୫ ା୧୧(ସମିସ):** ମହିୟସୀ ମା’ ରମାଦେବୀଙ୍କ ୧୨୫ତମ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରୀ ବଜାର ନିକଟ ଗୋପବନ୍ଧୁ ରମାଦେବୀ ଆଶ୍ରମ ପରିସରରେ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଳମଣି ଶୁକ୍ଳ, ଡାକ୍ତର ରାଜକିଶୋର ପଣ୍ଡା, କପିଳଚରଣ ସାମଲ, ନିମାଇଁଚରଣ ରାୟ, ମାଧବା ନନ୍ଦ ଶ୍ୟାନ୍ତି, ହରିଶ୍ଚନ୍ଦ୍ର ଦାସ, କୁମର ଜେନା, ସ୍ମିତାରାଣି ସାମଲ, ସରୋଜ କୁମାର ସାମଲ, ଦିଲ୍ଲିପ ଦାସ, କୁଶଧ୍ୱଜ ସାମଲ, ବନ୍ଦିତା ଦାସ ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ମାସ ୩ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ପାଳନ ହେବାକୁ ଥିବା ଜୟନ୍ତୀ ସମାରୋହର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ବିଷୟରେ ଆଲୋଚନା କରାଯାଇଥିଲା। ବିଭିନ୍ନ ଦିବସରେ ଆଲୋଚନାଚକ୍ର, ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଶେଷରେ ନିମାଇଁ ଚରଣ ରାୟ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସାଥୁଆ ପାଟଣା ସପନେଶ୍ୱର ମନ୍ଦିରରୁ ଚୋରି

**କବାଟବନ୍ଧ,୧୫ା୧୧(ସମିସ):** ଜେନାପୁର ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ବାହାରେ ରହିଥିବା ବେଳେ ଉକ୍ତ ଥାନା ଅଞ୍ଚଳରେ ଲଗାତାର ଭାବେ ମନ୍ଦିର ଚୋରି ପୁଲିସର ଅପାରଗତାକୁ ପଦାରେ ପକାଇଛି। ଦୀର୍ଘ ଦିନ ଧରି ଏହି ଥାନା ଅଞ୍ଚଳରେ ରହିଥିବା ଆଧ୍ୟାତ୍ମିକସ୍ଥଳୀ ତଥା ବିଭିନ୍ନ ମନ୍ଦିରରୁ ଲଗାତାର ଚୋରି ହୋଇ ଆସୁଥିବା ବେଳେ ଅଦ୍ୟାବଧି ପୁଲିସ କାହାକୁ ଗିରଫ କରିବାରେ ସକ୍ଷମ ହୋଇନାହିଁ। ଯାହାକି ପୁଲିସର ପାରିବାପଣିଆ ଏବଂ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ଏବଂ ସନ୍ଦେହ ସୃଷ୍ଟି ହୋଇଛି। ଲଗାତାର ଏଭଳି ମନ୍ଦିର ଚୋରିକୁ ନେଇ ଭକ୍ତ ଏବଂ ଶ୍ରଦ୍ଧାଳୁ ତଥା ଜନସାଧାରଣ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଶୁକ୍ରବାର ରାତିରେ ଏହି ଥାନା ଅନ୍ତର୍ଗତ ମର୍ଜିତାପୁର ପଞ୍ଚାୟତ ଅଧୀନ ସାଥୁଆ ପାଟଣା ଠାରେ ଥିବା ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ସପନଶ୍ୱର ମହାଦେବ ମନ୍ଦିରର ଦାନ ବାକ୍ସ ତଥା ହୁଣ୍ଡି ଭାଙ୍ଗି କେହି ଦୁର୍ବୃତ୍ତ ଟଙ୍କା ଚୋରି କରି ନେଇଥିବା ଜଣାପଡିଛି। ଗ୍ରାମର ଜଣେ ଭକ୍ତ ତଥା ସମାଜସେବୀ ସୁନୀଲ ସାହୁ ମନ୍ଦିରକୁ ଯାଇଥିବା ବେଳେ ମନ୍ଦିର ଦାନ ବାକ୍ସ ଚାବି ଭାଙ୍ଗିଥିବା ଦେଖିବାକୁ ପାଇଥିଲେ। ପରେ ଏ କଥାକୁ ନେଇ ଗ୍ରାମବାସୀ ଜାଣିବା ପରେ ଘୋର ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଗତ ଦିନରେ ହୋଇଥିବା ମନ୍ଦିର ଚୋରିରେ କୌଣସି ଦୁର୍ବୃତ୍ତଙ୍କୁ ପୁଲିସ ଧରି ନ ପାରିବାରୁ ଏହି ଚୋରି ବୃଦ୍ଧି ପାଉଥିବା ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ଗତ ୩-୯-୨୦୨୪ରେ ମଧୁସୂଦନପୁର ପଞ୍ଚାୟତ ସୋରାଇ ଗ୍ରାମରେ ଥିବା ସୋରାଇଶ୍ୱର ମନ୍ଦିରରୁ କଂସା, ପିତ୍ତଳ, ଘଣ୍ଟା, ଆସବାପତ୍ର ଆଦି ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ସାମଗ୍ରୀ ଚୋରି ହୋଇଥିଲା। ସେହିପରି ଗତ ୨୩-୪-୨୦୨୫ରେ ରାଇଛନ୍ଦା ପଞ୍ଚାୟତ ରାମେଶ୍ୱର ମନ୍ଦିରରୁ ତାଲା ଭାଙ୍ଗି ହରପାର୍ବତୀ ଠାକୁରଙ୍କ ମୂର୍ତ୍ତି ସହିତ ଖଟୁଲି, ନାଗ, ଦୁଇଟି ସୁନାର ଆଖି, ସୁନା ପଦକ ଗୋଟାଏ, ପାର୍ବତୀଙ୍କ ମଥାମଣୀ, ଚାରି ଗୋଟି ବଡ଼ ଘଣ୍ଟ ସମେତ ପୂଜା ବାସନ ସାମଗ୍ରୀ ଚୋରି ହୋଇଥିଲା। ଜେନାପୁର ପୁଲିସ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରୁଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ପାରି ନ ଥିଲା। ଅନୁରୂପ ଭାବରେ ଗତ ୩-୭-୨୦୨୫ରେ ଗୋଟିଏ ରାତିରେ ଗଡ଼ମଧୁପୁରଠାରେ ରହିଥିବା ଶିବ ମନ୍ଦିର, ମଙ୍ଗଳା ମନ୍ଦିର, ପଞ୍ଚେଶ୍ୱରୀ ମନ୍ଦିର ଏବଂ ଅଷ୍ଟସମ୍ଭୁ ମନ୍ଦିରରୁ ସିରିଜ ଚୋରି ହୋଇଥିଲା।

## ଅଜାଣବନ ମହାପୁରୁଷ ପୀଠର ବାର୍ଷିକ ଉତ୍ସବ

**ବରୀ,୧୫ ା୧୧(ସମିସ) :** ବରୀ ବ୍ଲକ୍ ଅର୍ନ୍ତଗତ ମଦାରୀ ପଞ୍ଚାୟତର ଅଜାଣଠାରେ ଥିବା ଅଜାଣବନ ମହାପୁରୁଷ ପୀଠର ବାର୍ଷିକ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି। ଲୋକକଥା ଅନୁଯାୟୀ ଓଲାଶୁଣୀ ପୀଠର ସନ୍ଥ ଅରକ୍ଷିତ ଦାସ ନିଜର ସାଧନା ଓ ସିଦ୍ଧି ସମୟରେ ଅଜାଣ ବନକୁ ଆସିଥିଲେ। ସନ୍ଥଙ୍କ ତିରୋଧାନ ପରେ ଉକ୍ତ ଦିନକୁ ସ୍ଥାନୀୟ ଅଞ୍ଚଳବାସୀମାନେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପ୍ରତିବର୍ଷ ପାଳନ କରିଆସୁଛନ୍ତି। ଚଳିତ ବର୍ଷ ସନ୍ଥ ଅରକ୍ଷିତ ଦାସଙ୍କ ପୀଠର ମହନ୍ତ ବାବା ନାମାନନ୍ଦ ଦାସ ଉକ୍ତ ଉତ୍ସବରେ ଯୋଗଦେଇ ପ୍ରାତଃ ସମୟରୁ ଅରକ୍ଷିତ ଦାସଙ୍କ ଦ୍ୱାରା ରଚିତ ମହିମଣ୍ଡଳ ଗୀତା ପାଠ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପରେ ଗ୍ରାମବାସୀଙ୍କ ଦ୍ୱାରା ଭଜନ କୀର୍ତ୍ତନ କରାଯାଇଥିଲା। ସନ୍ଧ୍ୟାରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଉକ୍ତ ପୀଠରେ ଯୋଗଦେଇ ବିଧାୟକଙ୍କ ଅନୁଦାନ ପାଣ୍ଠିରେ ନିର୍ମିତ ମହାପୁରୁଷଙ୍କ କୋଠଘରକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ଦିଲ୍ଲିପ କୁମାର ମହାନ୍ତି, ଚନ୍ଦନପୁରର ପୂର୍ବତନ ସରପଞ୍ଚ କେଦାର ଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇଥିଲେ। ଡ. ନୃସିଂହ ଚରଣ ବେହେରା, ଅରୁଣ କୁମାର ଶ୍ୟାନ୍ତି, ଭୁବନାନନ୍ଦ ଶ୍ୟାନ୍ତି, ସମିନ କୁମାର ନାୟକ, ବସନ୍ତ କୁମାର ଶ୍ୟାନ୍ତି, ଅଚ୍ୟୁତାନନ୍ଦ ମହାନ୍ତି, ଫକିର ଚରଣ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ମକରଧ୍ୱଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଟିଚର୍ସ କ୍ଲବ୍ ପକ୍ଷରୁ ବକ୍ତୃତା ପ୍ରତିଯୋଗିତା

**ସିଂହପୁର,୧୫ା୧୧(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଟିଣାସ୍ଥିତ କେସି ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ବିଞ୍ଝାରପୁର ବ୍ଲକ ଟିଚର୍ସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଟିଚର୍ସ କ୍ଲବର ପ୍ରାକ୍ତନ ସଭାପତି ବିଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ପ୍ରାକ୍ତନ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶମ୍ଭୁନାଥ ଦାଶ ମୁଖ୍ୟବକ୍ତା ଏବଂ



ଶିକ୍ଷାବିତ ସରୋଜ କୁମାର ମଲ୍ଲିକ ବିଶିଷ୍ଟ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ରବିନାରାୟଣ ସାମଲ, ରାମଚନ୍ଦ୍ର ନାୟକ, ବିଷ୍ଣୁ ଚରଣ ସାମଲ, ସ୍କୁଲ କମିଟିର ସଭାପତି ମମତା କୁମାରୀ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସୁଚିସ୍ମିତା ବେହେରାଙ୍କ ସଂରଚନା ଏବଂ ରମାସୁନ୍ଦରୀ ନାୟକଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ସ୍ୱାଗତ ସଂଗୀତ ଗାନ କରିଥିଲେ। ଟିଚର୍ସ କ୍ଲବର ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଉପସଭାପତି ଉମେଶ ଚନ୍ଦ୍ର ସାମଲ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଚନ୍ଦ୍ରଭାନୁ ଜେନା, ଦୀନବନ୍ଧୁ ଧଳ ଓ ରବୀନ୍ଦ୍ର କୁମାର ଦାସ କନିଷ୍ଠ ବିଭାଗରେ ଏବଂ ଗଙ୍ଗାରାଣୀ ମିଶ୍ର, ସନ୍ତୋଷ ମହାପାତ୍ର ଓ ରଶ୍ମିରଂଜନ ଓଝା ବରିଷ୍ଠ ବିଭାଗରେ ବିଚାରକ ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଭାରତ ଭୂଷଣ ମଲ୍ଲିକ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ସହସମ୍ପାଦକ ମାନଗୋବିନ୍ଦ ବେହେରା, ବିଦ୍ୟାଳୟର ଶିକ୍ଷକ ବିଶ୍ୱମ୍ବର ସାହୁ, ଶିକ୍ଷୟିତ୍ରୀ ଡୁବୁରାଇ ପୂର୍ତ୍ତୀ, ପ୍ରିୟଦର୍ଶିନୀ ସେଠୀ ଓ ମନୋରମା ସାହୁ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଶିକ୍ଷକ ସୂର୍ଯ୍ୟକାନ୍ତ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ତହସିଲଦାରଙ୍କୁ ନାଲିଆଖି

# ବାଲିଗାଡ଼ି ଛଡ଼ାଇନେଲେ ବାଲିମାଫିଆ

**ବିଞ୍ଝାରପୁର,୧୫ ା୧୧(ସମିସ):**

ବିଞ୍ଝାରପୁର ତହସିଲ ଅଞ୍ଚଳରେ ପ୍ରବାହିତ ହେଉଥିବା ଖରସ୍ରୋତା ନଦୀ ଏବେ ଦିନ ଦ୍ୱିପହରରେ ବାଲି ଚୋରି ହେଉଛି। ଖରସ୍ରୋତା ନଦୀରୁ ବେଆଇନ ଭାବରେ ଦୈନିକ ହଜାର ହଜାର ଟ୍ରିପ୍ ବାଲି ଚୋରା ବାଲି ଉଠାଣ କରି ମାଲାମାଲ ହେଉଛନ୍ତି ବାଲି ମାଫିଆ। ଏହି ଚୋରା ବାଲିକୁ ରୋକ ଲଗାଇବା ପାଇଁ ବିଞ୍ଝାରପୁର ଭାରପ୍ରାପ୍ତ ତହସିଲଦାର ପ୍ରଦୀପ୍ତ ସେଠି ଶୁକ୍ରବାର ଓଳେଇ-ଚନ୍ଦନପୁରସ୍ଥିତ ବେଆଇନ ବାଲିଘାଟ ଉପରେ ଚଢ଼ଉ କରିବାକୁ ଯାଇ ଅପଦସ୍ତ ହୋଇ ଫେରିଥିବା ସୂଚନା ମିଳିଛି। ମିଳିଥିବା ସୂଚନା ମୁତାବକ ବିଞ୍ଝାରପୁର ଭାରପ୍ରାପ୍ତ ତହସିଲଦାର ପ୍ରଦୀପ୍ତ ସେଠୀ ବେଆଇନ ବାଲି ଉଠାଣର ଖବରପାଇ ଶୁକ୍ରବାର ଓଳେଇ-ଚନ୍ଦନପୁରସ୍ଥିତ ଖରସ୍ରୋତା ବେଆଇନ ବାଲିଘାଟକୁ ଚଢ଼ଉ କରିବାକୁ ଯାଇଥିଲା ବେଳେ ସେଠାରେ ବାଲି ମାଫିଆଙ୍କ ଦ୍ୱାରା ନିୟୋଜିତ କେତକ ମୁଖାପିନ୍ଧା ଅସାମାଜିକ ବ୍ୟକ୍ତି ତାଙ୍କୁ ନାଲିଆଖି ଦେଖାଇ ଦୁର୍ବ୍ୟବହାର କରିବା ସହିତ ବେଆଇନ ବାଲିବୋଝେଇ ଟ୍ରାକ୍ଟର, ହାଇୱା ଗୁଡିକ ଘଟଣା ସ୍ଥଳରୁ ଫେରାର କରି ଦେଇଥିଲେ। ଯାହା ଫଳରେ ଅପଦସ୍ତ ହୋଇ ଭାରପ୍ରାପ୍ତ ତହସିଲଦାର ଶ୍ରୀ ସେଠୀ ଫେରିଥିଲେ। ଏପରିକି ବାଲି ମାଫିଆଙ୍କ ଭୟରେ ବିଞ୍ଝାରପୁର ଥାନାରେ କୌଣସି ଲିଖିତ ଅଭିଯୋଗ କରି ନ ଥିଲେ। ଏହି ଘଟଣାକୁ ଅର୍ଥ କାରବାର କରି ଚାପିଦେବା ପାଇଁ କେତେକ ଭଦ୍ରମୁଖା ପିନ୍ଧା ଦଲାଲ ସକ୍ରିୟ ହୋଇଥିବା ଜଣାପଡିଛି। ଘଟଣା ସମ୍ପର୍କରେ ଭାରପ୍ରାପ୍ତ ତହସିଲଦାର ଶ୍ରୀ ସେଠୀଙ୍କୁ ପଚାରିବାରୁ ସେ କୁହନ୍ତି ଯେ ବେଆଇନ ବାଲି ଉଠୁଥିବାର ଖବରପାଇ ଖରସ୍ରୋତା ନଦୀର ଓଳେଇ-ଚନ୍ଦନପୁର ଯାଇଥିଲେ। ସେଠାରେ କେତେକ ମୁଖା ପିନ୍ଧା ବ୍ୟକ୍ତି ତାଙ୍କୁ ବିରୋଧ କରିବା ସହ ସେଠାରେ ଥିବା ଗାଡ଼ି ସବୁ ନେଇ ପଳାଇ ଥିଲେ। ତେବେ ଅନ୍ୟପକ୍ଷରେ ଯଦି ତହସିଲଦାର ଶ୍ରୀ ସେଠୀ ପୁଲିସର ସାହାଯ୍ୟ ନ ନେଇ କିପରି ବେଆଇନ ବାଲି ଘାଟକୁ ଚଢ଼ଉ କରିବାକୁ ଯାଇଥିଲେ ତାହା ତାଙ୍କ କାର୍ଯ୍ୟଧାରା ପ୍ରତି ପ୍ରଶ୍ନବାଚୀ ସୃଷ୍ଟିକରିଛି। ସ୍ଥାନୀୟ ଲୋକଙ୍କ କହିବା କଥା ବର୍ଷା ଦିନେ ଡଙ୍ଗା ସାହାଯ୍ୟରେ ବାଲି ଚୋରି ହେଉଥିବା ବେଳେ ସେମାନେ ପ୍ରଶାସନ ଏବଂ ପୁଲିସ ଓ ମାଇନ୍ସ ବିଭାଗକୁ ଜଣାଇଛନ୍ତି। କିନ୍ତୁ କୌଣସି ସୁଫଳ ମିଳି ନାହିଁ। ଏହି ସ୍ଥାନରୁ ବାଲି ଚୋରି ହେବାରେ ମୁଖ୍ୟତଃ ପ୍ରଶାସନ ଏବଂ ମାଇନ୍ସ ବିଭାଗର ହାତ ରହିଛି ବୋଲି ସେମାନେ କହିଛନ୍ତି।

## ବଡ଼କଇଁଚିରେ ବିଜେଡିର ସାଂଗଠନିକ ବୈଠକ



**କୁଆଖିଆ,୧୫ା୧୧(ସମିସ):** କୋରେଇ ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ରସୁଲପୁର ବ୍ଲକ ବଡ଼କଇଁଚି ପଞ୍ଚାୟତରେ ବିଜେଡିର ସାଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବଡ଼କଇଁଚି ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏକ ବୈଠକରେ ବିଜେଡି ନେତା ଭବପ୍ରସାଦ ଦାସ ଯୋଗ ଦେଇ ଦଳକୁ ତୃଣମୂଳ ସ୍ତରରୁ ସଶକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହିତ ଯୁବ, ମହିଳା, ବରିଷ୍ଠଙ୍କୁ ଦଳୀୟ କାର୍ଯ୍ୟକ୍ରମରେ ସାମିଲ କରିବା ସହ ବିଜେପି ସରକାରର ପ୍ରତାରଣାକୁ ଘରେ ଘରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ଦଳୀୟ ନେତାଙ୍କ ଗହଣରେ ପଞ୍ଚାୟତରେ ପଦଯାତ୍ରା ଆୟୋଜନ କରାଯାଇଥିଲା। ବୈଠକରେ ବ୍ଲକ ସଭାପତି ବିଜୟ ଘଡ଼ାଇ, ପୂର୍ବତନ ଜିଲ୍ଲା ସଭାପତି ପ୍ରତାପ ମହାନ୍ତି, ସରପଞ୍ଚ ଅଶୋକ କୁମାର ମଲ୍ଲିକ, ପୂର୍ବତନ ଛାତ୍ର ସଭାପତି ଚନ୍ଦ୍ର ଶେଖର ସାମଲ, ମନୋଜ କୁମାର ରାଉତଙ୍କ ସହ ଆଗଧାଡ଼ିର ନେତା ଏବଂ କର୍ମୀ ସାମିଲ ହୋଇଥିଲେ।

## ଦୁର୍ଘଟଣାରେ ମହିଳା ଗୁରୁତର

**କବାଟବନ୍ଧ,୧୫ା୧୧(ସମିସ):** ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ଜେନାପୁର ଥାନା ଅଧୀନ ବାଘୁଆ ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ମହିଳା ଗୁରୁତର ଆହତ ହୋଇଥିବା ଜଣାପଡିଛି। ଆହତଙ୍କୁ ଅଗ୍ନିଶମ ବିଭାଗ ଗାଡ଼ିରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଦାନଗଦି ବ୍ଲକ ମାନତିରି ଅଞ୍ଚଳର ହେମଲତା ମଲ୍ଲିକ ତାଙ୍କ ସମ୍ପର୍କୀୟଙ୍କ ସହିତ ମୋଟର ସାଇକଲରେ ଚଣ୍ଡିଖୋଲ ପଟରୁ ନିଜ ଘରକୁ ଫେରୁଥିଲେ। ବାଘୁଆ ଛକ ନିକଟରେ କୌଣସି କାରଣରୁ ଭାରଶ୍ୟାମ ହରାଇ ବାଇକ୍‌ରୁ ଖସି ପଡ଼ିଥିଲେ। ଫଳରେ ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ଅଗ୍ନିଶମ ବିଭାଗ ଦ୍ୱାରା ବଡ଼ଚଣା ମେଡ଼ିକାଲ ନିଆ ଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡ଼ିକାଲ ପଠାଇଥିଲେ।

## ନର୍ସିଂ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ




**କୁଆଖିଆ,୧୫ା୧୧(ସମିସ):** ସ୍ଥାନୀୟ କୁଆଖିଆସ୍ଥିତ ସତ୍‌ସଙ୍ଗ ବିହାର ନିକଟସ୍ଥ ସାଇ ଗ୍ରୁପ ଅଫ୍ ନର୍ସିଂ କଲେଜର ବିଏସ୍, ନର୍ସିଂ ଓ ଜିଏନ୍‌ଏମ୍ ବିଭାଗ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ କୋରେଇ ବିଧାୟକ ଆକାଶ ଦାସନାୟକ ଉଦଘାଟନ କରିଥିଲେ। ମା’ ତାରିଣୀ ଯୁକ୍ତ ଦୁଇ ଆବାସିକ ମହାବିଦ୍ୟାଳୟର ଅଧ୍ୟକ୍ଷ ନଦୀୟ ମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଯାଜପୁର ସିଡିଏମ୍‌ଓ ବିଜୟ କୁମାର ମିଶ୍ର, ରସୁଲପୁର ତହସିଲଦାର ସିଦ୍ଧାର୍ଥ ବେହେରା, ରସୁଲପୁର ବିଡିଓ ସତ୍ୟାନନ୍ଦ ଦାସ, କୋରେଇ ବିଡିଓ ଅବନୀକାନ୍ତ ସାହୁ, ଆଇଆଇସି ଚିନ୍ମୟୀ ସାହୁ, ରସୁଲପୁର ଜିପି ଡିଓ ସୌରଭ ପାଲ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ପ୍ରତିଷ୍ଠିତା ଅଲେଖ ଚନ୍ଦ୍ର ସ୍ୱାଇଁ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମହାବିଦ୍ୟାଳୟର ଚେୟାରମ୍ୟାନ ଚନ୍ଦ୍ରଶେଖର ନାୟକ ପ୍ରାରମ୍ଭିକ ସୂଚନା, ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅବିନାଶ କୁମାର, ଶତ୍ରୁଜିତ ସାହୁ ପ୍ରିୟଦର୍ଶିନୀ ଦାସ, ସୁରିତା ବିରୁଆ, ଭାଗ୍ୟବତୀ ସାମଲ, ପଲ୍ଲବୀ ପାଲ, ବର୍ଷା ରାଉତ, ଜଗନ ମଲିକ, ସ୍ୱାଗତିକା ବେହେରା, ସନ୍ତୋଷ ନାୟକ, ଦିଲୀପ ଜେନା ପରିଚାଳନାରେ ସହଯୋଗ କରିଥିଲେ।

## କାଳିଆପାଣିରେ ବିର୍ସା ମୁଣ୍ଡା ଜୟନ୍ତୀ

**କାଳିଆପାଣି,୧୫ା୧୧(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଳିଆପାଣି ଖଣି ଅଞ୍ଚଳ ଟାଟା କାଟେ ପୂର୍ତ୍ତି ସାହିରେ ଆଜି ବିର୍ସା ମୁଣ୍ଡା ଜୟନ୍ତୀ ପାଳନ କରାଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକିନ୍ଦା କ୍ରୋମାଇଟ ରିଜିୟନ ଖାଦାନ ମଜଦୁର ୟୁନିୟନର ।ଧାରଣ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ, ଉପ ସଭାପତି ପ୍ରଭାତ ପ୍ରଧାନ, ନିମଳେନ୍ଦୁ ବେହୁରା, ସହ ସମ୍ପାଦକ ଅଜୟ କୁମାର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ, କାଙ୍କଡ଼ପାଳ ପଞ୍ଚାୟତ ସରପଞ୍ଚ ସଞ୍ଜୟ ପରିଡ଼ା, କାଳିଆପାଣି ପଞ୍ଚାୟତ ସରପଞ୍ଚ ବିକାଶ ପାତ୍ର, ସମିତିସଭ୍ୟ ସାଲୁକା ହୋନେନାଗା, ରାଂସୋଳ ପଞ୍ଚାୟତ କନକଲତା ସର୍ଦ୍ଦାର, ବଟକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୦୦ ମିଟର ଦୌଡ଼, ଚପଲ ଫିଙ୍ଗା, ବିବାହିତା ମହିଳା ଓ ବାଳିକା ବାସ୍କେଟ ବଲ୍ ଫିଙ୍ଗା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ନବଜାତର ମୃତଦେହ ଉଦ୍ଧାର

**କବାଟବନ୍ଧ,୧୫ା୧୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଅଣ୍ଟିଆ ପଞ୍ଚାୟତ ତଳସାହି ଗ୍ରାମରେ ଏକ ନବଜାତ ଶିଶୁପୁତ୍ରର ମୃତଦେହକୁ ଜେନାପୁର ପୁଲିସ ଉଦ୍ଧାର କରିଥିବା ସୂଚନା ମିଳିଛି। ଉଦ୍ଧାର ଶିଶୁ ପୁତ୍ରର ଜନ୍ମ ପ୍ରାୟ ୧୫/୨୦ ଦିନର ହେବ ବୋଲି ଅନୁମାନ କରାଯାଉଛି। ମୃତଦେହକୁ ଜବତ କରି ପୁଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ ଶନିବାର ଭୋର ସମୟରେ ଅଣ୍ଟିଆ ତଳ ସାହି ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଡ଼ି ପଟେ ଉକ୍ତ ମୃତ ଶିଶୁପୁତ୍ର ଏକ ଅଟା ପ୍ୟାକେଟ ପଲିଥିନରେ ଭର୍ତ୍ତି ହୋଇ ପଡ଼ିଥିବା ଲୋକେ ଦେଖିଥିଲେ। ଏହା ପରେ ଜେନାପୁର ପୁଲିସକୁ ଖବର ଦେଇଥିଲେ। ଜେନାପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁର ମୃତଦେହକୁ ଜବତ କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ଧର୍ମଶାଳା ମେଡ଼ିକାଲରେ ରଖାଯାଇଛି। ଏନେଇ ଜେନାପୁର ପୁଲିସ ୩୦/୨୦୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ସୁକିନ୍ଦାରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା



**ସୁକିନ୍ଦା,୧୫ା୧୧(ସମିସ):** ସୁକିନ୍ଦାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ସୁବ୍ରତ କୁମାର ମହାପାତ୍ର, ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ବିଡିଓ ପ୍ରଜ୍ଞା ପାରମିତା ପୃଷ୍ଟି, ଜିଲ୍ଲା ମତ୍ସ୍ୟ ଅଧିକାରୀ ରଞ୍ଜିତା ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସୁକିନ୍ଦା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ସମୀର କୁମାର ବେହେରା ସ୍ୱାଗତ ଭାଷଣ ଓ ଧନ୍ୟବାଦ୍ ଅର୍ପଣ କରିଥିଲେ। ସୁକିନ୍ଦା ତଥା ଆଖପାଖ ଅଞ୍ଚଳର ଶତାଧିକ ଚାଷୀ କାର୍ଯ୍ୟକ୍ରମରେ ଉପସ୍ଥିତି ଥିଲେ। ସୁକିନ୍ଦା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ମତ୍ସ୍ୟଚାଷ, ଗୋପାଳନ, କୁକୁଡ଼ା ଆଦି ଚାଷକରି ସଫଳ ଚାଷୀଙ୍କୁ ମୁଖ୍ୟ ଅତିଥି ଟ୍ରଫି ସହ ପ୍ରମାଣପତ୍ର ଓ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ନୂତନ ଭାବେ ଗୋପାଳନ ପାଇଁ ଆବେଦନ କରିଥିବା ୧୦ଜଣ ଚାଷୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ।

## ଚୋରି ବାଇକ୍ ଉଦ୍ଧାର

**ପାଣିକୋଇଲି,୧୫ା୧୧(ସମିସ):** ପାଣିକୋଇଲି ଗ୍ରାମକୁ ବନ୍ଧୁ ଘରକୁ ଆସି ବନ୍ଧୁ ଘରେ ଥିବା ସମୟରେ ବାହାରୁ ଆଣିଥିବା ଏକ ଗ୍ଲାମର ବାଇକ୍ ଚୋରି ହୋଇଥିଲା। ଏନେଇ ପାଣିକୋଇଲି ଥାନାରେ ଯାଜପୁର ସଦର ଥାନା ଅନ୍ତର୍ଗତ ଅଡଙ୍ଗ ପୁରୁଷୋତ୍ତମପୁର ଗ୍ରାମର ସଲାଉଦ୍ଦିନ ଖାଁ ଅଭିଯୋଗ କରିଥିଲେ। ପୁଲିସ ମଧ୍ୟ ତଦନ୍ତ ଜାରି ରଖିଥିଲା। ଧାମନଗର ଥାନାରେ ଚୋରି ବାଇକ୍ ଧରାହୋଇଥିବା ଖବର ପାଇଁ ଆଜି ଧାମନଗର ଯାଇଥିଲେ। କିନ୍ତୁ ସେଠାରେ ତାଙ୍କ ବାଇକ୍ ନଥିବାରୁ ଫେରିବା ସମୟରେ ପାଣିକୋଇଲି ଗଣେଶ ପେଣ୍ଡାଲ ନିକଟରେ ଗାଡିଟି ହେଣ୍ଡେଲ ଲକ ହୋଇ ଥୁଆ ହୋଇଥିବା ଦେଖିବାକୁ ପାଇଥିଲେ। ଦୀର୍ଘ ସମୟ ଅପେକ୍ଷା କରିବା ପରେ କେହି ନଆସିବାରୁ ଗାଡିଟି ସକାଳୁ ଥୁଆହୋଇଥିବା ସ୍ଥାନୀୟ ବ୍ୟବସାୟୀ ସୂଚନା ଦେଇଥିଲେ। ପରେ ପୁଲିସକୁ ଖବର ଦେବା ପରେ ପୁଲିସ ପହଞ୍ଚି ବାଇକ୍‌କୁ ଉଦ୍ଧାର କରିଥିଲା।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

### ■ ଜବରଦଖଲରେ ସ୍ୱାଧୀନତା ସଂଗ୍ରାମୀଙ୍କ ଜମି

# ଭିଟାମାଟିକୁ ଫେରିପାରୁନାହାନ୍ତି ପରିବାର

**ଯାଜପୁର,୧୫ା୧୧(ସମିସ):**

ବଡ଼ଚଣା ଅଞ୍ଚଳର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଅଭିରାମ ଦାଶଙ୍କ ପରିବାରକୁ ଦୀର୍ଘ ଦିନ ଧରି ନିର୍ଯାତନା ଦେବା ସହ ତାଙ୍କ ଗ୍ରାମରେ ଥିବା ଘରବାଡ଼ିକୁ ବଳ ପୂର୍ବକ କବ୍‌ଜା କରାଯାଇଥିବା ସମ୍ପର୍କରେ ସିଭିଲ ଜଜ୍ ଜୁନିୟର ଡିଭିଜନ ଚଣ୍ଡିଖୋଲରେ ମାମଲା ରୁଜୁ ହୋଇଛି। ନ୍ୟାୟାଳୟଙ୍କ ଖଣ୍ଡପୀଠ ଏହାକୁ ବିଚାରକୁ ନେଇ ସ୍ଥିତାବସ୍ଥା ଜାରି କରିବା ପରେ ମଧ୍ୟ ନିଜର ଭିଟାମାଟିକୁ କିଛି ବ୍ୟକ୍ତି କବ୍‌ଜା କରି ରଖିଥିବା ଅଭିଯୋଗ ହୋଇଛି।

ସ୍ୱାଧୀନତା ସଂଗ୍ରାମୀ ଅଭିରାମ ଦାସଙ୍କ ଘରବାରୀ ବଣ୍ଟନ ହୋଇନଥିବା ବେଳେ ଓ ଏହାର ସମାନ ଭାବରେ ବଣ୍ଟନ କରିବାକୁ ତାଙ୍କର ପୁତ୍ର ଶିକ୍ଷାବିତ ଶରତ ଚନ୍ଦ୍ର ଦାଶ ନ୍ୟାୟାଳୟର ଆଶ୍ରୟ ନେଇଛନ୍ତି। ଉକ୍ତ ମାମଲା ନ୍ୟାୟାଳୟରେ ବିଚାରାଧୀନ ଅଛି। କିନ୍ତୁ ଅଦାଲତଙ୍କର ରହିତାଦେଶ ଥିବାବେଳେ ତଞ୍ଚକତା କରି କିଛି ଅସାଧୁ ବ୍ୟକ୍ତି ସରକାରୀ କର୍ମଚାରୀ ଓ ରେଜିଷ୍ଟ୍ରେସନ ଦଲାଲମାନଙ୍କ ସହାୟତାରେ ଜମି ବିକ୍ରି କରି ଦେଇଥିବାର ଅଭିଯୋଗ ହୋଇଛି। ଏପରିକି ଶରତ ଚନ୍ଦ୍ର ଦାଶଙ୍କ ଉପରେ ରାଗରଖି ତାଙ୍କ ପରିବାରକୁ ବିଭିନ୍ନ ଉପାୟରେ ହଇରାଣ କରି ତାଙ୍କର ପୈତୃକ ଘରକୁ ତାଲା ପକାଇ କଣ୍ଟା ବାଡ଼ ବୁଜି ରାସ୍ତା ବନ୍ଦ କରିଦେଇଥିବା ଅଭିଯୋଗ ହୋଇଛି। ନିଜ ସମ୍ପତ୍ତିର ଅଂଶ ପାଇବା ପାଇଁ ଅଦାଲତର ନିର୍ଦ୍ଦେଶକୁ ଅପେକ୍ଷା କରିଥିବା ଅଭିରାମ ଦାଶଙ୍କ ପୁତ୍ର ଶରତ ଚନ୍ଦ୍ର ଦାଶ ଗ୍ରାମରେ ରହୁଥିଲେ ମଧ୍ୟ ନିଜ ଭିଟାମାଟିକୁ କିଛି ବ୍ୟକ୍ତି କବ୍‌ଜା କରି ଭିଟାମାଟିକୁ ସେମାନଙ୍କୁ ଛାଡ଼ୁନାହାନ୍ତି। ଘରଡିହ ଉପରେ ବାଡ଼ ବୁଲାଇ ତାଙ୍କ ଭିଟାମାଟିକୁ ଛଡ଼େଇ ନ ଦେବାର ଷଡ଼ଯନ୍ତ୍ର କରୁଛନ୍ତି। ଏପରିକି ଭୟର ବାତାବରଣ କରି ରଖିଥିବାରୁ ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ଆଜି ଆକ୍ରମଣ ଭୟରେ ନିଜ ଭିଟାମାଟିରୁ ବଞ୍ଚିତ ହେଉଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର ଅବିଳମ୍ବେ ହସ୍ତକ୍ଷେପ କରି ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରକୁ ଅବିଳମ୍ବେ ସହଯୋଗର ହାତ ବଢାଇବାକୁ ମାନବାଧିକାର କର୍ମୀ ବିଶ୍ୱନାଥ ପାତ୍ର ଦାବି କରିଛନ୍ତି।

## ସୁକିନ୍ଦାରେ ଜନଜାତୀୟ ଗୌରବ ଦିବସ



**ସୁକିନ୍ଦା,୧୫।୧୧(ସମିସ):** ସୁକିନ୍ଦାଠାରେ ସ୍ୱାଧୀନତା ସଂଗ୍ରାମର ଅନନ୍ୟ ବିପ୍ଲବୀ ତଥା ବିଶିଷ୍ଟ ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଜନଜାତୀୟ ଗୌରବ ଦିବସ ପାଳନ କରାଯାଇଛି। ଏହି ଉତ୍ସବରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଜିଲ୍ଲାପାଳ ଅମ୍ବର କୁମାର କର ଯୋଗଦେଇ ସହିଦ ବିର୍ସା ମୁଣ୍ଡାଙ୍କ ସଂଗ୍ରାମର ବୀରତ୍ୱ କାହାଣୀ ସମ୍ପର୍କରେ ଅଲୋଚନା କରିଥିଲେ। ଏହି ଅବସରରେ ୨୬୦ ଜଣ ଜନଜାତି ଲୋକମାନଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଛି ଏବଂ ଯଥାଶୀଘ୍ର ଘରଡିହ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ଜନଜାତି ଲୋକମାନଙ୍କୁ ଆଧାର କାର୍ଡ, ଜନ୍ମ ପଞ୍ଜୀକରଣ ପ୍ରମାଣପତ୍ର ଇତ୍ୟାଦି ଯୋଗାଇ ଦିଆଯାଇଥିଲା। ଜମି ପଟ୍ଟା ବଣ୍ଟନ କରାଯାଇଥିବା ଲୋକମାନଙ୍କୁ ରହିବାକୁ ଘରଡିହ ସହ ରାସନ କାର୍ଡ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଉକ୍ତ ଦିବସରେ ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ, ବିଡିଓ ସୁକିନ୍ଦା, ସମସ୍ତ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ମାନ ଖୋଲାଯାଇ ପଟ୍ଟା ବଣ୍ଟନ, ଜନ୍ମପ୍ରମାଣ ପତ୍ର, ଆଧାର ରେଜିଷ୍ଟ୍ରେସନ ଆଦି କରାଯାଇଥିଲା। ଆବାସିକ ବିଦ୍ୟାଳୟର ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଲକ୍ଷ୍ମୀନଗର ହାଇସ୍କୁଲରେ ବିଜ୍ଞାନ ମେଳା



**ଶଙ୍ଖଚିଲା,୧୫।୧୧(ସମିସ):** ରସୁଲପୁର ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଲକ୍ଷ୍ମୀନଗର ସାଧନ କେନ୍ଦ୍ରର ପଞ୍ଚାୟତ ହିଙ୍ଗୁଳା ହାଇସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି ଅଶୋକ କୁମାର ରଥଙ୍କ ସଭାପତିତ୍ୱରେ ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ହୃଷିକେଶ ତ୍ରିପାଠୀ ମେଳାକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବପ୍ରକାଶ ସାହୁ ଅତିଥି ମାନଙ୍କ ପରିଚୟ ରଖିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ସାଧନ କେନ୍ଦ୍ର ସଂଯୋଜକ ମଦନ ମୋହନ ବେହେରା ଶିଶୁମାନଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖିଥିଲେ। ପରେ ଅଧ୍ୟାପକ ଶ୍ରୀଯୁକ୍ତ ତ୍ରିପାଠୀ ଓ ସଂଯୋଜକ ଶ୍ରୀଯୁକ୍ତ ବେହେରା ବିଚାରକ ରୂପେ ବିଜ୍ଞାନ ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ। ଶିଶୁମାନେ ଶକ୍ତି ସଂରକ୍ଷଣ ଉପରେ କରିଥିବା ପ୍ରକଳ୍ପ ଗୁଡ଼ିକରୁ ସତ୍ୟ ପ୍ରକାଶ ସାହୁ, ଅଶ୍ୱିନୀ ଜେନା ପ୍ରଥମ ସ୍ଥାନ, ଦେବେନ୍ଦ୍ର ବିଶ୍ୱାଳ, ଶଶାଙ୍କ ଦାସ ଦ୍ୱିତୀୟ ସ୍ଥାନ ଓ ପ୍ରତ୍ୟୁଷ ରଥ, ଅକ୍ଷୟ ମଲ୍ଲିକ, ସୌମ୍ୟଜିତ ଘଡ଼ାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଉପସ୍ଥିତ ସମସ୍ତ ଅତିଥି ସଭାପତି, ଅଧ୍ୟାପକ ଓ ସଂଯୋଜକ ବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ କାଳନ୍ଦୀ ଚରଣ ଭଞ୍ଜ, ନିରଜ ମାଝୀ, ଶୁଭଶ୍ରୀ ରାଉତ, ଗୀତାଞ୍ଜଳି ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ସୁଜୟ କୁମାର ହଳଦାର ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ମନ୍ଦିର ପରିସରରେ ଶିଶୁ ଦିବସ

**ଶଙ୍ଖଚିଲା, ୧୫।୧୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଖମଣ ପଞ୍ଚାୟତ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶଙ୍ଖଚିଲା ହିଙ୍ଗୁଳା କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ବର୍ତ୍ତମାନର ହିଙ୍ଗୁଳା କମିଟିର ସଭାପତି କୈଳାସ ଚନ୍ଦ୍ର ସାହୁ ଓ ସମ୍ମାନିତ ଅତିଥିଭାବେ ଠାକୁରପାଟଣା କ୍ଲଷ୍ଟର ସିଆର୍‌ସିସି ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ। ପ୍ରଧାନ ଆଚର୍ଯ୍ୟା ରୀନାବାଳା ହେହେରା ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ବିଦ୍ୟାଧର ସାହୁ ଆଜିର ବୈଠକର ମହତ୍ୱ ତଥା ଅଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସାଂସ୍କୃତିକ ପ୍ରମୁଖ ପ୍ରଗତିମଞ୍ଜରୀ ସାହୁ ବୈଠକଟିକୁ ପରିଚାଳନା କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ନାରାୟଣ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା।ର କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। କୋଷାଧ୍ୟକ ଦେବାଶିଷ ବେହେରା, ସହସମ୍ପାଦକ ଆର୍ଯ୍ୟ ବିଭାସ କୁମାର, ସହଯୋଗୀ ଜୟନ୍ତ କୁମାର ସାହୁ ଓ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା, ସହଯୋଗ କରଥିଲେ।

### ପାଣିକୋଇଲି ଥାନା ଅଞ୍ଚଳରେ କୋରେଇ ପୁଲିସର ଫାଙ୍କା ଗୁଳିଚାଳନା ଘଟଣା

# କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗୃହ ବିଭାଗର ନିର୍ଦ୍ଦେଶ

ଯାଜପୁର,୧୫।୧୧(ସମିସ)

କୋରେଇ ନିର୍ବାଚନ ମଣ୍ଡଳୀରେ ଦିନ ରାତି ଚାଲିଥିବା ବେଆଇନ ବାଲିଚାଲାଣ ଏବଂ ଏଥିରେ ସଂପୃକ୍ତ ଥିବା ବାଲି ମାଫିଆଙ୍କୁ ସୁରକ୍ଷା ଦେବାକୁ ଆଗେଇ ଆସିଥିବା ପୁଲିସ କର୍ମଚାରୀଙ୍କ ପାଇଁ ବିପଦ ଘନେଇଛି। ବାଲି ମାଫିଆଙ୍କୁ ସୁରକ୍ଷା ଦେବା ପାଇଁ ନିଜ ଥାନା ବାହାରକୁ ଯାଇ ଫାଙ୍କା ଗୁଳିଚାଳନା କରିବା ଏବଂ ଏକାଧିକ ବ୍ୟକ୍ତିଙ୍କୁ ବେଆଇନ ଅଟକ ରଖିବା ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ପୁଲିସ ଡିଜିପି ଏବଂ ଯାଜପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏ ସଂପର୍କରେ ଗତକାଲି 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ସାମାଜିକ ଗଣମାଧ୍ୟମ ଏକ୍ସ ଜରିଆରେ ଏଭଳି ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି।

ସୂଚନା ମୁତାବକ ଚଳିତ ମାସ ୧୧ ତାରିଖ ରାତିରେ କିଛି ବାଲି ମାଫିଆଙ୍କୁ ସୁରକ୍ଷା ଦେବା ପାଇଁ କୋରେଇ ପୁଲିସ ନିଜ ଥାନା ବାହାରକୁ ଯାଇ ପାଣିକୋଇଲି ଥାନା ଅଞ୍ଚଳରେ ପଶି ରାତିଅଧିଆ ଫାଙ୍କା ଗୁଳିଚାଳଣା କରିଥିଲା।




ଏଥିସହିତ ବାଲି ମାଫିଆଙ୍କ ଠାରୁ ଦାଦାବଟି ଆଦାୟ କରୁଥିବା ୬ ଯୁବକଙ୍କୁ ଉଠାଇ ନେଇ ଥାନାରେ ବେଆଇନ ଭାବେ ଅଟକ ରଖିଥିଲା। ଏ ସଂପର୍କରେ ଚାରିଆଡେ ହୋହାଲ୍ଲା ହେବା ପରେ କୋରେଇ ପୁଲିସ ବିଳମ୍ବିତ ରାତ୍ରୀରେ ସେମାନଙ୍କୁ ଛାଡି ଦେଇଥିଲା। ଏ ସଂପର୍କରେ ଗତକାଲି 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ସୋସିଆଲ ମିଡିଆ ଏକ୍ସ ମାଧ୍ୟମରେ ରାଜ୍ୟ ଗୃହ ବିଭାଗକୁ ଅବଗତ କରାଯିବା ପରେ ଏହାର ତଦନ୍ତ କରି ପୁଲିସ ଡିଜି ଓ ଯାଜପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ନିର୍ଦ୍ଦେଶ ପାଇବା ପରେ ତଦନ୍ତ ଆରମ୍ଭ ହୋଇଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୀତକଣ୍ଠ କାନୁନ୍‌ଗୋ କୋରେଇ ଥାନାରେ ପହଞ୍ଚି ଗୁଳି ଚଳାଇଥିବା ଏଏସ୍‌ଆଇଙ୍କ ସମେତ ସେଦିନ ଘଟଣାରେ ସମ୍ପୃକ୍ତ ଥିବା ଥାନା କର୍ମଚାରୀଙ୍କୁ ପଚରାଉଚୁରା କରିଥିବା ଜଣାପଡିଛି। ଏପରିକି ଗୁଳି ଚାଳଣା ହୋଇଥିବା ବନ୍ଧୁକଟିକୁ ମଧ୍ୟ ସମ୍ପୃକ୍ତ ଏଏସ୍‌ଆଇଙ୍କ ଠାରୁ ଫେରାଇ ନିଆଯାଇଥିବା ଜଣାପଡ଼ିଛି। ତେବେ ଏହି ତଦନ୍ତ ସମୟରେ ଅନେକ ସାଙ୍ଘାତିକ ଘଟଣା ସାମ୍ନାକୁ ଆସିଥିବା ଜଣାପଡିଛି। ସେଦିନ ବାଲିମାଫିଆଙ୍କୁ ସୁରକ୍ଷା ଦେବା ପାଇଁ କୌଣସି ପୁଲିସ ଗାଡ଼ି ବ୍ୟବହାର ହୋଇନଥିବା ଜଣାପଡିଛି। କୋରେଇ ଥାନା ପୁଲିସ ଅନ୍ୟଏକ ବୋଲେରୋରେ ଯାଇଥିବା ଜଣାପଡ଼ିଛି। ସମ୍ପୃକ୍ତ ଗାଡ଼ିଟି କାହାର ଏବଂ ଏହାକୁ କୋରେଇ ପୁଲିସ କାହିଁକି ବ୍ୟବହାର କରୁଥିଲା ସେନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏହା ସହିତ ନିଜ ଥାନା ବାହାରକୁ କାହା ନିର୍ଦ୍ଦେଶରେ ଯାଇଥିଲେ ଏବଂ ଫାଙ୍କା ଗୁଳି ଚାଳନା କରିବାକୁ କିଏ ଅନୁମତି ଦେଇଥିଲା ତାହା ଏବେ ପ୍ରଶ୍ନ ଉଠିଛି। ଘଟଣାକୁ ପ୍ରଥମେ ଚାପି ଦେବାକୁ ପୁଲିସ ପକ୍ଷରୁ ଭରପୁର ଉଦ୍ୟମ କରାଯାଇଥିଲା। ଏହି ଖବର 'ସକାଳ'ରେ ପ୍ରକାଶ ପାଇବା ପରେ ପୁଲିସର ଚିନ୍ତା ବଢ଼ିଯାଇଥିଲା। ଘଟଣାର ୪ ଦିନ ବିତିଯାଇଥିଲେ ମଧ ବେଆଇନ କାର୍ଯ୍ୟରେ ଲିପ୍ତ ରହିଥିବା ପୁଲିସ ବିରୋଧରେ କାହିଁକି ଏ ପର୍ଯ୍ୟନ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣା ସଂପର୍କରେ କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀଙ୍କୁ ପଚାରିବାରେ ସେ ଛୁଟିରେ ଥିବାରୁ ତଦନ୍ତ କଥା ଜାଣିନଥିବା କହିଛନ୍ତି। ସମ୍ପୃକ୍ତ ଘଟଣାକୁ ନେଇ ଉପରିସ୍ଥ ଅଧିକାରୀ ଯାହା କରିବା କଥା କରୁଥିବା ବେଳେ ସେ କୌଣସି ମନ୍ତବ୍ୟ ଦେଇପାରିବେ ନାହିଁ ବୋଲି ଶ୍ରୀ ତ୍ରିପାଠୀ ଗଣମାଧ୍ୟମକୁ କହିଛନ୍ତି।

## ଜାତୀୟ ରାଜପଥ ପାର୍ଶ୍ୱ ମାପ କରିବେ ତହସିଲଦାର

**ପାଣିକୋଇଲି,୧୫।୧୧(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ଓ ଅଳତିରି ମୌଜାର ୧୬ ଓ ୨୦ ରାଜପଥ ପାଶ୍ୱର୍ ରାଜପଥ କଡକୁ ରାଜପଥ ସମ୍ପ୍ରସାରଣ ପାଇଁ ଜମି ମାପ କରାଯିବ। ଆସନ୍ତା ନଭେମ୍ବର ୧୭ ତାରିଖ ସୋମବାର ଦିବା ୯ଘଟିକା ଠାରୁ ମାପ କରାଯାଇ ଜମି ଚିହ୍ନଟ ହେବ ବୋଲି ବ୍ୟାସନଗର ତହସିଲଦାର ସର୍ବସାଧାରଣ ନୋଟିସ୍ ଜାରି କରିଛନ୍ତି। ରାଜପଥ ପାଶ୍ୱର୍ର ଜମି ମାଲିକ ମାନେ ଧାର୍ଯ୍ୟ ତାରିଖ ଓ ସମୟରେ ମାପ ସମୟରେ ଉପସ୍ଥିତ ରହି ସହଯୋଗ କରିବାକୁ ନୋଟିସ୍‌ରେ ସୂଚନା ଦିଆଯାଇଛି।

## କଲେଜ ଛାତ୍ରୀଙ୍କ ହାତରୁ ଟାଣିନେଲେ ବ୍ୟାଗ୍

**ଧର୍ମଶାଳା, ୧୫।୧୧(ସମିସ):** ଧର୍ମଶାଳା ଥାନା ଜାରକା ସ୍ଥିତ ତ୍ରିନାଥ ମନ୍ଦିର ପାଶ୍ୱର୍ରୁ ଜୈନିକ କଲେଜ ଛାତ୍ରୀ ସାଇକେଲରୁ ଦୁର୍ବୃତ୍ତମାନେ ଝାମ୍ପି ନେଲେ ବ୍ୟାଗ ଏ ନେଇ ଜାରକା ବିଟ୍ ହାଉସରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଏହି ଥାନା ଉତ୍ତର ପ୍ରତାପ ପଞ୍ଚାୟତ ଜଗତସାହୁ ପାଟଣା ଗ୍ରାମର ରାହାସ କୁମାର ନନ୍ଦଙ୍କ ଝିଅ ଯୁକ୍ତ ୩ ବର୍ଷର ଛାତ୍ରୀ ଆକାଂକ୍ଷା ନନ୍ଦ ଆଜି କଲେଜ ସାରି ଦିନ ୨ଟାରେ ଘରକୁ ସାଇକଲରେ ଫେରୁଥିବା ସମୟରେ ଜାରକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରୁ ଦୁର୍ବୃତ୍ତମାନେ ତାଙ୍କ ବ୍ୟାଗକୁ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଏହି ବ୍ୟାଗରେ ଛାତ୍ରୀଙ୍କର ମୋବାଇଲ ଓ ୩୨ ଶହ ଟଙ୍କା ରହିଥିଲା। ଏ ନେଇ ଛାତ୍ରୀ ଜଣଙ୍କ ଜାରକା ବିଟ୍‌ହାଉସରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁକରି ଘଟଣା ଘଟିଥିବା ସ୍ଥାନରେ ରହିଥିବା ସିସିଟିଭିକୁ ଯାଞ୍ଚ କରି ତଦନ୍ତ କରୁଥିବା ଜଣାଯାଇଛି।

### ଅବକାରୀ ବିଭାଗ ବିରୋଧରେ ମହିଳା କନଷ୍ଟେବଲଙ୍କ ଅଭିଯୋଗ

# ତଦନ୍ତ ନାଁରେ ନିର୍ଯାତନା ଓ ଆକ୍ରମଣ

**ଯାଜପୁର,୧୫।୧୧(ସମିସ):** ଯାଜପୁର ଅବକାରୀ ବିଭାଗରେ କନଷ୍ଟେବଲ ଭାବେ କାର୍ଯ୍ୟକରୁଥିବା ସୁଚିତ୍ରା ନାୟକ (୩୧) ଜନୈକ ଠିକା କର୍ମଚାରୀଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ ଆଣିଥିଲେ। ଏହି ଘଟଣାର ତଦନ୍ତ କରିବାକୁ ଯାଇ ଅବକାରୀ ବିଭାଗର ଅଧିକାରୀ ମାନେ ସୁଚିତ୍ରାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଏବଂ ତାଙ୍କ ଜଣେ ବନ୍ଧୁଙ୍କୁ ଆକ୍ରମଣ ଓ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ପୂର୍ବରୁ ଏ ସଂକ୍ରାନ୍ତରେ ଅବକାରୀ ବିଭାଗର ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇନଥିବା ବେଳେ ଆଜି ଏ ସଂକ୍ରାନ୍ତରେ ସେ ଯାଜପୁର ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ମୁତାବକ ସୁଚିତ୍ରା ନିଜ ବିଭାଗରେ କାର୍ଯ୍ୟରତ ଜଣେ ଆଉଟ୍‌ସୋର୍ସିଂ କର୍ମଚାରୀ ବିଶ୍ୱଜିତ ସାହୁଙ୍କ ବିରୋଧରେ ମାନସିକ ନିର୍ଯାତନା ଓ ଚରିତ୍ର ସଂହାର କରୁଥିବା ଅଭିଯୋଗ ଆଣିଥିଲେ। ଏ ସଂକାନ୍ତରେ ବିଭାଗକୁ ଅବଗତ କରିବା ପରେ ତଦନ୍ତ କରିବା ପାଇଁ ଏକ ଟିମ୍ ସୁଚିତ୍ରାଙ୍କ ବାସଭବନକୁ ଯାଇଥିଲେ। ଯାଜପୁରରୋଡ ରେଞ୍ଜ ଅବକାରୀ ଅଧିକାରୀ ସସ୍ମିତା ହୋତା, ହେଡ୍ କ୍ଲର୍କ ଶିବେନ ସୋରେନ ଓ ଏଏସଆଇ ବବିତାରାଣୀ ବାରିକ ପହଞ୍ଚି ତାଙ୍କୁ ଦୁର୍ବ୍ୟବହାର କରିବା ସହିତ ସେ ବିଶ୍ୱଜିତ ବିରୋଧରେ କରିଥିବା ଅଭିଯୋଗକୁ



ପ୍ରତ୍ୟାହାର କରିବା ପାଇଁ ଚାପ ପ୍ରୟୋଗ କରିଥିଲେ। ଏପରିକି ତାଙ୍କୁ ଆକ୍ରମଣ କରିଥିଲେ। ସେତେବେଳେ ଉପସ୍ଥିତ ଥିବା ତାଙ୍କ ବନ୍ଧୁଙ୍କୁ ଏହି ଟିମ୍ ଦୁର୍ବ୍ୟବହାର କରିବା ସହିତ ବାଟରେ ବିଶ୍ୱଜିତ ଏହି ଟିମ୍ ମେମ୍ବରଙ୍କ ସହିତ ମିଶି ଉଭୟଙ୍କୁ ଆକ୍ରମଣ କରିଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି। ସେ ଏହି ଆକ୍ରମଣରେ ଆହତ ହୋଇ ପ୍ରଥମେ ଯାଜପୁର ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସିତ ହେବା ପରେ ଯାଜପୁର ଟାଉନ ଥାନାରେ ଆଜି ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

ଏ ସଂପର୍କରେ ଯାଜପୁର ଅବକାରୀ ଅଧୀକ୍ଷକ ଦିବ୍ୟ କିଶୋର ଟଣ୍ଡେଲଙ୍କୁ ପଚାରିବାରେ ପୂର୍ବରୁ ଠିକା କର୍ମଚାରୀ ଭାବେ କାର୍ଯ୍ୟକରୁଥିବା ବିଶ୍ୱଜିତ ସାହୁ ଏବେ ଆଉ କାମ କରୁନାହାଁନ୍ତି ଏବଂ ତଦନ୍ତ ସମୟରେ ବିଶ୍ୱଜିତଙ୍କ ବିରୋଧରେ ଆସିଥିବା ଅଭିଯୋଗର କୌଣସି ସତ୍ୟତା ନଥିବା ତଦନ୍ତରୁ ଜଣାପଡିଛି। ତାଙ୍କୁ ଆକ୍ରମଣ ବା ଦୁର୍ବ୍ୟବହାର ନେଇ ଆସିଥିବା ଅଭିଯୋଗ ସଂପର୍କରେ ସେ ସୁଚିତ୍ରା ଏବଂ ତାଙ୍କ ବନ୍ଧୁ ମିଶି କରି ଏଭଳି ମିଥ୍ୟା ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି।

## ଶିଶୁମନ୍ଦିରରେ ବନ୍ଦନା ଓ ପ୍ରାର୍ଥନା ପ୍ରଶିକ୍ଷଣ

**ପାଣିକୋଇଲି,୧୫।୧୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ଠାରେ ସାରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଲିଙ୍ଗେଶ୍ୱର ବିହାରଠାରେ ଯାଜପୁର ଜିଲ୍ଲାସ୍ତରୀୟ ବନ୍ଦନା ଓ ପ୍ରାର୍ଥନା ପ୍ରଶିକ୍ଷଣ ବର୍ଗ ୧୪ ତାରିଖରୁ ଅନୁଷ୍ଠିତ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ଚାଲୁରହିବ।



ଏହାର ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସଭାପତି ବନମାଳୀ ଦାସ, ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ଯୋଜନାର ସହ ଜିଲ୍ଲା ପ୍ରମୁଖ ଅରବିନ୍ଦ ଷଣ୍ଢ, ବର୍ଗର ଆଭିମୁଖ୍ୟ କଥନ ବିଭାଗ ନିରୀକ୍ଷକ ଜିତୁରାମ ମହାନ୍ତି ଓ ଅନ୍ୟତମ ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିର ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଦିଲ୍ଲୀପ କୁମାର ଧଳ, ଉପସଭାପତି ଶଙ୍କର୍ଷଣ ପରିଡା, ଯୁଗ୍ମ ସମ୍ପାଦକ ରାଜ କିଶୋର ମଲ୍ଲିକ, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ଓ ବ୍ୟବସ୍ଥା ସୂଚନା ପ୍ରଦାନ କରିଥିଲେ। ଶେଷରେ ବୃନ୍ଦାବନ ସାହୁ ଧନ୍ୟବାଦ ଦେଇଥିଲେ। ଏଥିରେ ଯାଜପୁର ଜିଲ୍ଲାର ପ୍ରାୟ ୧୨୦ ଜଣ ଶିଶୁ ପ୍ରତିଭାଗୀ ପ୍ରଶିକ୍ଷଣ ନେବାକୁ ଉପସ୍ଥିତ ଥିଲେ।

## ୨୦ରୁ ୩ ଟି ସ୍ଥାନରେ ଏକତା ପଦଯାତ୍ରା

**ଯାଜପୁର, ୧୫।୧୧(ସମିସ):** ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ବର୍ଷ ଅବସରରେ ଏକ ମାସ ବ୍ୟାପୀ ଚାଲୁଥିବା ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଓ ଅନୁଷ୍ଠିତ ହେବାକୁ ଥିବା ପଦଯାତ୍ରା ଅବସରରେ ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ସର୍କିଟ ହାଉସରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୦ ତାରିଖରେ ସୁକିନ୍ଦା, ୨୧ରେ କୋରେଇ ଏବଂ ୨୫ରେ ଧର୍ମଶାଳାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ୧୦ କିଲୋମିଟର ଦୂରତା ମଧ୍ୟରେ ପଦଯାତ୍ରା ଅନଷ୍ଠିତ ହେବ। ୪ଟି ଷ୍ଟେଜ ହେବ। ପ୍ରତି ୨.୫ କିଲୋମିଟର ଦୂରତାରେ ଗୋଟେ ଲେଖାଏଁ ଷ୍ଟପେଜ ହେବ। ଏଥିରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ, ୟୁଥ୍ କ୍ଲବ୍, ଏନ୍‌ଏସଏସ, ଏନ୍‌ସି.ସି, କ୍ରୀଡାବିତ୍, ସରକାରୀ କର୍ମଚାରୀ, ସିଭିଲ ସୋସାଇଟ ଗ୍ରୁପ, ସିନିୟର୍ ସିଟିଜେନ୍, ଏସଏଚ୍.ଜି ଗ୍ରୁପର ସଦସ୍ୟା, ଦିବ୍ୟାଙ୍ଗ ମାନେ ଭାଗ ନେଇ ପାରିବେ। ଏହା ସହିତ ଲୋକାଲ ଉତ୍ପାଦର ମେଳା ଅନୁଷ୍ଠିତ ହେବ। ଉକ୍ତ ସମ୍ମିଳନୀରେ ବିଧାୟକ କୋରେଇ ଆକାଶ ଦାସନାୟକ, ବିଧାୟକ ଧର୍ମଶାଳା ହିମାଂଶୁ ଶେଖର ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର ଯୋଗଦେଇଥିଲେ।

## ଯାଜପୁରରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

ଯାଜପୁର,୧୫।୧୧(ସମିସ)

ଆଜି ଯାଜପୁର ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଏନ୍‌ସି କଲେଜ ଠାରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୨୬ଟି ଗ୍ରାମ ପଞ୍ଚାୟତରୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦାନ କରିଥିଲେ। ଯାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ମହନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ରବିନ୍ଦ୍ର ନାରୟଣ ବେହେରା ମୁଖ୍ୟଅତିଥି ଓ ବିଧାୟିକା ସୁଜାତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି ଡ. ବିମଳ କୁମାର ମହାପାତ୍ର ମୁଖ୍ୟବକ୍ତା, ସନ୍ଦୀପ ଶଙ୍କର ପଟ୍ଟନାୟକ ସମ୍ମାନିତ ବକ୍ତା ଓ ଅତିରିକ୍ତ ଜିଲ୍ଲା ପ୍ରାଣିଚିକିତ୍ସା ଅଧିକାରୀ ଡା. ସୁଶାନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ସଫଳ ଚାଷୀଙ୍କୁ ପୁରସ୍କାର ପ୍ରଦାନ ଏବଂ ବିଭିନ୍ନ ଯୋଜନାରେ



ହିତାଧିକାରୀଙ୍କୁ କାର୍ଯ୍ୟାଦେଶପତ୍ର ବଣ୍ଟନ କରାଯାଇଥିଲା। ଉପନିର୍ଦ୍ଦେଶକ ଡା. ବିଜୟ କୁମାର ସାହୁ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ପର୍ଶୁରାମ ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ। କୃଷକ ବୈଜ୍ଞାନିକ ଆଲୋଚନାଚକ୍ରରେ ପ୍ରାଣିସମ୍ପଦ ବିଭାଗର ଡ. ନୀଳାଦ୍ରି ପ୍ରସାଦ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମଟିକୁ ଡ. ଜିତା ଦାଶ, ଓ ଡ. ମୋନାଲିସା ମହାନ୍ତି ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ କବାଡ଼ି ଉଦ୍‌ଘାଟିତ

**ପାଣିକୋଇଲି,୧୫।୧୧(ସମିସ):** ପାଣିକୋଇଲି ବାଲିଦାଣ୍ଡରେ ଆଜି ଦ୍ୱିଦିବସୀୟ ୧୧ତମ ରାଜ୍ୟସ୍ତରୀୟ ଦିବାରାତ୍ରୀ କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ବିଭାଗରେ ୧୦ଦଳ ଓ ମହିଳା ବିଭାଗରେ ୭ଟି ଦଳ ଅଂଶ ଗ୍ରହଣ କରିଛନ୍ତି। କଟକ, ଭୁବନେଶ୍ୱର, କଳିଙ୍ଗ ଷ୍ଟାଡିୟମ, ଆସ୍କା, ଅନୁଗୁଳ, ତାଳଚେର, ବାରଙ୍ଗ, ଯାଜପୁରରୋଡ ଓ ଅଗ୍ରେସ ସ୍ପୋର୍ଟିଂ ପାଣିକୋଇଲି ଭାଗ ନେଇଛନ୍ତି। ଅତିଥି ଭାବେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି, ବରିଷ୍ଠ ସମ୍ବାଦିକ ସୁବାସ ଧଳ, ଯାଜପୁର ଆଥେଲେଟିକ ସମ୍ପାଦକ ସୁରେଶ ପଣ୍ଡା, ସମାଜସେବୀ କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ସୁଧାଂଶୁ ଶେଖର ଘଡାଇ, ଦାମୋଦର ସାହୁ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ




କରିଥିଲେ। ଏଡି ଟୁର୍ଣ୍ଣାମେଣ୍ଟରେ ରେଫରୀ ଭାବେ ରମେଶ ପଣ୍ଡା, କୃଷ୍ଣ ଚନ୍ଦ୍ର ପଣ୍ଡା, ଶୁଭଶ୍ରୀ ସାହୁ ଯୋଗଦେଇଥିବା ବେଳେ ଘୋଷକ ଭାବେ ଆନନ୍ଦ ରଣା ଓ ଜ୍ଞାନରଞ୍ଜନ ଘଡ଼ାଇ ଯୋଗଦାନ କରିଛନ୍ତି। ଅବିନାସୀ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ସଭାପତି ମନୋଜ ମଲିକ, ସମ୍ପାଦକ ସୁରେଶ ମଲିକ, ମ୍ୟାନେଜର କୈଳାସ ମଲିକ, ପରିଚାଳନା କରିଥିବା ବେଳେ ରାଜେନ୍ଦ୍ର ମଲିକ, ଚନ୍ଦ୍ରମଣି ମଲିକ, ଦୀପକ ଜେନା, ସନ୍ତୋଷ ମୁଣ୍ଡା, ପବିତ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ସୃଜନିକା

ସକାଳ
THE SAKALA
www.sakalaepaper.com

## ଦୁଇଟି ମିନିଗପ



### ମାଛି



ପୀତାମ୍ବର ତରାଇ

ଗୋଧୂଳି ବେଳ। ତଥାପି ପିଲାମାନଙ୍କ ଖେଳ ସରୁନି। ପିଲାଙ୍କ ଅଜ୍ଞାତରେ ଦୁଇଟି ମାଛି ନିଜ ଭିତରେ ଗପସପ ହୋଇ ସେହି ଛୋଟ ବଗିଚା ଭିତରେ ଗଣଗଣ ହୋଇ ଉଡ଼ି ବୁଲୁଥିଲାବେଳେ ଜଣେ ପିଲାର ନଜର ପଡ଼ିଯିବାରୁ ସେ ଦୁଇଟି ମାଛିକୁ ନିରୀକ୍ଷଣ କଲା। ପିଲାଟି ଅନୁଭବ କଲା ଦୁଇଟି ମାଛି ଭିତରେ ବନ୍ଧୁତ୍ୱ ନିବିଡ଼, ଅଭିନ୍ନ। କିଛି ସମୟ ପରେ ଗୋଟେ ମାଛି ଗୋଟେ ଫୁଲ ଉପରେ ବସି ସୁରଭି ଆଘ୍ରାଣ କରୁଥିବା ବେଳେ ଆର ମାଛିଟି ବଗିଚା କୋଣରେ ଥିବା ଅପରିଷ୍କାର ସ୍ଥାନରେ ବସି ଦୁର୍ଗନ୍ଧ ଗ୍ରହଣରେ ମଗ୍ନ ଅଛି।

ପିଲାଟି ଭାବିଲା, ଏ କି ବ୍ୟବସ୍ଥା। ଗୋଟେ ମାଛି ଫୁଲ ବାସକୁ ଆଦର କରୁଥିବା ବେଳେ ଆଉ ଗୋଟେ ମାଛି ଅପରିଷ୍କାର ସ୍ଥାନରେ ଦୁର୍ଗନ୍ଧକୁ ନେଇ ସୁଖ ପାଉଛି। ପିଲାଟି ନିଜକୁ ବୁଝାଇ ପାରୁ ନଥାଏ।

ସନ୍ଧ୍ୟା ବେଳ। ଜଣେ ସାଧୁ ବଗିଚା ଭିତରକୁ ପ୍ରବେଶ କରିବା ମାତ୍ରେ ପିଲାଟି ପଚାରିଲା, "ହେ ସାଧୁ ମହାଶୟ! ମାଛି ଦୁଇଟି ଦେଖିବାକୁ ଏକାପରି। କିନ୍ତୁ ଗୋଟିଏ ମାଛି ଫୁଲ ଉପରେ ତ ଆଉ ଗୋଟିଏ ମାଛି ଅପରିଷ୍କାର ଜାଗାରେ ବସିବାକୁ ଭଲ ପାଉଛି। ଏହା ଅର୍ଥ ବୁଝାଇ ଦିଅନ୍ତୁ।"

ସାଧୁ କହିଲେ, "ଶୁଣ ବତ୍ସ! ଦୁଇଟି ମାଛି ଦେଖିବାକୁ ସିନା ଏକାପରି, କିନ୍ତୁ ଯାହାର ସ୍ୱଭାବ ଯେପରି ସେ ବଞ୍ଚିବ ସେପରି। ନିକୃଷ୍ଟ ବ୍ୟକ୍ତିର ରୁଚି ସହ ଉତ୍କୃଷ୍ଟ ବ୍ୟକ୍ତିର ରୁଚି ସମାନ ହେବ କେମିତି? ଠିକ୍ ଏହିପରି ଦୁଇଟି ମାଛିଙ୍କ ଚରିତ୍ର।"

ସାଧୁଙ୍କ ମଧୁର ବଚନ ଶୁଣି ପିଲାଟି ମାଛି ଦୁଇଟିକୁ ଖୋଜିଲା ବେଳକୁ କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇ ସାରିଥିଲେ। ■

### ଧର୍ମ ବିଚାର



ଯମରାଜାଙ୍କ ଦରବାର ବସିଥାଏ। ଦୁଇ ଜଣଙ୍କ ବିଚାର ଚାଲିଥାଏ। ଜଣେ ଦେହଜୀବୀ ଓ ଆଉ ଜଣେ ବେଇମାନ। ସମସ୍ତ ବିଚାର ପ୍ରକ୍ରିୟା ସାରି ଯମରାଜ ନ୍ୟାୟ ଘୋଷଣା କଲେ, ଦେହଜୀବୀ ମାତ୍ର ମାସେ ରଡ଼ ନିଆଁରେ ଚାଲିବ, କିନ୍ତୁ ବେଇମାନ ତତଲା ତେଲ କଡ଼େଇରେ ଚାରି ମାସ ଛଣା ହେବ।

ଏ ପ୍ରକାର ନ୍ୟାୟ ମନ୍ତ୍ରୀ ଚିତ୍ରଗୁପ୍ତଙ୍କ ମନକୁ ସନ୍ତୁଷ୍ଟ କରି ପାରିଲା ନାହିଁ। ପଚାରିଲେ, "ହେ ଧର୍ମରାଜ! ଦେହଜୀବୀକୁ ଦଣ୍ଡ କମ୍, ବେଇମାନକୁ ଅଧିକ ଦଣ୍ଡ, ନ୍ୟାୟଟା ଅସଙ୍ଗତି ଲାଗୁଛି।"

ଯମରାଜ କହିଲେ, "ପେଟଭୋକ ପାଇଁ ବିଚରା ମହିଳା ନିରୁପାୟ ହୋଇ ଦେହକୁ ବିକ୍ରି କଲା ଓ ଗ୍ରାହକର କାମନା ନିଆଁକୁ ନିର୍ବାପିତ କଲା। କିନ୍ତୁ ବେଇମାନ ବିଶ୍ୱାସରେ ବିଷ ଦେଇଥିବାରୁ ଧର୍ମ ବିଚାରରେ ଦେହଜୀବୀଠୁ ବେଇମାନ ବଡ଼ ଅପରାଧୀ।

ମନ୍ତ୍ରୀ ଚିତ୍ରଗୁପ୍ତ ବିଚାର ଦସ୍ତାବିଜରେ ଉଲ୍ଲେଖ କଲେ ବରଂ ଦେହଜୀବୀକୁ ଛାଡ଼ ଅଛି। କିନ୍ତୁ ବେଇମାନକୁ ଧର୍ମ ଦୁଆରେ ଛାଡ଼ ନାହିଁ। ■

ମୋ: ୯୪୩୭୧୬୩୪୨୧

## କ୍ଷଣ କ୍ଷଣକେ ଆନ



ଜୟନ୍ତୀ ରଥ

ବୋଉ ମୁଁ ଆଜି ନନ୍ଦୀନାଗରୀ ଲିପି ଶିଖିଲି
ନଣ୍ଡା ବାଗୁଲି ଖାଉରୁ
ହଉ ଖାଆ, ଖାଆ
ଭଲ ହଜମ ହେବ।
ନା- ବୋଉକୁ ଶୁଭୁ ନାହିଁ
ତାକୁ କିଛି ବୁଝାଇ
କହି ହେବନି।
ଆଉ, ସେ ଯାହା
ନିଜ ଆଡୁ କହୁଚି କହୁ...

ଦିଅଁ ପୂଜିବାକୁ
ରାତି ଚାରିଟାରେ ଉଠି
ଗାଧୋଉଥିଲା
ଏବେ ଅପରାହ୍ନ ସାଢ଼େ ପାଞ୍ଚ
କହୁଚି, କେତେ ଡେରି ହେଲାଣି
ମୋତେ ଉଠେଇ ଦେଲନି ଟିକେ
ନିଆଁ ଲଗା ନିଦଟା
ଅବେଳରେ ଆସୁଚି
ଆଉ ସମସ୍ତେ ଶୋଇଲାବେଳେ
ପତା ପଡୁନି ଆଖିର

ଭାସ୍କର ବେଲପତ୍ର ଆଣିଚି?
ତାକୁ କହିଥିଲି
ସବୁ ସଂକ୍ରାନ୍ତିରେ ହୋମ ହେବ
ବୋହୂ ମାଆ ଏକୁଟିଆ
ପାରିବନି।
ତୁ ଆସି ଯୋଗାଡ଼ି ଦେବୁ
ଏବେ ସବୁ କଥାକୁ
ଗାଲଉଚି –
ପରା ଟୋକାଟା।

ଓହୋ ବୋଉ।
ସବୁ ପୂଜା ଠିକ୍‌ଠାକ୍ ଚାଲିଚି
ତୁ ଜମ୍ମା ବ୍ୟସ୍ତ ହ'ନା
ବୋଉ ଉଦାସ ହୋଇ
କହୁଚି
ବ୍ୟସ୍ତ ହୋଇ
କ'ଣ କରିବି
ମୁଁ ତ ମଲାଗଲା
ହୋଇ ପଡ଼ିଚି
ଜ୍ୱାଇଁଙ୍କ ପାଇଁ
ମିଠା ଦହି ଅଛି
ଫ୍ରିଜ୍‌ରେ
ଗଲାବେଳେ ମନେ କରି
ନେଇଯିବୁ

ମୁଁ ବୁଝି ଗଲି
କ୍ଷଣ କ୍ଷଣକେ ଆନ
ଏବେ ବୋଉର ପୃଥିବୀ...
ଦିନେ ମୋର ବି
ଏଇ ଦଶା ହେବ। ■

ଭୁବନେଶ୍ୱର
ମୋ: ୮୮୯୫୬୧୭୯୫୬

## ମରୁଥାଏ ବାରମ୍ବାର



ଚିତ୍ତରଞ୍ଜନ ମିଶ୍ର

ସେଦିନ କାଶ୍ମୀର ଘାଟିରେ
ମରିଥିଲି ଗୁଳି ଖାଇ ଆତଙ୍କବାଦୀର
ଆଉଥରେ ଗାଜାରେ ନିଖୋଜ ହୋଇ
ଛତ୍ରରେ ମୁଠାଏ ଖାଦ୍ୟ
ଖୋଜିଥିଲି ଭୋକ ବିକଳରେ।
ଜୀବନ ବଞ୍ଚାଇବାକୁ ୟୁକ୍ରେନର
ସୀମା ପାର ହେବା ବେଳେ
ମରିଥିଲି, ମରିଥିଲି ଆଉଥରେ
ବଙ୍ଗଳାଦେଶରେ
ଘର ମୋର ଜଳିଗଲାପରେ
ମରିଥିଲି ମୁର୍ଶିଦାବାଦରେ
ମରିଥିଲି ସେ ଝିଅଟି ଜଳିଯିବା ବେଳେ
ନିଜକୁ ଅଙ୍ଗାର କରି ନ୍ୟାୟ ଅପେକ୍ଷାରେ
ମରିଥିଲି ଉତ୍ତରାଖଣ୍ଡରେ
ପାଦତଳୁ ପାହାଡ଼ଟି ଧସି ଯିବା ପରେ
ମରିଥିଲି ମଦ୍ୟପଙ୍କ ପଞ୍ଝାରେ, ଦାନ୍ତରେ
ପୀଡ଼ିତାର ଚିରା ଦେହ ଛପା ଛବି
କାଗଜରେ ଚିରି ଯିବାପରେ
କିଏ ବା ବଞ୍ଚାଇଥିଲା ଯେତେବେଳେ
ଚାରି ବରଷର ଶିଶୁ
ଫଡ଼ା ଫଡ଼ା ମାଂସ ହୋଇଗଲା
ବୁଲା କୁକୁରଙ୍କ ମେଳେ

ରକ୍ତାକ୍ତ ରାସ୍ତାରେ?
କେତେଥର ମରିଛି ମୁଁ, ମରୁଛି ମୁଁ
ଧିକ୍ ମୋର ମରିବାକୁ
ବାରମ୍ବାର, ବଞ୍ଚିଥାଇ ଗୋଟେ ଜୀବନରେ
ଜଗତ ନର୍କରେ ଏବେ
କିଏ ଏଠି କାହାକୁ ଉର୍ଦ୍ଧ୍ୱରେ? ■

ମଞ୍ଜୁଳା, ୱାଟର ୱର୍କ୍ସ ରୋଡ୍
ପୁରୀ - ୭୫୨୦୦୨



## ପୁସ୍ତକ ପରିଚୟ

### ବାଞ୍ଛ

ସୁଚରିତା ମହାନ୍ତି





ଶାନ୍ତିସେନା ପବ୍ଲିକେଶନ୍ସ
ଜଗତସିଂହପୁର
ପ୍ରଥମ ସଂସ୍କରଣ ୨୦୨୫
ମୂଲ୍ୟ : ୧୫୦ ଟଙ୍କା

ଗାଳ୍ପିକା ସୁଚରିତା ମହାନ୍ତିଙ୍କ ଗଳ୍ପ ସଂକଳନ 'ବାଞ୍ଛ' ପ୍ରକାଶ ପାଇଛି। ୩୩ଟି ଗଳ୍ପ ଏହି ପୁସ୍ତକରେ ସଂକଳିତ ହୋଇଛି। 'ବଡ଼ ଅଫିସର',, 'ଅଗ୍ନି ପରୀକ୍ଷା', 'ଶେଷ ଥର', 'ବାଞ୍ଛ', 'ସଂପର୍କ', 'ଅଲିଭା ଗାର', 'ଉଦାସିଆ ଆଖି', 'କନ୍ୟାଦାନ', 'ଅସ୍ତଗାମୀ ସୂର୍ଯ୍ୟ', 'ଶେଷ ପାହାଚ', 'ରେବତୀ', 'ଆମାବାସ୍ୟାର ଚନ୍ଦ୍ର', 'ସମୟ ଖେଳ', 'ବୁଢ଼ୀ ମା'ର କାହାଣୀ ପେଡ଼ି' ପ୍ରଭୃତି ଗଳ୍ପଗୁଡ଼ିକରେ ସାମାଜିକ ବାସ୍ତବତା, ମାନବୀୟ ଭାବାବେଗ, ମଣିଷ ଜୀବନର ଆଶା, ନିରାଶା, ଦ୍ୱନ୍ଦ୍ୱ ସଂଘର୍ଷର ଚିତ୍ର ପ୍ରତିଫଳିତ ହୋଇଛି। ମାତୃତ୍ୱ ଲାଭ କରିବା ନାରୀ ଜୀବନର ବଡ଼ ଉପଲବ୍ଧି। କିନ୍ତୁ ଜନ୍ମ କଲା ସନ୍ତାନମାନେ ଯଦି ବଡ଼ ହୋଇ ବାପାମାଆଙ୍କୁ ଅସମ୍ମାନ ଓ ଅନାଦର କଲେ ସେମାନଙ୍କ ଜୀବନ ହୋଇଉଠେ ଦୁର୍ବିସହ। ଜୀବନର ଏହି ବାସ୍ତବତା ତାହା ଚିତ୍ରିତ ହୋଇଛି 'ବାଞ୍ଛ' ଗଳ୍ପରେ। ସେଥିପାଇଁ ଅବହେଳିତ ଶାଶୁ ଜଣକ ଜରାଶ୍ରମ ଖଟିରେ ପଡ଼ି ଥର ଥର କଣ୍ଠରେ କହୁଥିଲେ "ମୁଁ ବାଞ୍ଛ ହୋଇଥିଲେ ଭଲ ହୋଇଥାଆନ୍ତି।" ଏହି ପୁସ୍ତକର ଅନେକ ଗପରେ ନାରୀ ଜୀବନ ଅକୁହା ବେଦନା, ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି। 'ବାଞ୍ଛ'ର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ଅପାସୋରା ମଣିଷ

ସଂପାଦକ: ଡକ୍ଟର ବନଜ କୁମାର ବିଶ୍ୱାଳ





ଗୋପାଳ ଚରଣ ମହାନ୍ତି ସ୍ମୃତି ସଂସଦ
ମଲ୍ଲୀପୁର, କିଶୋରନଗର, କଟକ
ପ୍ରଥମ ପ୍ରକାଶ : ୨୦୨୧
ମୂଲ୍ୟ : ୨୦ ଟଙ୍କା

କଟକ ଜିଲ୍ଲା କିଶୋରନଗର ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି, ସମାଜ ମନସ୍କ ସ୍ୱର୍ଗତ ଗୋପାଳ ଚରଣ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଡକ୍ଟର ବନଜ କୁମାର ବିଶ୍ୱାଳ ସଂପାଦନାରେ ପ୍ରକାଶ ପାଇଛି 'ଅପାସୋରା ମଣିଷ' ପୁସ୍ତକ। ଏହି ପୁସ୍ତକରେ ସ୍ୱର୍ଗତ ମହାନ୍ତିଙ୍କ ସମାଜ ପ୍ରତି ଅବଦାନ, ପରୋପକାର, ନିରାଡ଼ମ୍ବର ବ୍ୟକ୍ତିତ୍ୱ, ବ୍ୟକ୍ତିଗତ ଜୀବନ ସଂପର୍କରେ ସ୍ମୃତି ଚାରଣ କରାଯାଇଛି। ଡକ୍ଟର ଅରବିନ୍ଦ ପଟ୍ଟନାୟକ, ଡାକ୍ତର ଅଶୋକ କୁମାର ଦାସ, ଡାକ୍ତର ଆଲୋକ କାନୁନ୍‌ଗୋ, ଡକ୍ଟର ଉମେଶ ଚନ୍ଦ୍ର ପଟ୍ଟନାୟକ, ଡକ୍ଟର କବିତା ଖଟାଇ, ପ୍ରାଧ୍ୟାପକ କିଶୋର କୁମାର ବିଶ୍ୱାଳ, ଡକ୍ଟର କିଶୋର ଚନ୍ଦ୍ର ଦାସ, ଡକ୍ଟର ଜ୍ୟୋତିର୍ମୟୀ ମହାନ୍ତି, ପ୍ରାଧ୍ୟାପକ ଦେବେନ୍ଦ୍ରନାଥ ବାରିକ, ଡକ୍ଟର ପାବକ କାନୁନ୍‌ଗୋ, ଡକ୍ଟର ତରଣୀ ସେନ୍ ବାରିକ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ସ୍ୱର୍ଗତ ମହାନ୍ତିଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋଚନା କରି ସ୍ମୃତିଚାରଣ କରିଛନ୍ତି। ସ୍ୱର୍ଗତ ମହାନ୍ତିଙ୍କ ଜୀବନ ଶୈଳୀ ଥିଲା ନିରାଡ଼ମ୍ବର। ସାଧାରଣ ଲୋକଙ୍କ ସୁଖଦୁଃଖରେ ସେ ସାମିଲ ହେଉଥିଲେ। ସ୍ୱର୍ଗତ ଗୋପଳଚରଣ ମହାନ୍ତିଙ୍କ ସୁଗୁଣାବଳୀ ଉତ୍ତର ପିଢ଼ିଙ୍କ ଉଦ୍‌ବୁଦ୍ଧ କରି ବୋଲି ଆଶା କରାଯାଏ। ■

### କାକ୍‌ଟସ୍‌ର ଲୁହ

ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ




ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ନେଳିଆବାଗ, ବାଲେଶ୍ୱର
ପ୍ରଥମ ପ୍ରକାଶ : ୨୦୨୫
ମୂଲ୍ୟ : ୧୫୦ ଟଙ୍କା

"ବସ୍ତୁବାଦୀ ଦୁନିଆର ଲମ୍ବାରାସ୍ତା,/ ଛଳନା ପ୍ରତାରଣାର କଂକ୍ରିଟ୍ ନିର୍ମିତ/ଆବୁଡ଼ା ଖାବୁଡ଼ା ଚଟାଣର ଦେହ,/ ଆଉ ଥରେ ପୁଣି ସଜାଡ଼ି ଯାଉଛି।" (ଭଙ୍ଗା ବିଶ୍ୱାସର ପୋଲ) ଆଶା ଓ ବିଶ୍ୱାସ ହିଁ ମଣିଷକୁ ଜୀବନ ବଞ୍ଚିବା ପାଇଁ ପ୍ରେରଣା ଦିଏ। ତେବେ ବସ୍ତୁବାଦୀ ଦୁନିଆରେ ବେଳେବେଳେ ମଣିଷ ଧକ୍କା ଖାଏ। ତଥାପି ବିଶ୍ୱାସ ହିଁ ତାକୁ ଜୀବନର ଆବୁଡ଼ା ଖାବୁଡ଼ା ରାସ୍ତାରେ ଚାଲିବାକୁ ସାହସ ଓ ଶକ୍ତି ଦିଏ। ଏମିତି ଜୀବନର ବାସ୍ତବ ଚିତ୍ର ପ୍ରତିଫଳିତ ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟଙ୍କ 'କାକ୍‌ଟସ୍‌ର ଲୁହ' ପୁସ୍ତକର ଅନେକ କବିତାରେ। ଏହି ପୁସ୍ତକର 'ଆଉ ଏକ ଦୃଶ୍ୟ', 'ବିଭାଜନ', 'ଏକ ବିସ୍ଥାପିତ ଇଚ୍ଛା', 'ଜୀବନ ଗଣିତ', 'ଶବ୍ଦର ସ୍ୱରୂପ', 'ଧୈର୍ଯ୍ୟ', 'ଯନ୍ତ୍ରଣା', 'ଆଶଙ୍କା', 'ସମୁଦ୍ର ସ୍ନାନ', 'ଦୁଃଖୀଲୋକ', 'ପିତୃପୁରୁଷ', 'କକ୍‌ଟସ୍‌ର ଲୁହ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି। ଏହି କବିତାଗୁଡ଼ିକରେ କବି ଜୀବନର ବାସ୍ତବ ଚିତ୍ର ଦେବାରେ ବେଶ୍ ସଫଳ ହୋଇଛନ୍ତି। ସେହିପରି 'ବର୍ଷା', 'ପ୍ରକୃତି ମାୟାରେ ବନ୍ଧା', 'ଏକ ବରଗଛର ସ୍ମୃତିରେ' ଆଦି କବିତାରେ ପ୍ରକୃତିର ଜୀବନ୍ତ ଚିତ୍ର ମାର୍ମିକ ଭାବେ ଫୁଟି ଉଠିଛି। 'କାକ୍‌ଟସ୍‌ର ଲୁହ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

## ରାଧାନାଥୀୟ ପ୍ରତିଭାର ଅଭିଜାତ ଐଶ୍ୱର୍ଯ୍ୟ



ଡ. ପ୍ରଫୁଲ୍ଲ କୁମାର ସାହୁ

ଯୁଗପ୍ରବର୍ତ୍ତକ କବି ରାଧାନାଥ ରାୟ। ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ଅନୁପମ ବିଦ୍ଧାଣି। ରୀତିଯୁଗର ଆଳଙ୍କାରିକ ପଦଲାଳିତ୍ୟ ଓ ଯୌବନୋଚ୍ଛଳ ପ୍ରେମ ପ୍ରଣୟକୁ ଆଦୌ ପରିହାର ନ କରି ମଧ୍ୟ ଭଞ୍ଜୀୟ ପୃଷ୍ଠଭୂମି ଉପରେ ଗଢ଼ି ଦେଇଛନ୍ତି ଆଧୁନିକ କାବ୍ୟ ଚେତନାର ଏକ ବିଶାଳ ଓ ସୁରମ୍ୟ ହର୍ମ୍ୟ। ସେଥିପାଇଁ କିଏ ତାଙ୍କୁ ଯୁଗପ୍ରବର୍ତ୍ତକ କହେ ତ କିଏ କହେ ବିପ୍ଳବୀ ରାଧାନାଥ।

କବିବର ରାଧାନାଥ ଥିଲେ ଶୁଦ୍ଧ ସୌନ୍ଦର୍ଯ୍ୟବାଦୀ। ପ୍ରକୃତିର ଉପାସକ। ଅସାଧାରଣ ତାଙ୍କ ଆହରଣ ଦକ୍ଷତା ଓ ସମୀକରଣ କୌଶଳ। ଚମତ୍କାର ତାଙ୍କ ଗଳ୍ପଗୁମ୍ଫନ କୌଶଳ। କଥାରେ ଅଛି "ଯେ ପକ୍ଷୀ ଉଡ଼େ ଯେତେ ଦୂର, ସେ ଜାଣେ ତହିଁର ଖବର।" ଜଗତର ବିଶାଳତାକୁ ଅନୁଭବ କରିବା ପାଇଁ ନିଜ ମନପକ୍ଷୀକୁ ଉଡ଼େଇ ଦେଇଛନ୍ତି ଦୂର ଆକାଶରେ। ଓଡ଼ିଆ, ବଙ୍ଗଳା, ସଂସ୍କୃତ, ଇଂରାଜୀ, ପାର୍ସୀ ଓ ଉର୍ଦ୍ଦୁ ଆଦି ବିଭିନ୍ନ ଭାଷାରେ ପାରଦର୍ଶିତା ଯୋଗୁଁ ଓଡ଼ିଶାର ଇତିହାସ, କିମ୍ବଦନ୍ତୀ ଓ ପୌରାଣିକ ଆଖ୍ୟାନଠାରୁ ଆରମ୍ଭ କରି ଗ୍ରୀକ୍ ଓ ରୋମ୍ ସାହିତ୍ୟ ପର୍ଯ୍ୟନ୍ତ ଲମ୍ବି ଯାଇଥିଲା ତାଙ୍କ କଳ୍ପନାର ଚାରଣ ଭୂମି। ଗଭୀର ଅଧ୍ୟୟନ ଓ ଅଭିଜ୍ଞାନ ବଳରେ ବିଶ୍ୱର ବିଭିନ୍ନ କ୍ଷେତ୍ରରୁ ଚିନ୍ତା ଓ ସୌନ୍ଦର୍ଯ୍ୟର ପୁଷ୍ପ ଚୟନ କରି ସେ ନିର୍ମାଣ କରିଛନ୍ତି ଆପଣା କାବ୍ୟ ତପୋବନ। ବିଷୟବସ୍ତୁ କିମ୍ବଦନ୍ତୀୟ ହେଉ କି ପାଶ୍ଚାତ୍ୟ ଜନଶ୍ରୁତିର ରୂପକଥା ହେଉ, ତା'ର ଭାବକଳ୍ପର ଶିରାରେ ଶିରାରେ ଭରି ଦେଇଛନ୍ତି ଉତ୍କଳୀୟତାର ସ୍ପନ୍ଦନ। ଗ୍ରୀକ୍ କବି ଓଭିଡଙ୍କ 'ମେଟାଫରସିସ୍' ପୁସ୍ତକର ଆପୋଲ ଡାଫିନଙ୍କୁ ଆଣି ଓଡ଼ିଶା ମାଟିରେ ପହଞ୍ଚେଇ ଦେଇଛନ୍ତି, ଯିଏ କୋଣାର୍କର ବେଳାଭୂମିରେ ବିଚରଣ କରିଛନ୍ତି ସୂର୍ଯ୍ୟଦେବ ଓ ଚନ୍ଦ୍ରଭାଗା ରୂପରେ। ଏହା ହୋଇପାରେ ଏକ ବିଦେଶୀ କଥାବସ୍ତୁର ଓଡ଼ିଆ କରଣ, ମାତ୍ର କବିଙ୍କ ଲେଖନୀରେ ବିଭୂତିମଣ୍ଡିତ ହୋଇ ଚନ୍ଦ୍ରଭାଗା ପାଲଟି ଯାଇଛି ଏକ ତୀର୍ଥକ୍ଷେତ୍ର। ତା' ସହିତ ଯୋଡ଼ି ହୋଇଯାଇଛି ମାଘସପ୍ତମୀ ଓ ବାରୁଣିସ୍ନାନ। କବି କଳ୍ପନାର ଏହି ଇନ୍ଦ୍ରଜାଲ ଭିତରେ ଛନ୍ଦିହୋଇ ପାଠକ ବିଚାରା ବୁଝି ପାରେନି ଚନ୍ଦ୍ରଭାଗା କାହାର ନାମ ନାରୀର ନା ନଦୀର?

କେବଳ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସମୀକରଣ ନୁହେଁ, ଓଡ଼ିଶାର ଦେବଦେବୀ, ରାଜାମହାରାଜା, ମାଟି, ପାଣି, ପବନ, ନଦନଦୀ, ଶିଳା, ଶାଳଗ୍ରାମ ଆଦିର ସମାବେଶ ତଥା ଉତ୍କଳ ଗୌରବ ଗାଥାର ପୁନଃ ସ୍ଥାପନ ହିଁ ତା'ର ମୂଳକଥା। ରାଧାନାଥଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟରେ ଅନେକ ଉଚ୍ଚକୋଟୀର କାବ୍ୟ ଲେଖା ସାରିଥିଲେ ବି ସେଥିରେ କାବ୍ୟ ରୂପ ପାଇ ନଥିଲା ଜାତୀୟ ଅସ୍ମିତାର ସମକାଳୀନ ଚିନ୍ତନ। ଓଡ଼ିଆ ବାଙ୍ମୟ ଅଭିବ୍ୟକ୍ତିରେ ଊଣା ଥିଲା ଇତିହାସ ଦୃଷ୍ଟି। ଏହାକୁ ଅନୁଭବ କରି ଉତ୍କଳର ଭୂପ୍ରକୃତି, ଲୋକଜୀବନ ତଥା ତା'ର ଗୌରବମୟ ଅତୀତକୁ ଆଣି କବି ଠିଆ କରେଇ ଦେଲେ ଉତ୍କଳଲକ୍ଷ୍ମୀ 'ଚିଲିକା' କୂଳରେ। ରକ୍ତବାହୁ ଯବନର ପତନ, ମାଣିକ ଗଉଡୁଣୀ ଓ କାଞ୍ଚି ବିଜୟ କାହାଣୀକୁ ନେଇ ଓଡ଼ିଆ ଅସ୍ମିତାର ଏକ ବିମ୍ବ ହୋଇ ଠିଆ ହେଲା ମରାଳ ମାଳିନୀ ନୀଳାମ୍ବୁ ଚିଲିକା। କେବଳ 'ଚିଲିକା' ନୁହେଁ, ବିଦ୍ରୂପାତ୍ମକ କାବ୍ୟ 'ଦରବାର'ଠାରୁ 'ମହାଯାତ୍ରା' ପର୍ଯ୍ୟନ୍ତ ପ୍ରଲମ୍ବିତ ତାଙ୍କ ଜାତୀୟ ଅସ୍ମିତାର ଜୟଯାତ୍ରା। ମହାଯାତ୍ରା କାବ୍ୟରେ ସେ ପାଣ୍ଡବମାନଙ୍କୁ ସାରା ଓଡ଼ିଶା ବୁଲେଇଛନ୍ତି ଏବଂ ଉତ୍କଳର ମହିମା ଗାନ କରିବାକୁ ଯାଇ ଅଗ୍ନିଦେବଙ୍କ ଜରିଆରେ କହିଛନ୍ତି- "ପର୍ଣ୍ଣଦଳେ ଶ୍ରେଷ୍ଠ ଯେହ୍ନେ ପ୍ରସୂନ ଲଳିତ, ଶ୍ରେଷ୍ଠ ଏ ଉତ୍କଳ ଭୂମି ଗୁଣେ ଗରୀୟସୀ... ।"

ରାଧାନାଥଙ୍କ ଶବ୍ଦର ଇନ୍ଦ୍ରଜାଲରେ ଓଡ଼ିଶାର ଗିରି ହୋଇଛି ଗିରୀନ୍ଦ୍ର, ସର ହୋଇଛି ସାଗର, ଶିମୁଳି ଗଛ ବି ଲଭିଛି ଶାଲ୍ମଳୀ ତରୁର ମର୍ଯ୍ୟାଦା। କବିଙ୍କ ଭାଷାରେ- "ଶାଲ୍ମଳୀ ଶଇଳୁଁ ତିନି ସ୍ଥାନେ ତିନି ତଟିନୀ ଝରେ, ଲଙ୍ଘି ନାନା ବନ ଜନପଦ ମିଶେ ବଙ୍ଗ ସାଗରେ।" ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ଆରାଧ୍ୟ ଦେବତା ଏବଂ ଶ୍ରୀକ୍ଷେତ୍ର ହେଉଛି ଓଡ଼ିଶାର ସାଂସ୍କୃତିକ ରାଜଧାନୀ। ସେହି ପବିତ୍ର ଧାମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ଯାଇ ସେ ଲେଖିଛନ୍ତି – "ପୁଷ୍ପକୁଣ୍ଡେ ଶ୍ରେଷ୍ଠ ତାର କେଶର ଯେସନେ, ଶ୍ରେଷ୍ଠ ଏ ନୀଳାଦ୍ରିଧାମ ସମଗ୍ର ଉତ୍କଳେ।" ଏଥିସହ ଶ୍ରୀକ୍ଷେତ୍ରକୁ ଏକ ସାଂସ୍କୃତିକ ପରିମଣ୍ଡଳ ଭାବରେ ଗଢ଼ିବାକୁ ଯାଇ ତାକୁ ସେ ଯୋଡ଼ିଛନ୍ତି 'ପାର୍ବତୀ', 'ଚନ୍ଦ୍ରଭାଗା' ଓ 'ଚିଲିକା' ଆଦି କାବ୍ୟ ସହିତ।

ରାଧାନାଥଙ୍କ ବ୍ୟକ୍ତିତ୍ୱର ସ୍ୱାଭାବିକ ଗୁଣଟି ଥିଲା ପ୍ରକୃତି ଉପାସନା। ଶୈଶବରୁ ବିଜନତା ମଧ୍ୟରେ ନିମଜ୍ଜନ ତାଙ୍କୁ ଶିଖେଇ ଥିଲା ପ୍ରକୃତିର ମହାଭାବ ସହିତ ଏକାତ୍ମ ହେବାର ରହସ୍ୟ। କବି ସେହି ରହସ୍ୟମୟ ଭାବମୟତାର ଚିତ୍ରକର। ପ୍ରକୃତି ବର୍ଣ୍ଣନା ଓଡ଼ିଆ କାବ୍ୟରେ କିଛି ନୂଆ କଥା ନୁହେଁ, ବରଂ ଖୁବ୍ ବିସ୍ତୃତ ଓ ମାର୍ମିକ। ଏହା ରୀତି କାବ୍ୟରେ ଯେତିକି ପ୍ରାଣସ୍ପର୍ଶୀ, ରାଧାନାଥଙ୍କ ସମସାମୟିକ ସ୍ୱଭାବ କବି ଗଙ୍ଗାଧର ମେହେର ଓ ଭକ୍ତକବି ମଧୁସୂଦନ ରାଓଙ୍କ ସୃଷ୍ଟିରେ ସେତିକି ଆବେଗସ୍ନାତ । ମାତ୍ର ପ୍ରକୃତିକୁ କେନ୍ଦ୍ରରେ ରଖି ଗୋଟେ କାବ୍ୟ ଯେ ଲେଖା ଯାଇପାରେ, ରାଧାନାଥଙ୍କ ପୂର୍ବରୁ କେହି କେବେ କଳ୍ପନା କରି ନ ଥିଲେ ଏକଥା। ରୀତି ସାହିତ୍ୟରେ ପ୍ରକୃତି ଥିଲା ଏକ ଚିତ୍ର। ତାକୁ ଚରିତ୍ରରେ ପରିଣତ କରିଦେଲା ରାଧାନାଥୀୟ ପ୍ରତିଭା। ଚିଲିକା ହ୍ରଦଟିଏ ହେଲେ ବି କବି କଲମରେ ସେ ପାଲଟିଗଲା ଏକ ହାସ୍ୟମୟୀ ଓ ଲାସ୍ୟମୟୀ ନାରୀ, ଯେଉଁ କାବ୍ୟ ନାୟିକାର ରୂପ ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାକୁ ଯାଇ ସେ ଲେଖିଛନ୍ତି- "ଆହା ଏ ଶୋଭାର ନାହିଁ ପଟାନ୍ତର, ଥିଲେ ଥିବ ସ୍ୱର୍ଗେ ମର୍ତ୍ତ୍ୟେ ଅଗୋଚର।" କବି ଦୃଷ୍ଟିରେ ପ୍ରକୃତି ନିର୍ବାକ ଓ ନିସ୍ପନ୍ଦ ନୁହେଁ, ତାହା ପ୍ରାଣବନ୍ତ ଓ ବାଙ୍ମୟ। ସେ ହିଁ ଓଡ଼ିଆ ସାହିତ୍ୟର ପ୍ରଥମ କବି, ଯିଏ ପ୍ରକୃତି ଉପରେ ଆରୋପ କରିଛନ୍ତି ମାନବିକ ଗୁଣ। ଓଡ଼ିଆ କାବ୍ୟ କବିତାରେ ବର୍ଷାବର୍ଣ୍ଣନା ତ ବିସ୍ତୃତ। ମାତ୍ର ସେ ବର୍ଣ୍ଣନାରେ ନ ଥିଲା ବାହ୍ୟ ପ୍ରକୃତି ସହିତ ଅନ୍ତଃପ୍ରକୃତିର ତୁଳନା। କବି ସେଭଳି ତୁଳନାତ୍ମକ ଚିତ୍ର ଆଙ୍କିବାର ପରମ୍ପରା ଆରମ୍ଭ କଲେ, ଯା'ର ଦୃଷ୍ଟାନ୍ତ ହେଉଛି- "ବହି ଯାଉଛି ବାରି ଭେଦି କିଆରି, ମର୍ଯ୍ୟାଦା ଲଙ୍ଘେ ଯଥା ସ୍ୱତନ୍ତ୍ରା ନାରୀ।" (ତୁଳସୀ ସ୍ତବକ)

ମଣିଷ ଜୀବନର ମୌଳ ଆବେଗ ହେଉଛି ପ୍ରେମ ଏବଂ ଏହା ହିଁ ସବୁ କଳା କଳ୍ପନାର ମୂଳକଥା। ଜୀବନର ଏହି ଅଭିଜାତ ଐଶ୍ୱର୍ଯ୍ୟରେ ଖୁବ୍ ଐଶ୍ୱର୍ଯ୍ୟବନ୍ତ ଥିଲା ରୀତିଯୁଗୀୟ କାବ୍ୟକଳା। ମାତ୍ର ତା'ର ବିଷୟ ବିନ୍ୟାସରେ ନ ଥିଲା ବ୍ୟଞ୍ଜନାମୟ ବୈଚିତ୍ର। ସୁଖଦୁଃଖ, ହସକାନ୍ଦ ମିଶାମିଶି ଜୀବନ ହିଁ ମଣିଷର ଅଲଙ୍ଘନୀୟ ଭାଗ୍ୟ। ମାତ୍ର ପ୍ରତ୍ୟେକ କ୍ଷେତ୍ରରେ ମିଳନାତ୍ମକ ପରିସମାପ୍ତି ଥିଲା ରୀତିକାବ୍ୟର ପରଂପରା। ତା'ର ଏହି ଗତାନୁଗତିକ ପରିପାଟୀରେ ରାଧାନାଥ ଆଣିଲେ ଭିନ୍ନତା। ପ୍ରେମ ପାଇଁ ଜୀବନ ବିସର୍ଜି ଦେବାକୁ ଆଗେଇ ଆସିଲେ ତାଙ୍କ କାବ୍ୟର ନାୟକ ନାୟିକା କେଦାର ଓ ଗୌରୀ। କେବଳ 'କେଦାରଗୌରୀ' ନୁହେଁ, 'ପାର୍ବତୀ', 'ନନ୍ଦିକେଶରୀ', 'ଚନ୍ଦ୍ରଭାଗା' ଆଦି ଅନେକ କାବ୍ୟରେ ଦୁଃଖଦ ଉପସଂହାରକୁ ନେଇ ଉଦ୍‌ଘାଟିତ ହେଲା କଳାର ଏକ ଅଭିନବ ଦିଗନ୍ତ।

ରାଧାନାଥ ଥିଲେ କାବ୍ୟିକ ଭାଷାର ପ୍ରଥମ ସଂସ୍କାରକ। କାବ୍ୟର ଆଙ୍ଗିକ ପରିବର୍ତ୍ତନ କରିବାକୁ ଯାଇ ସେ ହିଁ ପ୍ରଥମେ ପ୍ରୟୋଗ କଲେ ଅମିତ୍ରାକ୍ଷର ଛନ୍ଦ। ତାଙ୍କ ସରଳ, କୋମଳ, ମଧୁର ଓ ମଞ୍ଜୁଳ ଶବ୍ଦ ସଂଯୋଜନା ଯୋଗୁଁ ଆଉ ଅଳଙ୍କାରର ପ୍ରାବଲ୍ୟରେ ଭାରାକ୍ରାନ୍ତ ହେଲା ନାହିଁ କାବ୍ୟସୁନ୍ଦରୀ। ବରଂ ସବୁ ବର୍ଗର ପାଠକଙ୍କୁ ଆମୋଦିତ ଓ ଆହ୍ଲାଦିତ କଲା ତାଙ୍କ ଉପମା ପ୍ରୟୋଗର ସୂକ୍ଷ୍ମ ଚାତୁରୀ ଓ ଲଳିତ ପଦ ବିନ୍ୟାସ। ଅର୍ଥବୋଧ, ରସବୋଧ ଓ ଭାବ ସଞ୍ଚରଣଶୀଳତା ନିମନ୍ତେ ଆଉ ରହିଲାନି ପ୍ରତି ପଦରେ ଅଭିଧାନ ଅଣ୍ଡାଳିବାର ଭଞ୍ଜୀୟ ଝିଙ୍କଟ। ରାଧାନାଥ ଥିଲେ ଜଣେ ନିର୍ଭୀକ ତଥା ବାସ୍ତବବାଦୀ ସ୍ରଷ୍ଟା। ନିଜର ପ୍ରଜ୍ଞା, ପ୍ରତିଭା ଓ ଅଧ୍ୟବସାୟ ବଳରେ ସେ ବହୁ ସମ୍ମାନର ଅଧିକାରୀ ହୋଇଛନ୍ତି ସତ, ହେଲେ କେବେ କିଛି ଲେଖି ନାହାଁନ୍ତି ଅନୁଗୃହୀତ ହେବା ଲକ୍ଷ୍ୟରେ। ତାଙ୍କୁ ରାୟ ବାହାଦୁର ଉପାଧିରେ ଭୂଷିତ କରିଛନ୍ତି ଇଂରେଜ ସରକାର। ବାମଣ୍ଡା ରାଜଦରବାରରୁ ସେ ପାଇଛନ୍ତି କବିବର ଉପାଧି। ଅଥଚ ଇଂରେଜ ସରକାର ହୁଅନ୍ତୁ କି ଦେଶୀୟ ରାଜା ହୁଅନ୍ତୁ, ସେମାନଙ୍କ ପ୍ରଜା ଶୋଷଣ ନୀତିକୁ ସେ ଖୁବ୍ ବିଦ୍ରୂପ କରିଛନ୍ତି 'ଦରବାର' କାବ୍ୟରେ। ରାଧାନାଥ ଥିଲେ ସମକାଳୀନ ବାସ୍ତବତା ଓ ନିଜ ବିଷାଦରେ ଆଚ୍ଛନ୍ନ ଏକ ବିମର୍ଶ କବି ପ୍ରତିମା। ଜୀବନ ବିମୁଖତା ସତ୍ତ୍ୱେ ପ୍ରତିଟି ପରିବୋଧନୀୟ ମୁହୂର୍ତ୍ତର ଆତ୍ମିକ ଉପଲବ୍ଧିକୁ ବୌଦ୍ଧିକତାରେ ରସାଣିତ କରି ସେ ଶୁଣେଇଛନ୍ତି ଅନେକ ଦାର୍ଶନିକ ବାଣୀ। ଏକ ଉଚ୍ଚତର ଆଧ୍ୟାତ୍ମିକ ଜୀବନବୋଧ ପ୍ରତି ଆସ୍ପୃହା ନେଇ ଗାଇଛନ୍ତି- "ଧର୍ମ ଏକା ସିନା ମହତ ପଣିଆ, ଆଉ ବଡ଼ପଣ ଅଡ଼େଇ ଦିନିଆ।" (ଦରବାର) ■

ଅବସରପ୍ରାପ୍ତ ଅଧ୍ୟକ୍ଷ,
ବିଜୁପଟ୍ଟନାୟକ ନଗର ଭଦ୍ରକ
ମୋ: ୬୩୭୧୬୪୨୪୬୪

# ପୁଲିସକୁ ପଥର ଛେଚି ହତ୍ୟା



ପୁରୁଣା କଟକ/ହରଭଙ୍ଗା, ୧୫।୧୧(ସମିସ): ଜଣେ ପୁଲିସ କର୍ମଚାରୀଙ୍କୁ ପଥରରେ ଛେଚି ହତ୍ୟା କରିବା ସହ ତାଙ୍କ ଶବକୁ ଅଳିଆ ଗଦାରେ ପୋତିଦେବା ଭଳି ଘଟଣା ବୌଦ୍ଧ ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ପୁରୁଣା କଟକ ଥାନା ଅନ୍ତର୍ଗତ ବାଲିସାଇ

## ୪ ଦିନ ପରେ ଅଳିଆ ଗଦାରୁ ଗଳିତ ଶବ ଉଦ୍ଧାର

ଗ୍ରାମରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ମୃତ ପୁଲିସ କର୍ମଚାରୀ ହେଲେ, ବାଲିସାଇ ଗ୍ରାମର ଉଦୟ ରଞ୍ଜନ ପଟ୍ଟନାୟକ। ବାଲିଗୁଡ଼ା ଥାନାରେ ସେ କନେଷ୍ଟବଳ ଭାବେ କାର୍ଯ୍ୟରତ ଥିଲେ। ୪ ଦିନ ତଳେ ତାଙ୍କୁ ହତ୍ୟା କରାଯାଇଥିବା ବେଳେ ପୁଲିସ ଆଜି ତାଙ୍କ ଗଳିତ ଶବକୁ ଅଳିଆ ଗଦାରୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହାସହ ଏକ ହତ୍ୟା ମାମଲା ରୁଜୁ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଲା, ସଞ୍ଜୟ ନାଏକ।

ସୂଚନାନୁଯାୟୀ, ଉଦୟ ଓ ସଞ୍ଜୟ ଦୁଇ ପଡ଼ୋଶୀ। ୪ ଦିନ ତଳେ କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହେବାରୁ ଏଥିରେ ସଂଜୟ ଉତ୍‌କ୍ଷିପ୍ତ ହୋଇ ଉଦୟଙ୍କ ମୁଣ୍ଡରେ ପଥର ଛେଚି ହତ୍ୟା କରିଥିଲା। ପରେ ପ୍ରମାଣ ଲୁଚାଇବା ପାଇଁ ତାଙ୍କ ଶବକୁ ଘର ପଛ ପାଖରେ ଥିବା ଏକ ଅଳିଆ ଗଦାରେ ପୋତି ଦେଇଥିଲା। ତେବେ ଉଦୟଙ୍କ ପୁଅ ଏ ସଂପର୍କରେ ଜାଣିବାରୁ ସଞ୍ଜୟ ତାକୁ ବି ହତ୍ୟା ଧମକ ଦେଇଥିଲା। ତେବେ ଆଜି ଉକ୍ତ ସ୍ଥାନରୁ ଉତ୍କଟ ଦୁର୍ଗନ୍ଧ ହେବାରୁ ଗାଁ ଲୋକଙ୍କ ସନ୍ଦେହ ହୋଇଥିଲା। ଗାଁ ଲୋକଙ୍କଠାରୁ ସୂଚନା ପାଇ ପୁଲିସ ଗାଁରେ ପହଞ୍ଚି ତଦନ୍ତ କରିଥିଲା। ଅଳିଆ ଗଦାରେ ଖୋଜାଖୋଜି କରି ପୁଲିସ ଉଦୟଙ୍କ ଶବ ଜବତ କରିଥିଲା। ପୁରୁଣାକଟକ ପୁଲିସ, ବୌଦ୍ଧ ଏସ୍‌ଡିପିଓ ଲରେନ୍ସ ରାଉତରାୟ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ, ଡଗ୍ ସ୍କ୍ୱାଡ୍ ସହାୟତାରେ ଘଟଣାର ସରଜମିନ ତଦନ୍ତ କରି ନମୁନା ସଂଗ୍ରହ କରିଥିଲେ। ଉଦୟଙ୍କ ବଡ଼ଭାଇ ବିହାରୀ ରଞ୍ଜନ ପଟ୍ଟନାୟକଙ୍କ ଅଭିଯୋଗ ଆଧାରରେ ପୁରୁଣାକଟକ ପୁଲିସ ଏନେଇ ଏକ ହତ୍ୟା ମାମଲା ରୁଜୁ କରିବା ସହ ଅଭିଯୁକ୍ତ ସଂଜୟକୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ପଥରକୁ ମଧ୍ୟ ପୁଲିସ ଜବତ କରିଛି। ଏନେଇ ପୁରୁଣାକଟକ ଥାନାରେ ୧୯୪/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିବା ଆଇଆଇସି ଅରୁଣ ସିଂ ସୂଚନା ଦେଇଛନ୍ତି।

# ମୟୂରଭଞ୍ଜରେ ମୂଳ ସୋମନାଥ ଜ୍ୟୋତିର୍ଲିଙ୍ଗ ଦର୍ଶନ

ବାରିପଦା, ୧୫ ।୧୧(ସମିସ): ମହମ୍ମଦ ଗଜନୀଙ୍କ ଦ୍ୱାରା ୧୦୨୪ ଖ୍ରୀଷ୍ଟାବ୍ଦରେ ଗୁଜୁରାଟର ସୋମନାଥ ମନ୍ଦିର ଧ୍ୱଂସ ପରେ ଶତାବ୍ଦୀ ଶତାବ୍ଦୀ ଧରି ନଷ୍ଟ ଅବସ୍ଥାରେ ରହିଥିବା 'ମୂଳ ସୋମନାଥ ଜ୍ୟୋତିର୍ଲିଙ୍ଗ' ପୁନଃ ଆବିଷ୍କାର ହୋଇଛି। ବର୍ତ୍ତମାନ ଅତ୍ୟନ୍ତ ପ୍ରତିକୂଳ ସ୍ଥିତିରେ ଥିବା ଏହି ଦୁର୍ଲଭ ଶିବଲିଙ୍ଗ ପ୍ରଥମଥର ପାଇଁ ବାରିପଦାରେ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ଉପଲବ୍ଧ ହେବାକୁ ଯାଉଛି। ଆସନ୍ତା ସୋମବାର ମହାପୁଣ୍ୟ ଅବସରରେ ରୁଦ୍ରାଭିଷେକ ଓ ସାଧାରଣ ଦର୍ଶନ ହେବ। ଏହି ଐତିହାସିକ ଓ ଧାର୍ମିକ ମହୋତ୍ସବକୁ ନେଇ ସମଗ୍ର ଜିଲ୍ଲା ଏବଂ ପଡ଼ୋଶୀ ଅଞ୍ଚଳରେ ଭକ୍ତଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏହି ପୁଣ୍ୟ ଦର୍ଶନ ନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

ବାରିପଦାର ବେଲଗଡ଼ିଆ ରାଜପ୍ରାସାଦ ପଛ ପ୍ରବେଶଦ୍ୱାରରେ ପୂଜା ଓ ରୁଦ୍ରାଭିଷେକ ସକାଳ ୯ଟାରୁ ଆରମ୍ଭ ହେବ। ସାଧାରଣ ଦର୍ଶନ ସକାଳ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଖୋଲା ରହିବ। ଅନୁଷ୍ଠାନର ସଙ୍ଗଠକମାନେ କହିଛନ୍ତି ଯେ ଭଗବାନ ଶିବଙ୍କ ଏହି ଦୁର୍ଲଭ ସ୍ୱରୂପର ଦର୍ଶନ କୋଟିକୋଟି ଭକ୍ତଙ୍କ ପାଇଁ ଏକ ଅପୂର୍ବ ସୁଯୋଗ ଆଣିଛି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଉତ୍ସାହର ଲହରି ଦେଖିବାକୁ ମିଳୁଛି। ଏହି ଅବସରରେ ମୟୂରଭଞ୍ଜର ଅଧିବାସୀମାନଙ୍କ ଭାଗ୍ୟକୁ ସେମାନେ ପ୍ରଶଂସା କରିଛନ୍ତି।


**AFFIDAVIT**

I, Babita Jena, aged about 42 years, W/o- Pramod Kumar Jena, resident of At- Dolamandap Sai, Patia, PS- Infocity, Bhubaneswar, PIN-751001, Dist- Khordha, Odisha declared by this affidavit No. 46, dtd-12/11/2025 that now onwards I shall be known as **BEBITA JENA** for all future purposes instead of Babita Jena.

**IN THE COURT OF THE CIVIL JUDGE (SR. DIVISION) RANAPUR**
C.S. No 249/18
ମନୋଜ କୁମାର ଭୂୟାଁ ...ବାଦୀ
ବନାମ
ଅମରୀ ବଉ ଏବଂ ଅନ୍ୟମାନେ ...ପ୍ରତିବାଦୀ
Summon U/O R.5. Rule.20 C.P.C

ପ୍ରାପ୍ତେଷୁ,
ଧରଣୀଧର ମଣ୍ଡଳ, ପିତା- ରଘୁ ମଣ୍ଡଳ, ସା- ପାଟବେରଣା, ପୋ- ସାରଙ୍ଗଧରପୁର, ଥାନା- ରଣପୁର, ଜିଲ୍ଲା-ନୟାଗଡ଼।
ଉପରଲିଖିତ ବାଦୀ ଏହି ଭାଗ ବଣ୍ଟା ମକଦମା ତୁମ ବିପକ୍ଷରେ ଆଣିଛନ୍ତି ଓ ଏଥିରେ ତୁମ ପାଖକୁ ପଠାଯାଇଥିବା ଅଦାଲତ ସମନକୁ ତୁମେ ଉପେକ୍ଷା କରିଛ ଏଥିନିମନ୍ତେ, ତୁମକୁ ଆଦେଶ ଦିଆଯାଇଛି କି ତୁମେ ଏହି ଦିନ ତା. ୦୮/୧୨/୨୦୨୫ ସମୟ ୧୦.୩୦ମିରେ ଅଦାଲତରେ ଉପସ୍ଥିତ ରହିବ ଅଥବା ତୁମ ବିନା ଉପସ୍ଥିତିରେ ଏହି ମୋକଦ୍ଦମା ଶୁଣାଣିହେବ।
ଜମିଜମା ବିବରଣୀ- ତହସିଲି-ଥାନାରଣପୁର ଜିଲ୍ଲା-ନୟାଗଡ଼, ମୌ-ରଣପୁରଗଡ଼, ଖା -ନଂ- ୬୧, ଖା-ନଂ୧୫, 'ଖା-ନଂ୨୨୭, ଖା-ନଂ ୬୮
ଏଥିରେ ମୋର ଦସ୍ତଖତ ସହିତ କୋର୍ଟର ସିଲ୍ ଦିନ୧୩-୧୧-୨୦୨୫ ।
ସିଭିଲ୍ ଜଜ୍ (ସି) ଡିଭିଜନ
ରଣପୁର

**AFFIDAVIT**

By virtue of an affidavit (CF No.10, dtd- 14/11/2025) sworn before the Notary Public, Padampur. I, **Bina Suna**, W/o Bihari Suna, resident of Khuntpali, PS-Gaisilat, Dist- Bargarh, PIN-768036, Odisha declare that I have changed the name of my minor son from **Donraj Suna** (old name) to **Akant Prasad Suna** (new name). Henceforth, he shall be known as **Akant Prasad Suna** for all purposes.
**Bina Suna**

**LOST**

**I, Khageswar Behera, S/o- Late Panchanan Behera,resident of At-Dharosyamsundarpur,P.O-Sukleswar, P.s- Mahanga, Dist-Cuttack. Declare that my original Sale deed vide No-433 dated 16/03/1996 has been lost at any where inspite of my best efforts I could not able trace it out.If anybody has got interest in any manner on the above property in question, may put forth his grievance/complain with supporting documents within 15days of this publication notice, before the advocate mentioned below.**
**Name- Diptimayee sahoo,**
**Mobile no - 7978874629.**

**AFFIDAVIT**

I, Mohammad Hamid Akhter, aged about 61 years, H/o- Farzana Rahman, Resident of Flat No: 4/A4-08, Hi-Tech Heaven Apartment, Matiapada-II, Po-Govindpur, Dist-Puri, Odisha, Pin- 752104 declare by this affidavit No. 947, dated- 15/11/2025 that now onwards I shall be known as **MD HAMID AKHTAR** for all future purposes.

**AFFIDAVIT**

I, Tellavadu, aged about 60 years, S/o- G Enkeya, resident of At- Plot No. 62/3726, Jagannath Nagar, GGP Colony, Rasulgarh, Bhubaneswar, PS- Mancheswar, Dist-Khordha, PIN- 751010, Odisha declared by this affidavit No. 2331, dtd-15/11/2025 that now onwards I shall be known as **G TELEDU** for all future purposes.

**AFFIDAVIT**

I, Birendra Kishore Tripathy Sharma, aged about 71 years, S/o- Narasingh Tripathy resident of At: Plot No-1533p, Lane-9, Kukuteswar Colony, Aerodrome Area, Bhubaneswar, Dist- Khurda, Pin- 751020, Odisha declare by this affidavit No.2331, dtd- 15/11/2025, that now onwards I shall be known as **BIRENDRA KISHORE TRIPATHY** for all future purposes.

**ଘୋଷଣାନାମା**

ଶ୍ରୀ ଗଦାଧର ବେହେରା ପି.: ୰ ପ୍ରାଣବନ୍ଧୁ ବେହେରା, ଗ୍ରା/ପୋ-ବଡ ଖଲାଡି, ଥାନା- କପ୍ତିପଦା, ଜିଲ୍ଲା- ମୟୂରଭଞ୍ଜ, ପି. କୋଡ- ୭୫୭୦୪୦, ଏତଦ୍ୱାରା ଘୋଷଣା କରୁଅଛୁ କି ମୋର ପୁଅର ନାମ ସାଧୀନ ଭାରତ ଥିଲା। ଏହି ନାମଟି ତାହାର ଜନ୍ମ ପ୍ରମାଣ ପତ୍ର, ସମସ୍ତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର, ଆଧାର କାର୍ଡ, ପାନ କାର୍ଡ ଆଦିରେ ସାଧୀନ ଭାରତ ଭାବେ ସ୍ଥାନ ପାଇଅଛି। ତାହାର ପାସପୋର୍ଟ ଓ ଅନ୍ୟାନ୍ୟ କାଗଜାତ ନିମନ୍ତେ ବର୍ତ୍ତମାନ ତାହାର ନାମକୁ ସାଧୀନ ରଖାଗଲା ଓ ସଂଜ୍ଞା ଭାବରେ ଭାରତ ରଖାଗଲା। ଉକ୍ତ ବିଷୟ Executive Magistrate cum Addl. Tahasildar, ବାରିପଦାଙ୍କ ସମ୍ମୁଖରେ ଏଫିଡେଭିଟ କରାଯାଇଛି। ବର୍ତ୍ତମାନ ଠାରୁ ତାର ନାମ ସାଧୀନ ଏବଂ ସଂଜ୍ଞା ଭାରତ ଭାବେ ପରିଚୟ ପାଇବେ।
ସା/- ଗଦାଧର ବେହେରା

**AFFIDAVIT**

By virtue of an affidavit no-1642 sworn before the Executive Magistrate, Dhenkanal on dtd-09/10/2025, I **Mita Padhan,** resident of At- Chhadasingh, Po- Badanagena, Ps- Sadar, Dist- Dhenkanal, Pin- 759014, Odisha, I have changed my name from **Rasmita Dehury** (old name) to **Mita Padhan** (new name). Henceforth, both name **Rasmita Dehury** and **Mita Padhan** is one & same person & I will be known as **Mita Padhan** for all future purposes.
**Sd/- Mita Padhan**

**AFFIDAVIT**


By virtue of an affidavit sworn before the Notary Public, Swampatna, dated-14/11/2025 vide No.5249, I Rani Kisku, D/o- Jamuna Tudu, resident of At/Po-Damahuda, Ps- Patna, Dist-Keonjhar, Odisha declare that I have changed my name from **Rani Kisku,** D/o- Jamuna Tudu to **Rani Tudu,** D/o- Jamuna Tudu. Henceforth, I shall be known as **Rani Tudu,** D/o- Jamuna Tudu for all future purposes.
**Rani Tudu**

**AFFIDAVIT**

By virtue of an affidavit No. 6029 sworn before the Executive Magistrate, Champua on dated-01/11/2025, I **Pabani Mahanta,** W/O- Pramod Mahanta resident of Vill- Banguriposi, Po- Padua, Ps- Baria, Dist-Keonjhar, Odisha, Pin-758032, I have changed my minor daughter's name from **Rreetimai Mahanta To Preetimayee Mahanta.** Henceforth she shall be known as **Preetimayee Mahanta** for all future purposes.
**Pabani Mahanta**


# ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ ହେବେ ହ୍ୟୁମାନ ସାଗର!

ଭୁବନେଶ୍ୱର,୧୫।୧୧(ସମିସ): ଓଲିଉଡ୍‌ର ଲୋକପ୍ରିୟ ଗାୟକ ହ୍ୟୁମାନ ସାଗର ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ବେଳେ ବର୍ତ୍ତମାନ ସେ ଶ୍ୱାସକ୍ରିୟା ପାଇଁ ନନ୍-ଇନ୍‌ଭେସିଭ୍ ଭେଣ୍ଟିଲେଟର୍ ସପୋର୍ଟରେ ଅଛନ୍ତି। ଗତ ୨୪ ଘଣ୍ଟାରେ ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ହୋଇନାହିଁ। ତେଣୁ, ଆଗାମୀ ୭୨ଘଣ୍ଟା ହ୍ୟୁମାନଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ଏମ୍ସ ପକ୍ଷରୁ କୁହାଯାଇଛି। ଆଜି ଏମ୍ସରେ ହ୍ୟୁମାନ ସାଗରଙ୍କ ପରିବାର ପହଞ୍ଚିଥିବା ବେଳେ ତାଙ୍କ ମା' ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ମୋ' ପୁଅର ସ୍ୱାସ୍ଥ୍ୟ ଅତ୍ୟନ୍ତ ଗମ୍ଭୀର ରହିଛି। ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଆସୁନଥିବା ଡାକ୍ତର କହୁଛନ୍ତି। ମୋ ପୁଅକୁ ବାହାରକୁ ନେଇ ଚିକିତ୍ସା କରିବାକୁ ଚାହୁଁଛି। ଏଥିପାଇଁ ଓଡ଼ିଶାବାସୀ ଓ ସରକାରଙ୍କୁ ସାହାଯ୍ୟ ପାଇଁ ସେ ନିବେଦନ କରିଛନ୍ତି। ତେବେ ହ୍ୟୁମାନଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇପାରେ ବୋଲି ସୂଚନା ମିଳିଛି।



ସୂଚନା ଅନୁସାରେ, କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗର (୩୬) ଗତ କିଛି ସପ୍ତାହ ହେଲା କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଗତକାଲି ଅପରାହ୍ନ ୧ଟା ୧୦ରେ ତାଙ୍କୁ ଅତି ସଙ୍କଟାପନ୍ନ ଅବସ୍ଥାରେ ଏମ୍ସ ଜରୁରୀକାଳୀନ ବିଭାଗରେ ଭର୍ତ୍ତି କରାଯାଇଥିଲା।

# ୧୨ ଡିଗ୍ରୀ ତଳେ ରାଜ୍ୟର ୧୦ ସହର

ଭୁବନେଶ୍ୱର,୧୫।୧୧(ସମିସ): ରାଜ୍ୟରେ ଗତ ସପ୍ତାହେ ହେବ ଅଧିକାଂଶ ସ୍ଥାନରେ ଶୀତ ଅନୁଭବ ହେଉଛି। ଶୁକ୍ରବାର ରାତିରେ ରାଜ୍ୟର ୧୦ ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରେକର୍ଡ କରାଯାଇଛି। ସେମିଳିଗୁଡ଼ାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୬.୫ ଡିଗ୍ରୀ ରେକର୍ଡ କରାଯାଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

## ଆଜି ୩ ଜିଲ୍ଲାରେ ଶୀତ ଲହରୀ

ପାଣିପାଗ କେନ୍ଦ୍ର ଅନୁଯାୟୀ ଶୁକ୍ରବାର ରାତିରେ ଦାରିଙ୍ଗିବାଡ଼ି ଓ ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀରେ ତାପମାତ୍ରା ୯.୫ ଡିଗ୍ରୀ ରହିଥିଲା। ସେହିପରି ରାଉରକେଲାରେ ୧୦.୨ ଡିଗରୀ, ଝାରସୁଗୁଡ଼ାରେ ୧୦.୩ ଡିଗ୍ରୀ, ଅନୁଗୋଳରେ ୧୦.୬ ଡିଗ୍ରୀ, ଚିପିଲିମାରେ ୧୦.୮ ଡିଗ୍ରୀ, କିରେଇ ଓ କୋରାପୁଟରେ ୧୧.୩ ଡିଗ୍ରୀ, ଭବାନୀପାଟଣାରେ ୧୧.୫ ଡିଗ୍ରୀ ଏବଂ କେନ୍ଦୁଝରରେ ୧୧.୬ ଡିଗ୍ରୀ ତାପମାତ୍ରାରେ ରେକର୍ଡ କରାଯାଇଛି। ଉପକୂଳ ଓଡ଼ିଶାରେ ଅନେକ ସ୍ଥାନରେ ରାତି ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ଯାଏଁ କମ ଥିବାବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ କିଛି ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୬ ଡିଗ୍ରୀ ଯାଏଁ କମ ରହିଥିବା ଜଣାପଡ଼ିଛି। ସେହିପରି ଭୁବନେଶ୍ୱରର ତାପମାତ୍ରା ୧୪.୮ ଡିଗ୍ରୀ ଥିବାବେଳେ କଟକର ରାତି ତାପମାତ୍ରା ୧୪.୪ ଡିଗ୍ରୀ ରେକର୍ଡ କରାଯାଇଛି। ଅପରପକ୍ଷେ ରବିବାର ଝାରସୁଗୁଡ଼ା, କନ୍ଧମାଳ ଓ ସୁନ୍ଦରଗଡ଼ରେ ଶୀତ ଲହରୀ ଅନୁଭୂତ ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

■ ସରକାରୀ ନିୟମର ଉଲଂଘନ

# ନିଯୁକ୍ତି ବୟସ ସୀମା ୩୨ ବର୍ଷକୁ କମାଇଲା ଓଏଚ୍‌ପିସି

ଭୁବନେଶ୍ୱର,୧୫ ।୧୧(ସମିସ): ନିଯୁକ୍ତି ପାଇଁ ସରକାରଙ୍କ ନିୟମକୁ ରାଜ୍ୟ ପିଏସ୍‌ୟୁ ସଂସ୍ଥା ମାନୁନାହାନ୍ତି। ସରକାରଙ୍କ ନୀତି ନିୟମକୁ ଅଣଦେଖା କରି ଇଚ୍ଛା ଅନୁଯାୟୀ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରୁଛନ୍ତି। ନିଯୁକ୍ତି ପାଇଁ ବୟସ ସୀମା ୪୨ ବର୍ଷକୁ ରାଜ୍ୟ ସରକାର ବଢ଼ାଇଥିବାବେଳେ ରାଜ୍ୟ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି) ଏହାକୁ ୩୨ ବର୍ଷ କରିଛି। ଫଳରେ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଉଡ଼ିଗଲା ଥାନା...

ଘଟିଥିବା କୁହାଯାଉଛି। କିନ୍ତୁ ତାଙ୍କୁ ଚିହ୍ନଟ କରାଯାଇପାରିନାହିଁ। କୁହାଯାଉଛି ଯେ ଥାନରେ ପୂରା ୩୬୦ କେଜି ବିସ୍ଫୋରକ ରଖାଯାଇଥିଲା।

ତେବେ ଏହି ବିସ୍ଫୋରଣ ଏକ ଦୁର୍ଘଟଣା ଥିଲା ବୋଲି ଜମ୍ମୁ-କଶ୍ମୀର ଡିଜିପି ନୀଳମ ପ୍ରଭାତ କହିଛନ୍ତି। ନମୁନା ସଂଗ୍ରହ ବେଳେ ବି।।ସ୍ଫୋରଣ ଘଟିଥିଲା। ଏହି ବିସ୍ଫୋରକ ଫରିଦାବାଦ୍‌ରୁ ଗିରଫ ହୋଇଥିବା ଡା ମୁଜାମିଲ ଗନୋଇର ଭଡ଼ା ଘରୁ ଜବତ କରାଯାଇଥିଲା।। ପୁଲିସ ଏବେ ସମ୍ପୂର୍ଣ୍ଣ ଅଞ୍ଚଳକୁ ସିଲ୍ କରିଦେଇଛି। ମୃତକଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ପୁଲିସ ସେମାନଙ୍କୁ ଭିତରକୁ ଛାଡୁନାହିଁ। ବିସ୍ଫୋରଣ କାରଣ ନେଇ ଯାଞ୍ଚ କରାଯାଉଛି ବୋଲି ଜମ୍ମୁ-କଶ୍ମୀର ଡିଭିଜନର ଗୃହ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଇତିମଧ୍ୟରେ ସିଆରପିଏଫ୍‌ର ଆଇଜି ଘଟଣାସ୍ଥଳକୁ ଯାଇଛନ୍ତି।

## ଆଳୁ କେଜି...

ଏହି ଆଳୁ ବର୍ଷକୁ କେବଳ ୧୦୦ ଟନ୍ ଉତ୍ପାଦନ ହେଉଛି। ପ୍ରତି ବର୍ଷ ମେ' ଏବଂ ଜୁନ୍‌ରେ ଏହାର ବିକ୍ରି ହୋଇଥାଏ। ଆଟଲାଣ୍ଟିକ ମହାସାଗରର ଲୋଇରା ଅଞ୍ଚଳ ସ୍ଥିତ ଫ୍ରାନ୍ସର 'ନୋଇରମୌସିର' ଦ୍ୱୀପରେ ଏହି ଆଳୁ ଚାଷ କରାଯାଉଛି। ନିଆରା ସ୍ୱାଦ କାରଣରୁ ଏହାର ଚାହିଦା ଅଧିକ ରହିଛି। ଉତ୍ପାଦନ ଅଧିକ ହେଉ ନ ଥିବାରୁ ଏହାର ମୂଲ୍ୟ ବଢ଼ି ବଢ଼ି ଚାଲିଛି। ସ୍ଥାନୀୟ ଚାଷୀ 'ବିନୋଇଟ ବିନୋଟେ'ଙ୍କ ନାମରେ ଏହି ଆଳୁର ନାମକରଣ ହୋଇଛି। ପାରମ୍ପରିକ ଉପାୟରେ ଏହି ଆଳୁ ଚାଷ କରାଯାଉଛି। ଉତ୍ପାଦନରେ ମେସିନର ବ୍ୟବହାର କରାଯାଏ ନାହିଁ। ଏହି ଆଳୁ ଛୋଟ ହୋଇଥିଲେ ମଧ୍ୟ ଚୋପା ବହୁତ ପତଳା। ସାଧାରଣତଃ ଏହାକୁ ସିଝାଇ ଲୁଣ ଏବଂ ଲହୁଣୀ ସହ ଖିଆ ଯାଇଥାଏ।

## ଜାଡ଼ରେ ଥରୁଛି...

ଅଦ୍ୟାବଧି ସର୍ବନିମ୍ନ ତାପମାତ୍ରା। ସେହିପରି ଭୀଷଣ ଥଣ୍ଡାରେ ଜିଲ୍ଲାରେ ସାଧାରଣ ଜନଜୀବନ ପ୍ରଭାବିତ ହେଉଛି। କୁହୁଡ଼ି ପାଇଁ ରାତିରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେଉଛି। ନିଆଁ ଜାଳି ଲୋକେ ଶୀତକଷ୍ଟକୁ ଦୂର କରିବାରେ ଲାଗିଛନ୍ତି। ରାତି ୮ଟା ପରେ ସହର, ରାସ୍ତାଘାଟ ଶୂନଶାନ ହୋଇଯାଉଛି। ତେବେ, ପାଣିପାଗ ବିଭାଗ ପକ୍ଷରୁ ଏଯାବତ୍ କୌଣସି ସତର୍କ ସୂଚନା ଜାରି କରାଯାଇନାହିଁ। ଫୁଟପାଥିରେ ଶୋଇ ରହୁଥିବା ଲୋକଙ୍କ ପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ପ୍ରସ୍ତୁତ ହେବ...

ବିଭାଗକୁ କୁହାଯାଇଛି। ଏହି ମଲ୍ଟି ଇୟର ସିଲିଂ ବ୍ୟବସ୍ଥା ଆସନ୍ତା ଆର୍ଥିକ ବର୍ଷ ସହ ଏହାର ପରବର୍ତ୍ତୀ ଦୁଇ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟକାରୀ ହେବ। ଏଥିରେ ବିଭାଗ ପ୍ରଚଳିତ ଆର୍ଥିକ ବର୍ଷ ପରିବର୍ତ୍ତେ ୩ ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ଥିବାବେଳେ ଏଥିପାଇଁ ଅର୍ଥ ଯୋଗାଇ ଦିଆଯିବ। ଏହା ବଜେଟ ବର୍ଷ(ୱାଇ), ୱାଇ+୧ ଏବ ୱାଇ+୨ ଆଧାରରେ କାର୍ଯ୍ୟ କରିବ। ଯାହାଫଳରେ ବିଭାଗଗୁଡ଼ିକୁ ଯୋଜନା କାର୍ଯ୍ୟକାରୀ ପାଇଁ ୩ ବର୍ଷ ପର୍ଯ୍ୟାପ୍ତ ସମୟ ମିଳିବ ଏବଂ ଏଥିପାଇଁ ଆଗୁଆ ବ୍ୟୟ ଅଟକଳ ମଧ୍ୟ କରାଯାଇପାରିବ। ଏହାଫଳରେ ସରକାରଙ୍କୁ ଏକାଧିକ ଲାଭ ମିଳିବା ନେଇ ମତ ରଖିଛନ୍ତି ଅର୍ଥନୀତି ବିଶେଷଜ୍ଞ। ଏହାଦ୍ୱାରା ବିଭାଗଗୁଡ଼ିକ ବହୁ ବର୍ଷୀୟ ପରିଯୋଜନାକୁ କ୍ରିୟାନ୍ୱୟନ କରିବାରେ ସହଜତା ଲଭିପାରିବେ। ସେହିପରି ବିଭାଗ ଗୁଡ଼ିକୁ ନିଜ ନିଜର ଖର୍ଚ୍ଚ ବ୍ୟୟ ପରିସୀମା ସମ୍ପର୍କରେ ସ୍ପଷ୍ଟ ଚିତ୍ର ମିଳିବାକୁ ଥିବାବେଳେ ଏହାଦ୍ୱାରା ଆର୍ଥିକ ଶୃଙ୍ଖଳା ମଧ୍ୟ ବଜାୟ ରହିପାରିବ। ଏହାଦ୍ୱାରା ବିଭାଗ ଗୁଡ଼ିକର କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇବାକୁ ଥିବାବେଳେ ଦାୟିତ୍ୱବୋଧତା ମଧ୍ୟ ବଢ଼ିବ ବୋଲି ମତପ୍ରକାଶ ପାଇଛି।

## ଦୁଇ ଦିନରେ..

ଭାରତର ଅଧିନାୟକ ଶୁବମନ୍ ଗିଲ ରିଟାୟାର୍ଡ ହର୍ଟ ହୋଇ ପ୍ୟାଭିଲିୟନ ଫେରିଥିଲେ।

ଏଭଳି ଘଟଣା ସଂପର୍କରେ ଇଂଲଣ୍ଡର ପୂର୍ବତନ କ୍ରିକେଟର ମାଇକେଲ୍ ଭନ୍ ଏହା ଏକ ଭୟଙ୍କର ପିଚ୍ ବୋଲି କହିଥିବା ବେଳେ ଅନୀଲ୍ କୁମ୍ବଲେ ବାମହାତୀ ବ୍ୟାଟ୍ସମ୍ୟାନ୍ ଏହି ପିଚ୍ ସୁହାଇଥାଏ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଟେଷ୍ଟ କ୍ରିକେଟରେ ଏଭଳି ଫଳାଫଳ ଦେଖି ବହୁ ଦର୍ଶକ ଓ କ୍ରିକେଟ୍ ଫ୍ୟାନ୍‌ମାନେ ଇଡେନ୍‌ରେ ଆଉ ଟେଷ୍ଟ ମ୍ୟାଚ୍ ଖେଳା ନ ଯିବା ପାଇଁ ଦାବି କରିଛନ୍ତି।


यूनियन बैंक ऑफ़ इंडिया Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ବିକ୍ରୟ ନୋଟିସ୍ (୩୦ ଦିନିଆ ନୋଟିସ୍)**
{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ/ ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ଏକ ବିକ୍ରୟ ନୋଟିସ୍ ଅଟେ)

| ଶାଖା ଏବଂ ଯୋଗାଯୋଗ ନଂ. / ଋଣଗ୍ରହୀତା / କୋ-ଓବ୍ଲିଗାଣ୍ଟ / କୋ-ଆପ୍ଲିକାଣ୍ଟ/ ବନ୍ଧକଦାତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| **ଏସ୍‌ଏମ୍‌ଆଇଟି ଚଣ୍ଡିପଦର ଶାଖା, ଫୋନ୍: ୯୪୮୬୦୯୮୬୫୩ /** ଋଣଗ୍ରହୀତାମାନେ: ୧) **ଶ୍ରୀମତୀ ଗାୟତ୍ରୀ ବସନ୍ତିଆ**, ସ୍ୱାମୀ: ମନୋରଞ୍ଜନ ପ୍ରଧାନ, ୨) **ଶ୍ରୀ ଦୁଷ୍ମନ୍ତ ବସନ୍ତିଆ**, ପିତା: ଦେବରାଜ ବସନ୍ତିଆ, ୩) **ଶ୍ରୀମତୀ ସୋରାଜୁ ବସନ୍ତିଆ**, ସ୍ୱାମୀ: ଦେବରାଜ ବସନ୍ତିଆ, ୪) **ଶ୍ରୀ ହେମନ୍ତ ବସନ୍ତିଆ**, ପିତା: ଦେବରାଜ ବସନ୍ତିଆ, ୫) **ଶ୍ରୀ ସୁକାନ୍ତ ବସନ୍ତିଆ**, ପିତା: ଦେବରାଜ ବସନ୍ତିଆ, ସମସ୍ତଙ୍କ ଠିକଣା- ଗ୍ରାମ/ପୋ.: ସୁନାଥର, ଭାୟା: ଭାଟକୁମରଡ଼ା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୦୩, ଓଡ଼ିଶା / **କୋ-ଓବ୍ଲିଗାଣ୍ଟ: ଶ୍ରୀ ଦୁର୍ଗା ପ୍ରସାଦ ପ୍ରଧାନ**, ପିତା: ଉମାକାନ୍ତ ପ୍ରଧାନ, ସା: ବଡ଼ସାହି, ସାହାପୁର, ପୋ.: ଭାଟକୁମରଡ଼ା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୦୩, ଓଡ଼ିଶା | ୧) **ଶ୍ରୀମତୀ ଗାୟତ୍ରୀ ବସନ୍ତିଆ**, ସ୍ୱାମୀ: ମନୋରଞ୍ଜନ ପ୍ରଧାନ, ୨) **ଶ୍ରୀ ଦୁଷ୍ମନ୍ତ ବସନ୍ତିଆ**, ପିତା: ଦେବରାଜ ବସନ୍ତିଆ, ୩) **ଶ୍ରୀମତୀ ସୋରାଜୁ ବସନ୍ତିଆ**, ସ୍ୱାମୀ: ଦେବରାଜ ବସନ୍ତିଆ, ୪) **ଶ୍ରୀ ହେମନ୍ତ ବସନ୍ତିଆ**, ପିତା: ଦେବରାଜ ବସନ୍ତିଆ, ୫) **ଶ୍ରୀ ସୁକାନ୍ତ ବସନ୍ତିଆ**, ପିତା: ଦେବରାଜ ବସନ୍ତିଆ, ସମସ୍ତଙ୍କ ଠିକଣା- ଗ୍ରାମ/ପୋ.: ସୁନାଥର, ଭାୟା: ଭାଟକୁମରଡ଼ା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୦୩, ଓଡ଼ିଶାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ (ମିଳିତ ସମ୍ପତ୍ତି) ଯାହାର ପ୍ଲଟ୍ ନଂ.: ୪୫୨୩, ଖାତା ନଂ.: ୧୮୬୩, କ୍ଷେତ୍ର: ଏକର୦.୦୩୫ ଡିସିମିଲି, ଗ୍ରାମ/ମୌଜା: ସୁନାଥର, ରେଭିନ୍ୟୁ ସର୍କଲ: ପୁରୁଷୋତ୍ତମପୁର, ଥାନା: ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ବସନ୍ତିଆଙ୍କ ଜମି, ପଶ୍ଚିମ: ଶ୍ରୀ ତ୍ରିନାଥ ବସନ୍ତିଆଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ୦୯.୦୮.୨୦୨୩ / ୦୨.୦୧.୨୦୨୪ / ୧୪.୧୧.୨୦୨୫ |
| **ପୁରୁଷୋତ୍ତମପୁର ଶାଖା-୨, ଫୋନ୍: ୯୩୨୬୯୦୩୦୩୧ /** **ଋଣଗ୍ରହୀତା: ମେସର୍ସ ଜଗନ୍ନାଥ ଗ୍ରୋସରୀ ସପ୍, ସ୍ୱତ୍ତ୍ୱାଧିକାରୀ: ସୁକେଶ କୁମାର ପଣ୍ଡା**, ଗ୍ରାମ: ଜଳଶ୍ୱରଖଣ୍ଡି, ପୋ: ପ୍ରତାପପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ଗ୍ୟାରେଣ୍ଟିଦାତା/କୋ-ଓବ୍ଲିଗାଣ୍ଟ: ସୁଶିଳା ପଣ୍ଡା**, ଗ୍ରାମ: ଜଳଶ୍ୱରଖଣ୍ଡି, ପୋ: ପ୍ରତାପପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା | **ଶ୍ରୀମତୀ ସୁଶିଳା ପଣ୍ଡା**, ସ୍ୱାମୀ: ୰ ହରିହର ପଣ୍ଡା, ଗ୍ରାମ: ଜଳଶ୍ୱରଖଣ୍ଡି, ପୋ.: ପ୍ରତାପପୁର, ଜିଲ୍ଲା: ଗଞ୍ଜାମଙ୍କ ନାମରେ ଏକଦାଣ୍ଡ ଷ୍ଟ୍ରିଟ୍‌ର ସାଉଦର୍ଣ୍ଣ ରୋଡରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖତିୟାନ କ୍ର.ନଂ.: ୪୦୮, ପ୍ଲଟ୍ ନଂ.: ୧୬୨୪, ରେଭିନ୍ୟୁ ମୌଜା/ଗ୍ରାମ: ଜଳଶ୍ୱରଖଣ୍ଡି, ପୋ.: ପ୍ରତାପପୁର, ଏସ୍‌ଆରଓ/ ତହସିଲ: ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୪୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲକ୍ଷ୍ମୀ ଚରଣ ପାଣିଗ୍ରାହୀଙ୍କ ଗୃହ, ପଶ୍ଚିମ: ବିଶ୍ୱନାଥ ଦାସଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ଋଷିକୁଲ୍ୟା ନଦୀ | ୦୭.୦୬.୨୦୨୨ / ୨୬.୦୮.୨୦୨୨ / ୧୪.୧୧.୨୦୨୫ |
| **ଗୋସାଣୀନୂଆଗାଁ ଶାଖା, ଫୋନ୍: ୭୬୮୨୮୨୦୩୫୩ /** **ଋଣଗ୍ରହୀତା: ମେସର୍ସ କାଜଲ ପ୍ଲାଏଉଡ୍ସ, ସ୍ୱତ୍ତ୍ୱାଧିକାରୀ: ଭଞ୍ଜରାମ ମହାରଣା**, ସା: ପିଡବ୍ଲୁଡି ଅଫିସ୍ ଏବଂ ଲକ୍ଷ୍ମୀ ନାଏକ କଲ୍ୟାଣୀ ମଣ୍ଡପ ନିକଟ, ହିଲପାଟଣା, ବ୍ରହ୍ମପୁର, ଓଡ଼ିଶା-୭୬୦୦୦୪ / **ଋଣଗ୍ରହୀତା/ବନ୍ଧକଦାତା: ଭଞ୍ଜରାମ ମହାରଣା**, ପିତା: ଅର୍ଜୁନ ମହାରଣା, ସା: ଭବାନୀ ନଗର ୧ମ ଲାଇନ୍, ଗେଟ୍ ବଜାର, ବ୍ରହ୍ମପୁର, ଓଡ଼ିଶା-୭୬୦୦୦୧ / **ଗ୍ୟାରେଣ୍ଟିଦାତା: ଲକ୍ଷ୍ମୀ ମହାରଣା**, ସ୍ୱାମୀ: ଭଞ୍ଜରାମ ମହାରଣା, ସା: ଭବାନୀ ନଗର ୧ମ ଲାଇନ୍, ଗେଟ୍ ବଜାର, ବ୍ରହ୍ମପୁର, ଓଡ଼ିଶା-୭୬୦୦୦୧ | ଭଞ୍ଜରାମ ମହାରଣାଙ୍କ ନାମରେ ଥିବା ଗୃହ ସମ୍ପତ୍ତି (ଘରବାରୀ) ଯାହାର ରେଭିନ୍ୟୁ ମୌଜା: ରାଜେନ୍ଦ୍ରପୁର, ରେଭିନ୍ୟୁ ସର୍କଲ: ଗୋଲନ୍ଥରା, ଥାନା: ବୈଦ୍ୟନାଥପୁର, ତହସିଲ ଏମ୍‌ସି: ବ୍ରହ୍ମପୁର, ଏସ୍‌ଆରଓ: ବ୍ରହ୍ମପୁର-୧, ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୨୩୦/୭୮୦, ପ୍ଲଟ୍ ନଂ.: ୩୪୮/୧୯୯୧, କ୍ଷେତ୍ର: ଏକର୦.୦୧୨ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ମହାରଣାଙ୍କ ଗୃହ, ପଶ୍ଚିମ: ମାନସ ପାଣିଗ୍ରାହୀଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ଲେନ୍ | ୨୯.୦୪.୨୦୨୫ / ୩୦.୧୦.୨୦୨୫ / ୧୪.୧୧.୨୦୨୫ |
| **ବାଉଁଶିଆପଡା ଶାଖା, ଫୋନ୍: ୯୮୧୯୪୧୦୯୫୧ /** ୧) **ମେସର୍ସ ମା ଲକ୍ଷ୍ମୀ ସବ୍‌ଜୀ ଭଣ୍ଡାର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା**, ସା: ରାମଚନ୍ଦ୍ରପୁର, ପୋ: ହରେକୃଷ୍ଣପୁର, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୨) **ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା**, ପିତା: ଶ୍ରୀ ସଂସାରୀ ସାମନ୍ତରା, ଗ୍ରାମ: ତମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୩) **ଶ୍ରୀ ଗୋପାଳ ଚନ୍ଦ୍ର ସାମନ୍ତରା**, ପିତା: ଶ୍ରୀ ସଂସାରୀ ସାମନ୍ତରା, ଗ୍ରାମ: ତମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୪) **ଶ୍ରୀମତୀ ଲକ୍ଷ୍ମୀରାଣୀ ସାମନ୍ତରା**, ସ୍ୱାମୀ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା, ଗ୍ରାମ: ତମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା | **ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା ଏବଂ ଶ୍ରୀ ଗୋପାଳ ଚନ୍ଦ୍ର ସାମନ୍ତରା**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୯୯୦, ଖାତା ନଂ.: ୧୮୦/୬୯, କ୍ଷେତ୍ର: ଏକର୦.୧୨ ଡିସିମିଲି ଏବଂ ପ୍ଲଟ୍ ନଂ.: ୯୯୧/୧୧୩୮, ଖାତା ନଂ.: ୧୮୦/୨୬, କ୍ଷେତ୍ର: ଏକର୦.୦୭ ଡିସିମିଲି, ମୌଜା: ଗାଡିରି, ତହସିଲ: ନୂଆଗାଁ, ଆର୍.ଆଇ ସର୍କଲ: ମହିପୁର, ଜିଲ୍ଲା: ନୟାଗଡ଼ | ୦୨.୦୮.୨୦୧୮ / ୧୮.୦୨.୨୦୧୯ / ୧୪.୧୧.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** **ଋଣଗ୍ରହୀତା: ଏନ୍ ସୀମା ପାତ୍ର**, ପିତା: ଏନ୍. ବାୟା ପାତ୍ର / **କୋ-ଆପ୍ଲିକାଣ୍ଟ: ଏନ୍. ପର୍ଶୁରାମ ପାତ୍ର**, ପିତା: ଏନ୍. ସୀମା ପାତ୍ର, ଉଭୟଙ୍କ ଠିକଣା- ସା: ବ୍ରାହ୍ମଣଆପଲ୍ଲୀ, ପୋ.: ଛତ୍ରପୁର, ଗଞ୍ଜାମ-୭୬୧୦୨୦ | ଏନ୍ ସୀମା ପାତ୍ରଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୭୯୩/୧୭୮୩, ଖାତା ନଂ.: ୨୯୬/୧୫୫, ମୌଜା: ବ୍ରାହ୍ମଣଆପଲ୍ଲୀ, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୧୦୦ଡିସିମିଲି ଯାହା ୪୩୫୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: କେ. ବୁଢିଆ ପାତ୍ରଙ୍କ ସମ୍ପତ୍ତି (ପ୍ଲଟ୍ ନଂ.: ୭୯୨), ପଶ୍ଚିମ: ପ୍ଲଟ୍ ନଂ.: ୭୮୬ ଏବଂ ୭୮୭, ପିଏଚ୍‌ଡି ରୋଡ୍, ଉତ୍ତର: ଏନ୍. ସୀମା ପାତ୍ରଙ୍କ ସମ୍ପତ୍ତି (ପ୍ଲଟ୍ ନଂ.: ୭୮୯), ଦକ୍ଷିଣ: ବି. ଚନ୍ଦ୍ର ପାତ୍ରଙ୍କ ସମ୍ପତ୍ତି (ପ୍ଲଟ୍ ନଂ.: ୭୯୩) | ୩୧.୦୩.୨୦୨୧ / ୩୦.୧୦.୨୦୨୧ / ୧୪.୧୧.୨୦୨୫ |
| **ନୀଳକଣ୍ଠନଗର ଶାଖା,ଫୋନ୍: ୯୮୬୧୨୮୧୨୩୪/** ୧) **ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ**, ପିତା: ଅଭିମନ୍ୟୁ ବିଶ୍ୱାଳ/ ସୁରକ୍ଷା ବିଶ୍ୱାଳ, ସା: ରାମ ନଗର ୨ୟ ଲେନ୍, କମାପଲ୍ଲୀ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା- ୭୬୦୦୦୨, ୨) **ଶ୍ରୀ ନୀଳକଣ୍ଠ ମହାନ୍ତି**, ପିତା: ଶ୍ରୀ ସୁଦର୍ଶନ ମହାନ୍ତି, ସା: ଶାସ୍ତ୍ରୀ ନଗର-୨, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା- ୭୬୧୦୧୮ | **ଶ୍ରୀ ନୀଳକଣ୍ଠ ମହାନ୍ତି**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସହରାଞ୍ଚଳ ଜମି ଯାହାର ଖାତା ନଂ.: ୧୫୩୦/୭୯୪୦, ପ୍ଲଟ୍ ନଂ.: ୪୨୬୭/୧୫୬୩୯/୧୬୮୩୬, କ୍ଷେତ୍ର: ଏକର୦.୦୧୪୫/୧୦ ଡିସିମିଲି, ରେଭିନ୍ୟୁ ମୌଜା: ଭାବିନିପୁର, ଅଳକାପୁରୀ, ୟୁସି ଇଞ୍ଜିନିୟରିଙ୍ଗ୍ ସ୍କୁଲ ନିକଟ, ତହସିଲ: କନିସି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାଜଲକ୍ଷ୍ମୀ ପଣ୍ଡାଙ୍କ ସମ୍ପତ୍ତି, ପଶ୍ଚିମ: ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ, ଉତ୍ତର: ପ୍ଲଟ୍ ନଂ.: ୪୨୪୪, ଦକ୍ଷିଣ: ରାସ୍ତା | ୦୧.୧୦.୨୦୧୯ / ୦୩.୦୧.୨୦୨୦ / ୧୪.୧୧.୨୦୨୫ |
| **କୁଲ୍ଲାଡ ଶାଖା, ଫୋନ୍: ୭୨୦୫୫୮୧୪୭୧ /** ୧) **ମେସର୍ସ ପାତ୍ର ଜୁଏଲାରୀ, ସ୍ୱତ୍ତ୍ୱାଧିକାରୀ: ପି ଗୌରୀ ଶଙ୍କର ପାତ୍ର**, ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ୨) **ପି ଗୌରୀ ଶଙ୍କର ପାତ୍ର**, ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ୩) **ପି ସଂଯୁକ୍ତା ପାତ୍ର**, ସ୍ୱାମୀ: ପି ଗୌରୀ ଶଙ୍କର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ୪) ୰ ପି ଦେବେନ୍ଦ୍ର ପାତ୍ର(ବନ୍ଧକଦାତା)ଙ୍କ ଆଇନଗତ ଉତ୍ତରାଧିକାରୀମାନେ: କ) **ପି ତେଜଲକ୍ଷ୍ମୀ ପାତ୍ର**, ସ୍ୱାମୀ: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ଖ) **ପି ଗୌରୀ ଶଙ୍କର ପାତ୍ର**, ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ଗ) **ପି କୈଳାସ ଚନ୍ଦ୍ର ପାତ୍ର**, ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ଘ) **ପି ତ୍ରିପତି ପାତ୍ର**, ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ଙ) **ପି ପୂର୍ଣ୍ଣ ଚନ୍ଦ୍ର ପାତ୍ର**, ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା | ୧) **୰ ପି ଦେବେନ୍ଦ୍ର ପାତ୍ର (ସମ୍ପତ୍ତିର ମାଲିକ)**, ପିତା: ୰ ନର୍ସୁ ପାତ୍ରଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୦୮୦, ଖାତା ନଂ.: ୭୨୨, କ୍ଷେତ୍ର: ଏକର୦.୦୫୭ ଡିସିମିଲି ଯାହା ୨୪୮୩ ବର୍ଗଫୁଟ, ମୌଜା: କୁଲ୍ଲାଡ଼, ଜିଲ୍ଲା: ଗଞ୍ଜାମ, ଓଡ଼ିଶା ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ଗୌରୀଶଙ୍କର ପାତ୍ରଙ୍କ ଗୃହ, ପଶ୍ଚିମ: ସନ୍ତୋଷ ସାହୁଙ୍କ ଗୃହ, ଉତ୍ତର: ବଡ଼ ନଦୀ, ଦକ୍ଷିଣ: ରାଜ ଦାଣ୍ଡ, ୨) **୰ ପି ଦେବେନ୍ଦ୍ର ପାତ୍ର (ସମ୍ପତ୍ତିର ମାଲିକ)**, ପିତା: ୰ ନର୍ସୁ ପାତ୍ରଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୦୭୯, ଖାତା ନଂ.: ୬୧୮, କ୍ଷେତ୍ର: ଏକର୦.୦୩୮ ଡିସିମିଲି ଯାହା ୧୫୭୫ ବର୍ଗଫୁଟ, ମୌଜା: କୁଲ୍ଲାଡ଼, ଜିଲ୍ଲା: ଗଞ୍ଜାମ, ଓଡ଼ିଶା ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ପି ସୁବାଷ ଚନ୍ଦ୍ର ପାତ୍ରଙ୍କ ଗୃହ, ପଶ୍ଚିମ: ପି ଦେବେନ୍ଦ୍ର ପାତ୍ରଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ୦୪.୦୯.୨୦୨୦ / ୧୦.୧୨.୨୦୨୧ / ୧୪.୧୧.୨୦୨୫ |
| **ବାରାକୁ ଶାଖା, ଫୋନ୍: ୭୮୦୦୦୧୬୮୦୦ /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ଭି ଜ୍ୟୋତି**, ସ୍ୱାମୀ: ଭି କାଳି / **ଗ୍ୟାରେଣ୍ଟିଦାତା: ଶ୍ରୀ ଭି ଭୋଟିକଳା କାଳି**, ପିତା: ଭି ଦଣ୍ଡାସି, ଉଭୟଙ୍କ ଠିକଣା- ସା: କାମ୍ମ ସାହି, କାପୁ ଷ୍ଟ୍ରିଟ୍, ୧ମ ଲେନ୍, କେ ସି ଟାଉନ୍ ହାଇ ସ୍କୁଲ ନିକଟ, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା-୭୬୦୦୦୧ | ଆଇନଗତ ମତାମତ ଅନୁଯାୟୀ **ଶ୍ରୀମତୀ ଭି ଜ୍ୟୋତି**ଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୪୮/୯୪୯, ଖାତା ନଂ.: ୮୯/୨୦୨, କ୍ଷେତ୍ର: ଏକର୦.୦୦୬ ଡିସିମିଲି ଏବଂ ପ୍ଲଟ୍ ନଂ.: ୧୪୭, ଖାତା ନଂ.: ୧୨୯, କ୍ଷେତ୍ର: ଏକର୦.୦୦୮ ଡିସିମିଲି, ରେଭିନ୍ୟୁ ମୌଜା: ସତ୍ୟନାରାୟଣପୁର, ରେଭିନ୍ୟୁ ସର୍କଲ: ବ୍ରହ୍ମପୁର, ଥାନା: ଟାଉନ୍ ଥାନା, ଏସ୍‌ଆରଓ: ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା | ୧୪.୦୯.୨୦୨୩ / ୦୮.୧୨.୨୦୨୩ / ୧୪.୧୧.୨୦୨୫ |

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ବର୍ଣ୍ଣିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ ।**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ ଉପରଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ଉପରଦର୍ଶିତ ତାରିଖରେ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର **୩୦ ଦିନ** ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ: ବ୍ରହ୍ମପୁର
ତାରିଖ: ୧୫.୧୧.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

### ଚରମ୍ପା ଷ୍ଟେସନରୋଡ଼ରେ ଜବର ଦଖଲ ଉଚ୍ଛେଦ ଆରମ୍ଭ

# ପ୍ରଥମ ଦିନରେ ମାଟିରେ ମିଶିଲା ୮୦ ଦୋକାନ

**ଭଦ୍ରକ, ୧୫ ।୧୧(ସମିସ)**



ଶନିବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକ ଚରମ୍ପା ଷ୍ଟେସନ ରୋଡରେ ସରକାରୀ ଜମିରୁ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି । ପ୍ରଥମ ଦିନ ଉଚ୍ଛେଦ ଅଭିଯାନରେ ୪ଟି ଜେସିବି ସହ ପୌର କର୍ମଚାରୀ ନିୟୋଜିତ ଥିଲେ । ପ୍ରାୟ ୮୦ଟି ଭଳି ପୁରୁଣା ପକ୍କା ଦୋକାନ ଘରକୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି । ଏଥିରେ ୪ରୁ ଅଧିକ ଦ୍ୱିମହଲା କୋଠା ବି ରହିଛି । ସୂଚନାଯୋଗ୍ୟ, ଗତ ୭ ତାରିଖରେ ଚରମ୍ପା ଷ୍ଟେସନ ରୋଡରୁ ଜବରଦଖଲ ଉଚ୍ଛେଦ ନେଇ ପ୍ରଶାସନର କଡା ତାଗିଦ କରିଥିଲେ । ପରେର ଚରମ୍ପା ଷ୍ଟେସନ ରୋଡର ବ୍ୟବସାୟୀମାନେ ୭ ତାରିଖରୁ ନିଜ ନିଜ ଦୋକାନକୁ ଖୋଲିଦେଇଥିଲେ । ଉଚ୍ଛେଦ ପୂର୍ବରୁ ବ୍ୟବସାୟୀମାନେ ଦୋକାନ ସାମଗ୍ରୀ ଗୁଡିକୁ ଖୋଲି ଟ୍ରଲି, ଅଟୋ, ମିନିଟ୍ରକ ଆଦିରେ ନିଜ ହେପାଜତକୁ ନେଇଯାଇଥିଲେ । ପ୍ରକାଶ ଥାଉକି, ପାଖାପାଖି ୫୦ବର୍ଷରୁ ଅଧିକ ବର୍ଷ ଧରି ଭଦ୍ରକ ଚରମ୍ପା ଷ୍ଟେସନ ରୋଡର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜାଗାରେ ୧୫୦ରୁ ଅଧିକ ବ୍ୟବସାୟୀମାନେ ବ୍ୟବସାୟ ଚଳାଇ ଆସୁଥିଲେ । ଷ୍ଟେସନ ରୋଡକୁ ପ୍ରଶସ୍ତିକରଣ କରିବା ପାଇଁ ଅତୀତରେ ପ୍ରଶାସନ ପକ୍ଷରୁ ଜବର ଦଖଲ ଉଚ୍ଛେଦ ଉଦ୍ୟମ ହୋଇଥିଲା । ତେବେ ସ୍ଥାନୀୟ କେତେକ ବ୍ୟବସାୟୀ ଏହି ଉଚ୍ଛେଦକୁ ନେଇ କୋର୍ଟରେ ଆଶ୍ରୟ ନେଇଥିବାରୁ ଏହା ସଫଳ ହୋଇନଥିଲା । ସୂଚନାନୁଯାୟୀ, ପୂର୍ତ୍ତ ବିଭାଗ ଅଧିନରେ

**୪ରୁ ଉର୍ଦ୍ଧ୍ୱ ଦୁଇ ମହଲା କୋଠା ବି ଭଙ୍ଗାଗଲା**

ଥିବା ଉକ୍ତ ରାସ୍ତାର ୪୨ଫୁଟ ଚଉଡା ଓସାର ର ଏହି ଷ୍ଟେସନ ରାସ୍ତାରେ ଜବରଦଖଲ କରି ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନ (କୋଠା) ନିର୍ମାଣ କରିଥିବାରୁ ଏହା ସଂକୁଚିତ ହୋଇ ୨୪ ଫୁଟରେ ସୀମିତି ଥିଲା । ଫଳରେ ଷ୍ଟେସନ ରୋଡ ରାସ୍ତାରେ ୨ଟି ଚାରିଚକିଆ କିମ୍ବା ୩ଚକିଆ ଗାଡି ଏକାସଙ୍ଗେ ଯାତ୍ରା କରିବା ମୁସ୍କିଲ ହୋଇପଡୁଥିଲା । ଅନ୍ୟପକ୍ଷରେ ରେଳଯାତ୍ରୀମାନେ ବି ଦୁର୍ଦ୍ଦଶାରେ ସମ୍ମୁଖୀନ ହେଉଥିଲେ । ତେଣୁ ଏହି ରାସ୍ତାକୁ ପ୍ରଶସ୍ତ କରିବା ସହ ଡବଲ ରାସ୍ତା କରିବାର ଲକ୍ଷ୍ୟ ନେଇ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଥିବାରୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ମହଲରେ ଏହାକୁ ସ୍ୱାଗତ କରାଯାଇଛି । ଉଚ୍ଛେଦ ବେଳେ ଉପଜିଲ୍ଲାପାଳ ତଥା ଭଦ୍ରକ ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ସୌରଭ ଚକ୍ରବର୍ତ୍ତୀ, ତହସିଲଦାର ପ୍ରିୟଦର୍ଶନ ସଂଗ୍ରାମ କେଶରୀ ଖଣ୍ଟିଆ, ଆଡିସନାଲ ତହସିଲଦାର ସୁକାନ୍ତ କୁମାର ଦାଶ, ତହସିଲ ସୁପରଭାଇଜର-ଜ୍ୟୋତିରଞ୍ଜନ ପଣ୍ଡା ଓ ବିକାଶ ଦାସ, ରାଜସ୍ୱ ନୀରିକ୍ଷକ ଶରତ ମହାନ୍ତି, ମନୋରମା ଧଳ, ତ୍ରିଲୋଚନ ମଲ୍ଲିକ, ଗୌତମ ମଲ୍ଲିକ, ଅଙ୍କିତ ସୋରେନ୍ ସମେତ ପୁଲିସ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଅବଶିଷ୍ଟ ଦୋକାନ ଗୃହକୁ ମଧ୍ୟ ଉଚ୍ଛେଦ କରାଯିବ ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଭଣ୍ଡାରିପୋଖରୀ, ୧୫।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ କୁଲଣା ସାଧନକେନ୍ଦ୍ର ଅନ୍ତର୍ଗତ କୁଶଗଡ଼ିଆ ଘନଶ୍ୟାମ ନାୟକ ସରକାରୀ ପ୍ରାଥମିକ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ଜେନାଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଅବସରପ୍ରାପ୍ତ ଶିକ୍ଷକ କାର୍ତ୍ତିକ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦାୟକାଳୀନ ଉତ୍ସବରେ ଶିକ୍ଷା ସଂଯୋଜକ ବିପିନ ବିହାରୀ ଜେନା, ତ୍ରିଲୋଚନ ନାୟକ, ରାଧାଶ୍ୟାମ ମଲ୍ଲିକ, ପ୍ରଧାନଶିକ୍ଷକ ଉଦୟନାଥ ରାଉତ, ସାଉଁରୀ ମାର୍ଣ୍ଡି, ପ୍ରଫୁଲ୍ଲ ସ୍ୱାଇଁ, ଇନ୍ଦ୍ରଜିତ ହାସଁଦା, ଉମାକାନ୍ତ ରାଉତ, ଶିକ୍ଷୟିତ୍ରୀ ରୀନା ଦଳାଇ, ଅନୁପମା ପଣ୍ଡା, ମମତା ମହାନ୍ତି, ମାଣିକ ମହାରଣା, ଲିସାରାଣୀ ଓଝା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କ ଛାତ୍ର ସୁଲଭ ଗୁଣାବଳୀ ଉପରେ ଆଲୋକପାତ କରିବା ସହ ତାଙ୍କ ଅବସରକାଳୀନ ନିରାମୟ ଜୀବନ କାମନା କରିଥିଲେ । ଏହି ଅବସରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷା କାର୍ଯ୍ୟାଳୟ କର୍ମଚାରୀ ଶଶିଭୂଷଣ ଜେନା ଓ ମଳୟ ସେଠୀ ଅବସରକାଳୀନ ପେନସନ କାଗଜପତ୍ର ପ୍ରଦାନ କରିଥିଲେ ।

## ଏବିଭିପି ପକ୍ଷରୁ ସ୍ୱାଭିମାନ ଶୋଭାଯାତ୍ରା




**ଭଦ୍ରକ, ୧୫ ।୧୧(ସମିସ):** ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଜନଜାତି ସମାଜର ଜନନାୟକ, ଭାରତର ଗର୍ବ ଓ ଗୌରବ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ତଥା ଜନଜାତି ଗୌରବ ଦିବସ ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଭଦ୍ରକ ପକ୍ଷରୁ ଶତାଧିକ ଛାତ୍ରଛାତ୍ରୀଙ୍କୁ ନେଇ ସ୍ୱାଭିମାନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରାଟି ଭଦ୍ରକ କଲେଜ ପରିସରରୁ ବାହାରି ଟାଉନ ହଲ ଛକରେ ଶେଷ ହୋଇଥିଲା । ବିଦ୍ୟାର୍ଥୀ ମାନେ ଭାରତ ମାତା କୀ ଜୟ, ବନ୍ଦେ ମାତରଂ, ଭଗ୍ୱାନ ବିର୍ସା ମୁଣ୍ଡା ଅମର ରହେ, ଜନଜାତି ଗୌରବ ଦିବସ ଜିନ୍ଦାବାଦ ଆଦି ସ୍ଲୋଗାନ ଦେଇଥିଲେ । ଜିଲ୍ଲା ସଂଯୋଜକ ଓଁକାର ମହାନ୍ତିଙ୍କ ଉପସ୍ଥିତିରେ ଛାତ୍ର ନେତା ଶୁଭମ୍ ପାଢ଼ୀ, ଏହାର ନେତୃତ୍ୱ ନେଇଥିଲେ । ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ବର୍ଷତମାମ ବିଭିନ୍ନ କାର୍ଯ୍ୟକ୍ରମ ଯଥା ପାଠ୍ୟ ଚକ୍ର, ରକ୍ତଦାନ, ବୃକ୍ଷରୋପଣ, ସ୍ୱଚ୍ଛ ଭାରତ ଅଭିଯାନ, ବସ୍ତି ଅଞ୍ଚଳର ଆଲୋଚନାଚକ୍ର, ତର୍କ ଓ କୁଇଜ୍ ପ୍ରତିଯୋଗିତା ଆଦି କରାଯିବ ବୋଲି ଜିଲ୍ଲା ସହ ପ୍ରମୁଖ ଜ୍ୟୋତିପ୍ରକାଶ ସାହୁ ପ୍ରକାଶ କରିଛନ୍ତି ।

### ଦୃଷ୍ଟି ବାଧିତ କଣ୍ଠ ଶିଳ୍ପୀ ହରି....

## ଗୀତ ଗାଇଲେ ସୃଷ୍ଟି ହେଉଛି ମେଘମହ୍ଲାର

**ବାରିକପୁର, ୫ ।୧୧(ସମିସ):** ଜନ୍ମରୁ ସେ ଦୃଷ୍ଟି ଶକ୍ତି ହରାଇଛନ୍ତି; ହେଲେ ତାଙ୍କ କଣ୍ଠରେ ବିରାଜମାନ ହୋଇଛନ୍ତି ମା' ସରସ୍ୱତୀ । ଗୀତ ଗାଇଲେ ସୃଷ୍ଟି ହେଉଛି ସତେ ଯେମିତି ମେଘମହ୍ଲାର । ତାଙ୍କର ସୁଲଳିତ ଭାବ ବିହ୍ୱଳ କଣ୍ଠସ୍ୱର ଦର୍ଶକଙ୍କୁ ଦୀର୍ଘ ସମୟ ଧରି ମନ୍ତ୍ରମୁଗ୍ଧ କରିଥାଏ । ସେ ହେଉଛନ୍ତି ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ କୁଲଣା ଗ୍ରାମର ଦୃଷ୍ଟି ବାଧିତ କଣ୍ଠଶିଳ୍ପୀ ସୋମ୍ୟରଞ୍ଜନ ବାରିକ ଓରଫ ହରି । ଗ୍ରାମର ଅନିରୁଦ୍ଧ ବାରିକ ଓ ପାର୍ବତୀ ବାରିକଙ୍କ ଏକମାତ୍ର ପୁଅ ହରି ଏବେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି । ଏହାଛଡା ବ୍ଲକ ଅଞ୍ଚଳରେ ଜଣେ ସୁମଧୁର ଶିଶୁ କଣ୍ଠଶିଳ୍ପୀ ଭାବେ ହରିଙ୍କ ବେଶ ପରିଚିତ ରହିଛି । 'ଆଖିର ଜନମ' କାନ୍ଦିବା ପାଇଁ ଗୀତ ତାଙ୍କୁ ବେଶ ଲୋକାଦୃତ କରିଛି । ଗାଁ ଗହଳିରେ ପୂଜା କମିଟିର ବାର୍ଷିକ ଉତ୍ସବ ହେଉବା ବ୍ୟକ୍ତିଗତ ବୈଠକ କାର୍ଯ୍ୟକ୍ରମ



ହେଉ ସବୁଠି ହରିଙ୍କୁ ଦେଖିବାକୁ ମିଳେ । ଯଦିଓ ପାଠପଢ଼ା ପାଇଁ କିଛି ମଞ୍ଚରେ ସେ ସେ ଏବେ ଅନୁପସ୍ଥିତ ରହୁଛନ୍ତି; ତଥାପି ଲୋକଙ୍କ ଆବେଗକୁ ଉପେକ୍ଷା କରନ୍ତିନାହିଁ । ଏବେ ବିଭିନ୍ନ ସମୟରେ ସ୍ଥାନୀୟ ଏକ ଭଜନ ଟ୍ରୁପ ସହିତ ଅନେକ ସ୍ଥାନକୁ ଯାଇ ସଙ୍ଗୀତ ପରିବେଷଣ କରୁଛନ୍ତି । ହରି ବିଧିବଦ୍ଧ ଭାବେ ଗାଁର ସଙ୍ଗୀତ ଗୁରୁ ସୁବାସ ଚନ୍ଦ୍ର ନାୟକଙ୍କ ଠାରୁ ଏବେ ସଙ୍ଗୀତ ଏବଂ ବାଦ୍ୟଯନ୍ତ୍ର ବାବଦରେ ଶିକ୍ଷା ଲାଭ କରୁଛନ୍ତି । ବାପା ତାଙ୍କର ନାମମାତ୍ର ଚାଷୀ ତଥା ଦିନ ମଜୁରିଆ ହୋଇଥିବା ବେଳେ ପୁଅର ଉଚ୍ଚ ସଙ୍ଗୀତ ଶିକ୍ଷା ପାଇଁ ପ୍ରଚୁର ଅର୍ଥ ଯୋଗାଡ଼ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ । ତେଣୁ ହରିଙ୍କୁ ସରକାରୀ ସହାୟତା ମିଳିଲେ ସଙ୍ଗୀତ କ୍ଷେତ୍ରରେ ନିଜର ଲୁକ୍କାୟିତ ପାରଦର୍ଶିତାକୁ ସେ ପ୍ରତିପାଦିତ କରିବା ସହିତ ଜିଲ୍ଲା ତଥା ରାଜ୍ୟର ନାଁକୁ ଉଜ୍ଜ୍ୱଳ କରିବ ଏଥିରେ ସନ୍ଦେହ ନାହିଁ ।

## ସରସଦାରେ ଶିଶୁ ମହୋତ୍ସବ ପାଳିତ



**ବାରିକପୁର, ୧୫ ।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସରସଦା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିରଠାରେ ଶିଶୁ ଦିବସ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଭକ୍ତି ନୈବେଦ୍ୟ ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ନାୟକ, ମୋ ସ୍କୁଲ କମିଟି ଅଧ୍ୟକ୍ଷ ବିକାଶ କୁମାର ସ୍ୱାଇଁ, ଶିକ୍ଷୟିତ୍ରୀ ଅର୍ଚ୍ଚନା ସ୍ୱାଇଁ, ବିଜୟଲକ୍ଷ୍ମୀ ପଣ୍ଡା, ମାମା ପ୍ରିୟା ପାଣିଗ୍ରାହୀ, ସୁଜାତା ମଲ୍ଲିକ, ସସ୍ମିତା ମହାନ୍ତି ପ୍ରମୁଖ ଯୋଗଦେଇ ଶିଶୁ ହସିଲେ ଦେଶ ହସିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବୌଦ୍ଧିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିଭଳି ଶାରଦା ଠାରେ ପ୍ରଧାନ ଆଚାର୍ଯ୍ୟ ନିର୍ମଳ ସେନାପତିଙ୍କ ଅଧ୍ୟକ୍ଷତାରେ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ କଥାକାର ହିମାଂଶୁ ମହାରାଜ ଓ ଶିକ୍ଷାବିତ୍ ଫକିରଚରଣ ଧଳ ଯୋଗଦେଇ ସାମ୍ପ୍ରତିକ ସମୟରେ ଶିଶୁଙ୍କ ପାଇଁ ଆଧ୍ୟାତ୍ମିକ ଶିକ୍ଷାର ଗୁରୁତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## ବାରିକପୁର ହାଇସ୍କୁଲରେ ବିଜ୍ଞାନମେଳା



**ଭଣ୍ଡାରିପୋଖରୀ/ବାରିକପୁର, ୧୫।୧୧ (ସମିସ):** ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ କାଞ୍ଚନବାଳା ପାତ୍ର ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ । ଏଥିରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଖଗେଶ୍ୱର ମହାପାତ୍ର, ଗୟାଧର ସାମଲ, କାର୍ତ୍ତିକ ସ୍ୱାଇଁ, ଶିକ୍ଷା ସଂଯୋଜକ ବିଶ୍ୱରଞ୍ଜନ ଶେଣ୍ଠେ, ଏସଏମସି ଅଧ୍ୟକ୍ଷ ପ୍ରତାପ ଘଡେଇ, ସଦସ୍ୟ ନିରାକାର ବେହୁରିଆ, ନାରାୟଣ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀର ଉପଯୋଗିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଶିକ୍ଷୟିତ୍ରୀ ପ୍ରତିଭା ଶତପଥୀ ଓ ମାନସୀ ମାଝୀଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ବିକଶିତ ଆତ୍ମନିର୍ଭର ପାଇଁ ବିଜ୍ଞାନ, ପ୍ରଯୁକ୍ତି, ଇଂଜିନିୟରିଂ ଓ ଗଣିତ ଆଧାରିତ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ । ଶେଷ ବିବେଚିତ ୧୦ଟି ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଜିତେନ୍ଦ୍ର ସାହୁ ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ନିଳିମା ପଣ୍ଡା ଧନ୍ୟବାଦ ଦେଇଥିଲେ ।

## କୃଷ୍ଣଚନ୍ଦ୍ର ଦାଶଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ



**ଧାମନଗର, ୧୫ ।୧୧(ସମିସ):** ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ପଳିକିରି ଗାଁର ବିଶିଷ୍ଟ ପଣ୍ଡିତ ସ୍ୱର୍ଗତ କୃଷ୍ଣଚନ୍ଦ୍ର ଦାଶଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୁରାଣ ସାହିତ୍ୟ ଓ ଭଗବତ ଗୀତା ସମ୍ପର୍କରେ ପ୍ରଚଣ୍ଡ ଜ୍ଞାନ ଥିବା ସ୍ୱର୍ଗତ ଦାଶଙ୍କ ପୁଣ୍ୟତିଥି (ପ୍ରଥମାଷ୍ଟମୀ) ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ସୁଧାକର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଲୋକାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଉଭୟ ପତିପତ୍ନୀ ସ୍ୱର୍ଗତ କୃଷ୍ଣଚନ୍ଦ୍ର ଦାଶ ଓ ସ୍ୱର୍ଗତ ସାବିତ୍ରୀ ଦାଶ ସ୍ଥାନୀୟ ଅଞ୍ଚଳରେ ସବୁରି ପ୍ରିୟ, ଦରଦୀ ଓ ସର୍ବଜନାଦୃତ ଦମ୍ପତି ଥିଲେ ବୋଲି ସେ ଦୁହିଁଙ୍କ ପ୍ରତିମୂର୍ତ୍ତୀ ଲୋକାର୍ପଣ ଅବସରରେ ମୁଖ୍ୟ ଅତିଥି ଶ୍ରୀ ଦାଶ ତାଙ୍କ ବକ୍ତବ୍ୟରେ କହିଥିଲେ । ସ୍ୱର୍ଗତ ଦାଶଙ୍କ ତିରୋଧାନ ଦିବସରେ ଅନୁଷ୍ଠିତ ଏହି ପୂଜ୍ୟପୂଜା କାର୍ଯ୍ୟକ୍ରମରେ ତାଙ୍କ ଜ୍ୟେଷ୍ଠପୁତ୍ର ଅବସରପ୍ରାପ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା କର୍ମଚାରୀ ଲକ୍ଷ୍ମୀଧର ଦାଶ, କନିଷ୍ଠ ପୁତ୍ର ସହକାରୀ ଶିକ୍ଷକ ରଞ୍ଜନ ଦାଶ, ପୁତୁରା ଚକ୍ରଧର ଦାଶ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସ୍ୱର୍ଗତ ଦାଶଙ୍କ ମଧ୍ୟମ ପୁତ୍ର ରବୀନ୍ଦ୍ର କଦାଶ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

## ସାଇବର ସୁରକ୍ଷା ସଚେତନତା ଅଭିଯାନ




**ବାସୁଦେବପୁର, ୧୫ ।୧୧(ସମିସ):** ବାସୁଦେବପୁର ପୌରପାଳିକା ନୀଳମଣି ଟାଉନହଲ ପରିସରରେ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାଇବର ରଥକୁ ତୃପ୍ତି ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ କରିଥିଲେ । ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଆୟୋଜିତ ସଭାରେ ସଂଯୋଜନା କରିଥିଲେ । ମୁଖ୍ୟ ଅତିଥି ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ପୌରାଧ୍ୟକ୍ଷା ନିବେଦିତା ବେହେରା, ବିଡିଓ ତନ୍ମିତା କର, ତହସିଲଦାର ପ୍ରିୟବ୍ରତ ଦାସ, ଏଏସପି ସମ୍ବିତ ମାଝୀ, ଧାମନଗର ଡିଏସପି ତ୍ରିଲୋଚନ ସେଠୀ, ଭଦ୍ରକ ସଦର ଡିଏସପି ବିଚିତ୍ରାନନ୍ଦ ସେଠୀ ଯୋଗଦେଇ ସାଇବର ସୁରକ୍ଷା ଓ ସାଇବର ସଚେତନତାର ଆବଶ୍ୟକ ରହିଛି ବୋଲି କହିଥିଲେ । ପ୍ରତିଦିନ ଶହ ଶହ ଲୋକ ଠକେଇର ଶିକାର ହେଉଛନ୍ତି । କିଏ ଲକ୍ଷ ଲକ୍ଷ ଟଙ୍କା ହରାଇ ସାମାଜିକ ଅପନିନ୍ଦା ଭୟରେ ମୁହଁ ଖୋଲି ନପାରି ଚୁପଚାପ ରହୁଛନ୍ତି ତ ପୁଣି କିଏ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରୁଛି । ତେଣୁ ଠକାମିର ଶିକାର ହେବା ମାତ୍ରକେ ହେଲ୍ପଲାଇନକୁ ତୁରନ୍ତ ଜଣାନ୍ତୁ । କେତେକ ସାଇବର ଠକ ଫୋନରେ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ଲୁଟ କରୁଛନ୍ତି । ଏହି ସାଇବର ଠକ ଲିଙ୍କ୍ ଓ ଓଟିପି ମାଗି ଲୁଟ କରିବେ । ମୋବାଇଲ ବ୍ୟବହାର ସମୟରେ ସତର୍କତାର ସହିତ ବ୍ୟବହାର କରନ୍ତୁ । ଫେସବୁକର ଅଜଣା ବ୍ୟକ୍ତିର ଫ୍ରେଣ୍ଡସିପ୍ କୁ ଗ୍ରହଣ କରନ୍ତୁ ନାହିଁ ବୋଲି ପରାମର୍ଶ ଦେଇଥିଲେ ।

## ଅଗରବତୀ କ୍ଲଷ୍ଟରରେ ସଚେତନତା କର୍ମଶାଳା

**ବାରିକପୁର, ୧୫ ।୧୧(ସମିସ):** ଭଣ୍ଡାରିପୋଖରୀ ଅଗରବତୀ କ୍ଲଷ୍ଟର ସରସଦାରେ ଏକ ଆତ୍ମ ନିଯୁକ୍ତି ଭିତ୍ତିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ସହାୟକ ଶିଳ୍ପ ଅଧିକାରୀ ପାର୍ଥସାରଥୀ ରାଉତ, ପ୍ରଶିକ୍ଷକ ଶଶୀଶେଖର ବେହେରା, ରମେଶ ନାୟକ ଯୋଗଦେଇ ଆତ୍ମନିଯୁକ୍ତି ଭିତ୍ତିକ ବିଭିନ୍ନ ଯୋଜନା ବାବଦରେ ପରାମର୍ଶ ଦେଇଥିଲେ । ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ବେକାରୀ ଯୁବକ ଯୁବତୀମାନେ କିପରି ସରକାରୀ ଯୋଜନାରେ ସାମିଲ ହୋଇ ଉପକୃତ ହୋଇପାରିବେ ସେନେଇ ଅଧିକାରୀମାନେ ବିସ୍ତୃତ ସୂଚନା ଦେଇଥିଲେ । ଏଥିରେ ସରସଦା ସମେତ ନେନ୍ତିପୁର, ଉତରାଗଡ଼ିଆ, ରାଢୋ, କଣ୍ଟି, ପୁରସ୍ତମପୁର ଗ୍ରାମବାସୀ ଯୋଗଦେଇଥିଲେ ।

## ରାଜ୍ୟସ୍ତରୀୟ କର୍ମଶାଳା ଉଦ୍ଯାପିତ




**ଦୋବଲ, ୧୫ ।୧୧(ସମିସ):** ଧାମନଗର ମହାବିଦ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ତରଫରୁ ଶୀର୍ଷକ ଇନଷ୍ଟିଚ୍ୟୁସନାଲ୍ ପ୍ରିପେୟାର୍ଡ଼ନେସ୍ ଫର୍ ନାକ୍ ଆକ୍ରିଡ଼ିଟେସନ୍ ତ୍ରିଦିବସୀୟ ଏକ ରାଜ୍ୟସ୍ତରୀୟ କର୍ମଶାଳା ଗତ ୧୩ ତାରିଖରେ ଉଦଘାଟିତ ହୋଇଯାଇଛି । ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ଉଦଘାଟନ ଦିବସ ଅବସରରେ ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ସନ୍ତୋଷ ତ୍ରିପାଠୀ ଓ କଲେଜ ବିକାଶ ପରିଷଦର ନିର୍ଦ୍ଦେଶକ ଡ. ସନ୍ତୋଷ ଅଗ୍ରୱାଲା ମୁଖ୍ୟବକ୍ତା, ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ଓ. ଏସ୍.ଏଚ୍.ଇ.ସି.ର ଏକ୍ସକ୍ୟୁଟିଭ୍ ମେମ୍ବର ପ୍ର. ସୁସ୍ମିତ ପାଣି ଓ ଆକଡେମିକ୍ କନସଲଟାଣ୍ଟ ଡ. ପ୍ରଦୀପ କୁମାର ବେହେରା ମୁଖ୍ୟବକ୍ତା, ତୃତୀୟ ଦିବସ ତଥା ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଓଡ଼ିଶା ନାକ୍ ଆମ୍ବାସାଡ଼ର ପ୍ର. ଡ. ଜୟନ୍ତ କୁମାର ପରିଡ଼ା ଓ ବାଲେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ହେମନ୍ତ ଘଡ଼ାଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ନାକ୍ ଅନୁବନ୍ଧନ ବିଷୟରେ ଆଲୋକପାତ କରିଥିଲେ । ଅଧ୍ୟାପକ ଆଶୀର୍ବାଦ ମହାନ୍ତିଙ୍କ ନେତୃତ୍ୱରେ ନାକ୍ ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ମହାବିଦ୍ୟାଳୟର ଯୋଗଦେଇଥିବା ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସନ୍ଦେହ ଦୂରୀଭୂତ କରିଥିଲେ । ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନର ମୁଖ୍ୟ ସଂଯୋଜକ ପ୍ରାଧ୍ୟାପକ ପ୍ରଦୀପ ରାୟ କାର୍ଯ୍ୟକ୍ରମର ବିଷୟ ଆଭିମୁଖ୍ୟ, ଅଧ୍ୟକ୍ଷ ଅଜୟ ବେଜ ସ୍ୱାଗତ ସମ୍ଭାଷଣ, ଡ. ସାଜିଆ ତମକିନ୍ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ, ଅଧ୍ୟାପିକା ବାସ୍ତବିକା ଦାସ ଅତିଥି ପରିଚୟ ଦେଇଥିଲେ । କର୍ମଶାଳାରେ ସକ୍ରିୟ ଅଂଶ ଗ୍ରହଣ କରିଥିବା ଧାମନଗର ମହାବିଦ୍ୟାଳୟ ସମେତ ଭଦ୍ରକ ଜିଲ୍ଲାର ପ୍ରାୟ ୨୫ଟି କଲେଜ ଅଧ୍ୟକ୍ଷ, ଅଧ୍ୟାପକ-ଆଧ୍ୟାପିକାଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି । ଅଧ୍ୟାପକ ସତ୍ୟନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାବ୍ୟାପୀ ଜନଜାତୀୟ ଗୌରବ ଦିବସ ପାଳିତ

**ଭଦ୍ରକ, ୧୫ ।୧୧(ସମିସ)**



ମହାନ ସ୍ୱାଧୀନତା ସଂଗ୍ରାମୀ, ସମସ୍ତ ଜନଜାତି ଓ ସବୁ ଭାରତୀୟଙ୍କ ଗର୍ବ ଗୌରବ ଓ ଆଦର୍ଶ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ବାର୍ଷିକ ପୂର୍ତ୍ତି ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସହୀଦ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ଦିନଟି ଆଦିବାସୀ ନେତାମାନଙ୍କ ତ୍ୟାଗ, ସାହସ ଓ ସାମ୍ବିଧାନିକ ଅଧିକାରୀ ପାଇଁ କରାଯାଇଥିବା ସଂଘର୍ଷକୁ ସ୍ମରଣ କରିବା ସହ ତାଙ୍କର ସାଂସ୍କୃତିକ ଐତିହକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପାଳନ କରାଯାଏ । ବିଭିନ୍ନ ବ୍ଲକରୁ ଶତାଧିକ ଆଦିବାସୀ ସମ୍ପ୍ରଦାୟର ଲୋକ ପହଞ୍ଚି ଜନଜାତୀୟ ଗୌରବ ଦିବସ କୁ ଅତି ଧୁମଧାମ୍‌ରେ ମନାଇଛନ୍ତି । ବିଭିନ୍ନ ଆଶ୍ରମ ସ୍କୁଲରୁ ଆସିଥିବା କୁନି କୁନି ଛାତ୍ରଛାତ୍ରୀ ସେମାନଙ୍କର ଉତ୍କୃଷ୍ଟ ନୃତ୍ୟ ପ୍ରଦର୍ଶନକରି ସମସ୍ତଙ୍କୁ ବିମୋହିତ କରିଥିଲେ । ଗାୟିକା ଶୁଭ୍ରସ୍ମିତା ରାଉତ, ସ୍ମୃତିଶ୍ରୀୟା ମହାନ୍ତି ଦେଶାତ୍ମବୋଧକ ଓ ଲୋକ ସଙ୍ଗୀତ ଗାନ କରିଥିଲେ । ସଭାରେ ଭଦ୍ରକ ବିଧାୟକ ସୀତାଂଶୁସେଖର ମହାପାତ୍ର, ଜିଲ୍ଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଭଦ୍ରକ ବିଡିଓ ରଶ୍ମିରଞ୍ଜନ ମଲ୍ଲିକ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଣୀ ଉର୍ମିଳା ଗୋଛାୟତ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଜଙ୍ଗଲ ସୁରକ୍ଷା ଆଇନ ଅନୁସାରେ ଭଣ୍ଡାରିପୋଖରୀ ବ୍ଲକ ଅଧିନ ରହଣିଆ, କୁରିଗାଁ, ରାଜେନ୍ଦ୍ରପୁର ଓ ବିଷ୍ଣୁପୁର ପଞ୍ଚାୟତରେ ମୋଟ ୧୨ ଜଣଙ୍କୁ ଗୋଷ୍ଠୀ ସମ୍ବଳ ପଟ୍ଟା (ଶିରୋନାମା) ଭଦ୍ରକ ବିଧାୟକଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା । ପରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଆଭାସୀ ମାଧ୍ୟମରେ ସିଧା ପ୍ରସାରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କାଦମ୍ବରୀ କରଶର୍ମା ମଞ୍ଚ ପରିଚାଳନା କରିବା ସହିତ ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ ଶ୍ୟାମସୁନ୍ଦର ଜେନା, ଆଇଜାକ ମହାନ୍ତି, ଏ.ସି.ପି ସୌମ୍ୟରଞ୍ଜନ ଜେନା, ରଶ୍ମିରେଖା ଦାସ, ହିମାଂସୁ ସାମଲ, ଅୟସକାନ୍ତ ମାଝୀ, କ୍ଷିରୋଦ ବଳ, ଜୟପ୍ରକାଶ ଦାସ, ରଶ୍ମିରାଣୀ ଦାସ ଏବଂ ନିର୍ମଳ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଡେପୁଟି କଲେକ୍ଟର ଧନ୍ୟବାଦ ଅର୍ପଣ କରିଥିଲେ ।

ଗର୍ଭବତୀଙ୍କୁ ବନ୍ଧ୍ୟାକରଣ କରାଇଥିଲେ ଡାକ୍ତର

# ଅସ୍ତ୍ରୋପଚାରର ୮ ମାସ ପରେ ପୁଣି ମାତୃତ୍ୱ

ଭଦ୍ରକ/ଅସୁରାଳି,୧୫।୧୧(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ସୁନ୍ଦରପୁର ପଞ୍ଚାୟତସ୍ଥିତ ପାରଡ଼ିଆ ଗାଁର ଜଣେ ଦଳିତ ଗରିବ ମହିଳା ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କରିବାର ୮ ମାସରେ ମାତୃତ୍ୱ ଲାଭ କରିଛନ୍ତି। ତାଙ୍କ ନାମ ମନ୍ଦାକିନୀ ମଳିକ(୩୦)। ସ୍ୱାମୀଙ୍କ ନାମ ଚିତ୍ତରଞ୍ଜନ ମଳିକ। ଆର୍ôଥକ ସହାୟତା ପାଇଁ ଚାନ୍ଦବାଲି ଓ ଭଦ୍ରକ ଦୌଡୁଥିଲେ ବି ତାଙ୍କ କଥା କେହି ଶୁଣୁ ନଥିବା ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ବିବାହ ପରେ ମନ୍ଦାକିନୀ ୨ଟି ପୁଅ ଓ ଗୋଟିଏ ଝିଅ ଜନ୍ମ କରିଥିଲେ। ଏହାପରେ ସେ ପରିବାର ନିୟନ୍ତ୍ରଣ ପାଇଁ ମନ ବଳାଇଥିଲେ। ବନ୍ଧ୍ୟାକରଣ ଅସ୍ତ୍ରୋପଚାର ପାଇଁ ସେ



ନିଜ ଗାଁର ଆଶାଙ୍କୁ କହିଥିଲେ। ଆଶା ଦିଦି ସୁନ୍ଦରପୁର ଉପସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମଙ୍କୁ ଏ ବିଷୟରେ ଜଣାଇଥିଲେ। ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ମାର୍ଚ୍ଚ ୨ ତାରିଖରେ ତାଙ୍କର ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କରିବା ପାଇଁ ସ୍ଥିର ହୋଇଥିଲା। ସେହିଦିନ ତାଙ୍କର ରକ୍ତ ଓ ଅନ୍ୟ ଆବଶ୍ୟକ ପରୀକ୍ଷା କରାଯାଇ ଅସ୍ତ୍ରୋପଚାର କରାଯାଇଥିଲା। ଭଦ୍ରକର ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ରୋଗ ଡାକ୍ତର ମୁରଲୀଧର ପାଢୀ ଏହି ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରିଥିଲେ। ଜୁନ ମାସ ନିଜ ପେଟରେ ପିଲା ବଢୁଥିବା ମନ୍ଦାକିନୀ ଅନୁଭବ କରି ଭଦ୍ରକ ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ଯାଇ ଗର୍ଭ ପରୀକ୍ଷା କରି ସେ ଗର୍ଭବତୀ ଥିବା ଜାଣିଥିଲେ। ଏ ବିଷୟରେ ଆରଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀଙ୍କୁ ଅବଗତ କରିଥିଲେ। ପିଲାଜନ୍ମ ପରେ ତାଙ୍କୁ ନିୟମାନୁଯାୟୀ ଆର୍ôଥକ ସହାୟତା ଦିଆଯିବ ବୋଲି ତାଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ଅସ୍ତ୍ରୋପଚାରର ଠିକ ୮ ମାସ ପରେ ନଭେମ୍ବର ୧ତାରିଖରେ ମନ୍ଦାକିନି ଏକ ପୁତ୍ର ସନ୍ତାନ ପ୍ରସବ କରିଥିଲେ।

ସରକାରୀ ଆର୍ôଥକ ସହାୟତା ପାଇଁ ଏଏନଏମଙ୍କଠାରୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୌଡି ଦୌଡି ନୟାନ୍ତ ହେଲେଣି; ହେଲେ ୨୭୭ ଦିନ ପୂର୍ବରୁ ତାଙ୍କର ପ୍ରସବ ହୋଇଥିବାରୁ ସେ ସରକାରୀ ସାହାଯ୍ୟ ପାଇବେ ନାହିଁ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ନିରାଶ ବାଣୀ ଶୁଣାଇଛନ୍ତି। ଏହାକୁ ନେଇ ମନ୍ଦାକିନୀ ଓ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ତୁରନ୍ତ ଏହାର ତଦନ୍ତ କରାଯାଇ ଅସ୍ତ୍ରୋପଚାର କରିଥିବା ଡାକ୍ତର ଓ ଏଥିରେ ସଂପୃକ୍ତ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପରିବାର ପକ୍ଷରୁ ଦାବି କରାଯାଇଛି। ଏଥିସହ ସେହି ଗରିବ ଦଳିତ ମାତୃତ୍ୱ ଲାଭ କରିଥିବା ମହିଳାଙ୍କୁ ଆର୍ôଥକ ସହାୟତା ଯୋଗାଇ ଦେବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି। ଯଦି ଆର୍ôଥକ ସହାୟତା ୧୫ ଦିନ ମଧ୍ୟରେ ନମିଳେ ତେବେ ଆରଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଧାରଣାରେ ବସିବେ ବୋଲି ମନ୍ଦାକିନୀ ଚେତାବନୀ ଦେଇଛନ୍ତି।

● ୮ ବର୍ଷ ଧରି ହେଉନି ତଦାରଖ

## ଗୁଆମାଳ ସମିତିରୁ ଚାଷୀଙ୍କୁ ମିଳୁନି ସେବା

ଦୋଳସାହି, ୧୫।୧୧(ସମିସ): ତିହିଡ଼ି ବ୍ଲକ୍ ଗୁଆମାଳ ପଞ୍ଚାୟତସ୍ଥିତ ସେବା ସମବାୟ ସମିତିଟି ବିଭିନ୍ନ ପ୍ରକାର ସମସ୍ୟା ଘେରରେ ରହିଛି। ୨ହଜାରରୁ ଅଧିକ ଚାଷୀ ଧାନ ମୁଗ ବିରି ଚାଷ ପାଇଁ ଋଣ ନେଇଥିବା ବେଳେ ୮ଶହରୁ ଅଧିକ ଏହି ଚାଷୀ ଋଣ ଖିଲାପ କରୁଥିବା ଜଣାଯାଇଛି। ଏହି ସେବା ସମବାୟ ସମିତିରେ ୨୦୧୭ରୁ ୨୦୨୫ ପର୍ଯ୍ୟନ୍ତ ୮ ବର୍ଷ



ଧରି ହିସାବ ହେଉ ନଥିବା ଏବଂ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ବିଭିନ୍ନ ପ୍ରକାରର ସହାୟତାରୁ ଚାଷୀ ବଞ୍ଚିତ କରାଯାଉଥିବା ଅଭିଯୋଗ ହେଉଛି। ସମିତିର ସମ୍ପାଦକ ଅମରେନ୍ଦ୍ର ନାୟକ ୨ଟି ସମବାୟ ସମିତିର ଦାୟିତ୍ୱରେ ଥିବା ବେଳେ ଏହି ସମିତିରେ ସପ୍ତାହରେ ମାତ୍ର ୨ଦିନ କାର୍ଯ୍ୟରେ ଯୋଗଦାନ କରୁଛନ୍ତି। ଫଳରେ ପିଅନ ଅଜୟ ସେଠୀ କାର୍ଯ୍ୟାଳୟକୁ ଏକା ସମ୍ଭାଳୁଛନ୍ତି। ଏହି ସମବାୟ ସମିତିରେ ଜଣେ ସ୍ଥାୟୀ ସମ୍ପାଦକ ଓ ଜଣେ ଡିଓ ପଦ ପୂରଣ ପାଇଁ ସାଧାରଣରେ ଦାବି ହେଉଛି। ୨୦୧୭ରେ ତତ୍କାଳୀନ ସମ୍ପାଦକ ଓ ପିଅନ ଦ୍ୱାରା ୫୦ ଲକ୍ଷରୁ ଅଧିକ ଟଙ୍କା ହଡ଼ପ ଅଭିଯୋଗରେ ଉଭୟ ଗିରଫ ହୋଇ କୋର୍ଟ ଚାଲାଣ ହୋଇ ଜାମିନ ପାଇଥିବା ବେଳେ ମାମଲା ଏବେ ବି ବିଚାରାଧୀନ ଥିବା ଜଣାଯାଇଛି।

## ରାଜ୍ୟ ଚାମ୍ପିଅନ ମନସ୍ମିତାଙ୍କୁ ସମ୍ବର୍ଦ୍ଧନା

ବନ୍ତ/ଆଗରପଡ଼ା,୧୫।୧୧(ସମିସ): ଆଗରପଡ଼ା ସରକାରୀ ବାଳିକା ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ମନସ୍ମିତା ରାଉତ ସୁରଭି କାର୍ଯ୍ୟକ୍ରମ ସୃଜନଶୀଳ ଲିଖନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରାଜ୍ୟ ଚାମ୍ପିଅନ ହୋଇଛନ୍ତି। ଗତ ଶୁକ୍ରବାର ଭୁବନେଶ୍ୱରଠାରେ ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମନସ୍ମିତାଙ୍କୁ ପ୍ରମାଣପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ତାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି।



ଏହି ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଂଜନ ମହାନ୍ତି, ପରିଚାଳନା କମିଟି ଅଧ୍ୟକ୍ଷା ବର୍ଷାରାଣୀ ମଲ୍ଲିକ, ସଭ୍ୟ ତଥା ସାମ୍ବାଦିକ ଅକ୍ଷୟ ସିଂହ, ସିଆରସିସି ନିରଞ୍ଜନ ଖିଲାର, ସହକାରୀ ଶିକ୍ଷକ ଅଜିତ ରାଉଳ, ବିରେନ ମିଶ୍ର, କୈଳାସ ପଣ୍ଡା, ଭୀମସେନ ପାଲ, ପ୍ରମୋଦିନୀ ସାହୁ, ଭାଗ୍ୟଶ୍ରୀ ପଣ୍ଡା, ରଞ୍ଜିତା ଶିଅଳ, ସାଗରିକା ମହାନ୍ତି, ବନଜିନୀ ନାୟକ, ବିଦ୍ୟୁତଲତା ଦାସ, ସାବିତ୍ରୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାବିତ୍ ସମୀକ୍ଷା ପ୍ରସାଦ ରାଉତ ଓ ମଧୁସ୍ମିତା ଜେନାଙ୍କ ଝିଅ ମନସ୍ମିତା ମଧ୍ୟ ପୂର୍ବରୁ ନିଜ ପାରଦର୍ଶିତା ପ୍ରଦର୍ଶନ କରି କୃତକାର୍ଯ୍ୟ ହୋଇ ସ୍କୁଲ ପାଇଁ ଅନେକ ଗୌରବ ସାଉଁଟିଛନ୍ତି।




ଭଦ୍ରକ କଚେରି ବଜାରଠାରେ ଶନିବାର ଆୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା-୨୦୨୫ର ଷଷ୍ଠ ସନ୍ଧ୍ୟା

## ପୁରସ୍କାର ବିତରଣ ଓ ବାର୍ଷିକ ଉତ୍ସବ

ବନ୍ତ/ଆଗରପଡ଼ା,୧୫।୧୧(ସମିସ): ଆଗରପଡାସ୍ଥିତ ପ୍ରିୟ ଶିକ୍ଷା ବିକାଶ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ବିଧାୟକ ସଂଜୀବ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଚନ୍ଦନ ଦାସଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ ଏହି ପୁରସ୍କାର ବିତରଣୀ ସଭାରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ପୁରୁଷୋତ୍ତମ ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ନାୟକ, ଯୁବ ସଭାପତି ସତ୍ୟ ସାଧନ ବେଜ, ପୁରୁଷୋତ୍ତମ ପଞ୍ଚାୟତ ସରପଞ୍ଚ ପ୍ରକାଶ ବିଶ୍ୱାଳ, ଯୁବନେତା ଦୀପକ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ।

## ବାଳିକା ହାଇସ୍କୁଲ୍‌ରେ ବିଜ୍ଞାନମେଳା

ବନ୍ତ/ଆଗରପଡ଼ା, ୧୫।୧୧(ସମିସ): ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ଛାତ୍ରୀ ସଂଗୀତା ପାଲ ପ୍ରଥମ, ଭାଗ୍ୟଲକ୍ଷ୍ମୀ ବେହେରା ଦ୍ୱିତୀୟ, ସ୍ୱର୍ଣ୍ଣଶୋଭା ସାହୁଙ୍କ ପ୍ରକଳ୍ପ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃଷ୍ଣଚରଣ ବିଦ୍ୟାମନ୍ଦିର ଶିକ୍ଷକ ଗୋକୁଳାନନ୍ଦ ବେହେରା ଓ ବାଲିପୋଖରୀ ହାଇସ୍କୁଲ ଶିକ୍ଷକ ସୁଶାନ୍ତ ଜେନା ବିଚାରକ ଥିଲେ। ସ୍କୁଲ ବିଜ୍ଞାନ ଶିକ୍ଷୟିତ୍ରୀ ବନଜିନୀ ନାୟକ ଓ ଭାଗ୍ୟଶ୍ରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ଚିତ୍ତରଂଜନ ମହାନ୍ତି, ସିଆରସିସି ନିରଞ୍ଜନ ଖିଲାର, ସହକାରୀ ଶିକ୍ଷକ ଅଜିତ ରାଉଳ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ବିରେନ ମିଶ୍ର, କୈଳାସ ପଣ୍ଡା, ଭୀମସେନ ପାଲ, ପ୍ରମୋଦିନୀ ସାହୁ, ରଂଜିତା ଶିଅଳ, ସାଗରିକା ମହାନ୍ତି, ବିଦ୍ୟୁତଲତା ଦାସ, ସାବିତ୍ରୀ ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ୧୩୩ତମ ଜଗନ୍ନାଥ ମହୋତ୍ସବ ଉଦ୍‌ଯାପିତ

ଅସୁରାଳି, ୧୫।୧୧(ସମିସ): ଗୋବିନ୍ଦପୁରରେ ୧୩୩ତମ ଜଗନ୍ନାଥ ମହୋତ୍ସବ ଉଦଯାପିତ ହୋଇଯାଇଛି। ସାତ ଦିନ ଧରି ଚାଲିଥିବା ଏହି ମହୋତ୍ସବ କେବଳ ଧାର୍ମିକ ଆନୁଷ୍ଠାନ ନୁହେଁ, ଏହା ସାମୂହିକ ସଂସ୍କୃତି, ସାହିତ୍ୟ, ସଙ୍ଗୀତ ଓ ଆଧ୍ୟାତ୍ମିକତାର ଏକ ସୁନ୍ଦର ସମାଗମ ହୋଇଥିଲା। ମହୋତ୍ସବର ମୂଳ କେନ୍ଦ୍ରବିନ୍ଦୁ ଥିଲେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା। ପ୍ରତିଦିନ ଭିନ୍ନ ଭିନ୍ନ ପୂଜା, ଆରତି, ଭଜନ, ପାଠ ଆୟୋଜିତ ହୋଇଥିଲା। ବିଶ୍ୱନାଥ ପଣ୍ଡା ଓ ସୁଶାନ୍ତ ପଣ୍ଡାଙ୍କ ଭାଗବତ ପାରାୟଣ ସମସ୍ତ ଶ୍ରୋତାଙ୍କ ହୃଦୟକୁ ଛୁଇଁଥିଲା। କର୍ତ୍ତା ଭାବେ ନିତ୍ୟାନନ୍ଦ ପତି ସପତ୍ନୀକ ରହିଥିଲା ବେଳେ ଗୀତା, ଭାଗବତ, ଓଡ଼ିଆ ପାଲା ପାଠ ମାଧ୍ୟମରେ ଧାର୍ମିକ ଓ ସାହିତ୍ୟିକ ଜ୍ଞାନର ପ୍ରଚାର ହୋଇଥିଲା। ଉଦଯାପନୀ ସଭାରେ ସଭାପତିତ୍ୱ କରିଥିଲେ ସନ୍ତୋଷ ଦାସ। ମୁଖ୍ୟଅତିଥି ଭାବେ ପ୍ରଧାନଶିକ୍ଷକ ବୈକୁଣ୍ଠ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସମିତି ସଭ୍ୟ ଶ୍ରୀକାନ୍ତ ନାୟକ, ପ୍ରଧାନଶିକ୍ଷକ ମନୋଜ ସିଂ, ରାମଚନ୍ଦ୍ର ସାହୁ, ସମାଜସେବୀ ରାଜେନ୍ଦ୍ର ରାଉଳ, ଶିକ୍ଷାବିତ୍ ନିର୍ମଳ ସେଠୀ, ଦିଗମ୍ବର ଜେନା, ଶ୍ୟାମସୁନ୍ଦର ନାଥ, କଳାକାର ସୁବାସ ମଲିକ, ଭାସ୍କର ସେଠୀ, ବିମଳ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ଥିଲା ମା' ବୁଢୀଜାଗୁଳାଇ କୀର୍ତ୍ତନ ମଣ୍ଡଳି, ଷୋଳଗାଁ। ବହୁ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ପ୍ରସାଦ ସେବନ କରିଥିଲେ।

## ଧୂଷୁରୀ ଶିଶୁ ମନ୍ଦିରରେ ଶିଶୁ ମହୋତ୍ସବ

ଅସୁରାଳି, ୧୪।୧୧(ସମିସ): ଧାମନଗର ବ୍ଲକ ଧୂଷୁରୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ଦିବସ ଉପଲକ୍ଷେ "ଶିଶୁ ମହୋତ୍ସବ' ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ରମାପଦ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି ଓ ମୁଖ୍ୟବକ୍ତା ରୂପେ ଶିକ୍ଷାବିତ୍ ରତ୍ନାକର ବେହୁରିଆ ଯୋଗ ଦେଇଥିଲେ। ଗୁରୁମା କଳ୍ପନା ଦେବତା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲା ବେଳେ ସରୋଜିନୀ ଜେନା ଧନ୍ୟବାଦ ଦେଇଥିଲେ। ସୁଲିଖନ, ଚିତ୍ରାଙ୍କନ,କବିତା ଆବୃତି ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀ ସାଇଜ୍ୟୋତି ବେହେରା (ଶ୍ରେଣୀ -୧ମ ), ସାଇରାଜ ପୋଥାଳ (ଶ୍ରେଣୀ-୨ୟ), ପୂର୍ବିତ ନାୟକ (ଶ୍ରେଣୀ- ୩ୟ), ଝଞ୍ଜ ପ୍ରିୟଂଶୀ ପଣ୍ଡା (ଶ୍ରେଣୀ- ୪ର୍ଥ), ଇତିଶ୍ରୀ ସାମଲ (ଶ୍ରେଣୀ-୮ମ), ପୁଷ୍ପାଞ୍ଜଳି ସ୍ୱାଇଁ (ଶ୍ରେଣୀ-୧ମ), ସ୍ମୃତିରେଖା ବେହେରା (ଶ୍ରେଣୀ-୨ୟ), ପ୍ରାପ୍ତି ମିଶ୍ର ( ଶ୍ରେଣୀ-୪ର୍ଥ) ତପସ୍ୟା ପ୍ରିୟଦର୍ଶିନୀ ଦାସ (ଶ୍ରେଣୀ -୭ମ) , ଅଂଶିୟାନ ପ୍ରଭା (ଶ୍ରେଣୀ-୩ୟ) ପୁନମ୍ ପ୍ରିୟଦର୍ଶିନୀ ପତି (ଶ୍ରେଣୀ-୫ମ), ଇତିଶ୍ରୀ ସାମଲ (ଶ୍ରେଣୀ- ୮ମ), ଆଦିତ୍ୟ କୁମାର ପଲାଇ (ଶ୍ରେଣୀ- ୧ମ), ସାଇରାଜ ପୋଥାଳ (ଶ୍ରେଣୀ- ୨ୟ) , ଧାନଦୀପ କର (ଶ୍ରେଣୀ-୩ୟ), ସ୍ମୃତିରେଖା ମିଳିକ୍ (ଶ୍ରେଣୀ-୪ର୍ଥ), ଇତିଶ୍ରୀ ସାମଲ (ଶ୍ରେଣୀ-୮ମ)।




## ବାର୍ଷିକ ଉତ୍ସବ ଓ ପିତୃମାତୃ ସମ୍ମିଳନୀ

ବନ୍ତ/ଆଗରପଡ଼ା, ୧୫।୧୧(ସମିସ): ସରକାରୀ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଆଦର୍ଶବାଦୀ ଶିଶୁ ମାନବ ବିକାଶ ମଞ୍ଚ ଓଡିଶାର ପଞ୍ଚଦଶ ବାର୍ଷିକ ଉତ୍ସବ ଓ ପିତୃମାତୃ ସମ୍ମିଳନୀ ବନ୍ତ ବ୍ଲକ ଛୟାଳସିଂହ ପଂଚାୟତସ୍ଥିତ ଗୁରୁକୁଳ ଆଶ୍ରମ ହାଟଡିହି ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୧୯୦୫ ମସିହାରେ ପ୍ରତିଷ୍ଠିତ ଉକ୍ତ ଅନୁଷ୍ଠାନର ପ୍ରତିଷ୍ଠାତା ସମାଜ ସଂସ୍କାରକ ପଣ୍ଡିତ ବିଜୟ କୁମାର ପାକଳଙ୍କ ତତ୍ତ୍ୱାବଧାନରେ ଆଦର୍ଶବାଦୀ ଉଚ୍ଚବନବିଦ୍ୟାଳୟ ଛାତ୍ରାବାସ ଆନୁକୂଲ୍ୟରେ ଏବଂ ହାଟଡିହି ଗ୍ରାମର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠିର ମାଆଙ୍କ ପୂର୍ଣ୍ଣ ସହଯୋଗରେ ଆୟୋଜିତ ଏହି ମହୋତ୍ସବରେ ଆଦର୍ଶବାଦୀ ଶିଶୁମାନବ ବିକାଶ ମଞ୍ଚ ଓଡିଶା ସମ୍ପାଦିକା ସମାଜସେବୀ ସବିତା ରାଣୀ ପାକଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି କରଞ୍ଜମାଳ ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ବଂଶୀଧର ଦାସ, ମୁଖ୍ୟବକ୍ତା ହାଟଡିହି ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ରାହାସମଣି ଜେନା, ସମ୍ମାନିତ ଅତିଥି ସମାଜସେବୀ ମାଳତୀ ପଣ୍ଡା, ହାଟଡିହି ଅଙ୍ଗନୱାଡି କର୍ମୀ ହିମାନୀ ମିଶ୍ର, ଗଦାଧର ରାଉତ, ଜୟନ୍ତୀ ପଣ୍ଡା, କବିତା ଜେନା, ସୋନାଲି ମହାନ୍ତି, ଗଙ୍ଗାଧର ମହାନ୍ତି, ଆରତୀ ଦାସ, ରମାକାନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ସମାଜସେବୀ ମୁଖତାର ଆଜାଦଙ୍କ ପରଲୋକ

ଭଦ୍ରକ, ୧୫।୧୧(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ବାଚସ୍ପତି ଓ ରାଜ୍ୟସଭା ସାଂସଦ ମହମ୍ମଦ ହନିଫଙ୍କ ନାତି ମୁଖତାର ଅହେମଦ ଆଜାଦ ଓରଫ ମୁମୁଙ୍କ ଆମେରିକାସ୍ଥିତ ଓହାଇଓ ସିନସନାତି ସହରସ୍ଥିତ ବାସଭବନରେ ହୃଦଘାତରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା। ଭଦ୍ରକ ପୁରୁଣା ବଜାରସ୍ଥିତ କାଜି ମହଲ୍ଲା ନିବାସୀ ସ୍ୱର୍ଗତ କମରୁଲ ହୋଦା ଆଜାଦ, ମାତା ତଇମିନା ଖାତୁନଙ୍କ ଔରସରୁ ୨୮ ଡିସେମ୍ବର ୧୯୫୯ରେ ଜନ୍ମଲାଭ କରିଥିଲେ। ପାଠପଢା ସହିତ ଜନସାଧାରଣଙ୍କ ସେବାରେ ଲିପ୍ତ ରହିଥିଲେ। ମୁମୁ ନିଜ ଗାଁ ସହିତ ଆଖପାଖ ଅଞ୍ଚଳରେ ମଧ୍ୟ ଜଣେ ମେଳାପୀ ଓ ପରୋପକାରୀ କାର୍ଯ୍ୟରେ ରହି ଲୋକଙ୍କ ସେବା କରୁଥିଲେ। ପୁରୁଣା ବଜାର ରୋଭର୍ସ କ୍ଲବର ଜଣେ ଆଗଧାଡ଼ିର ଫୁଟବଲ ଖେଳାଳି ଥିଲେ। ୧୯୮୫-୧୯୯୦ ମଧ୍ୟରେ ନିଜ ଗାଁ କାଜି ମହଲ୍ଲା ୱାର୍ଡନମ୍ବର ୨୭ରେ ୱାର୍ଡମେମ୍ବର ନିର୍ବାଚନରେ ନିର୍ବାଚିତ ହୋଇ କାଉନସିଲର ହୋଇଥିଲେ। ପରେ ନାଜନୀନ ଅଖତର ଆଜାଦଙ୍କୁ ବିବାହ କରି ଆମେରିକାରେ ରହୁଥିବା ତାଙ୍କ ନିଜ ଭଉଣୀ ଓ ଭିଣୋଇ ପାଖକୁ ଚାଲିଯାଇଥିଲେ। ସେଠାରେ ରହି ନିଜର ବ୍ୟବସାୟ ଆରମ୍ଭ କରି ୩୫ ବର୍ଷ ପର୍ଯ୍ୟନ୍ତ ରହିଆସୁଥିଲେ। ତାଙ୍କ ମୃତ୍ୟୁର ଖବର ମୁମୁର ଭାଇ ମିର୍ଜା ଇଜ୍ରାଜ ବେଗ ପ୍ରକାଶ କରିଥିବାରୁ ଭଦ୍ରକ ସହରରେ ଶୋକର ଛାୟା ଖେଳି ଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ମାଁ, ସ୍ତ୍ରୀ, ଏକମାତ୍ର ପୁଅ ଓ ଝିଅ ଉପସ୍ଥିତ ଥିଲେ।




## ଶିଶୁ ଭାରତୀ ପଦାଧିକାରୀ କାର୍ଯ୍ୟଶାଳା

ଅସୁରାଳି, ୧୫।୧୧ (ସମିସ): ଶିକ୍ଷା ବିକାଶ ସମିତି ଯୋଜନାନୁଯାୟୀ ଅସୁରାଳି ସଂକୁଳସ୍ତରୀୟ ଶିଶୁ ଭାରତୀ ପଦାଧିକାରୀ କାର୍ଯ୍ୟଶାଳା ଧୂଷୁରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ସଂକୁଳ ସଂଯୋଜକ ନିତ୍ୟାନନ୍ଦ ପତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଧୂଷୁରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ରଞ୍ଜନ ଭୂୟାଁ ଯୋଗ ଦେଇଥିଲେ। ଅସୁରାଳି, ଆରଡ଼ି, ବାରିକ୍‌ପୁର, ରହଣିଆ ଓ ଦେହୁଡ଼ି ଆନନ୍ଦପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶିଶୁ ଭାଇଭଉଣୀ ଭାଗ ନେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରମାପଦ ରଣା ଅତିଥି ପରିଚୟ ଏବଂ ଶିଶୁ ଭାରତୀ ପ୍ରମୁଖ ସରୋଜିନୀ ଜେନା ଧନ୍ୟବାଦ ଦେଇଥିଲେ। ଆରଡ଼ି ପ୍ରଧାନ ଆଚାର୍ଯ୍ୟ ବିଭୂତି ଭୂଷଣ ବିଶ୍ୱାଳ, ବାରିକ୍‌ପୁର ପ୍ରଧାନ ଆଚାର୍ଯ୍ୟ ରଞ୍ଜିତା ସାମଲ, ରହଣିଆ ପ୍ରଧାନ ଆଚାର୍ଯ୍ୟ ପ୍ରଭାତ ରାଉତ ଓ ଦେହୁଡି ଆନନ୍ଦପୁର ଗୁରୁମା ଲଳିତା ମିଶ୍ର, ଶ୍ରଦ୍ଧାଞ୍ଜଳି ଧୋପାଲ (ଅସୁରାଳି) ଓ ରସନାରାଣୀ ଦାସ (ଦେହୁଡି ଆନନ୍ଦପୁର) ଉପସ୍ଥିତ ଥିଲେ। ଶିଶୁ ପଦାଧିକାରୀରେ ୩ଟି କାଳାଂଶ ହୋଇଥିଲା। ମୋଟ୍ ୩୭ ଜଣ ଶିଶୁ ଭାଗ ନେଇଥିଲେ। କଳ୍ପନା ଦେବତା, ଦମୟନ୍ତୀ ସାହୁ, ରଶ୍ମିତା ସାହୁ, ରାଧାସ୍ମିତା ମୁଦୁଲି, ପିଙ୍କିରାଣୀ ମାଝୀ, ମାନିନୀ ସାହୁ, ଜୟଶ୍ରୀ ଦାଶ, ଅନନ୍ୟା ହାଜାରା ଓ ଭାଗ୍ୟଶ୍ରୀ ଦାଶ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## ବୈତରଣୀ ନଦୀରେ ବୃଦ୍ଧ ନିଖୋଜ

ଅସୁରାଳି, ୧୫।୧୧(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ପାଳସାହି ପଞ୍ଚାୟତର କୂଳସାହି ଗ୍ରାମର ୬୯ ବର୍ଷୀୟ ଦୀନବନ୍ଧୁ ବିଶ୍ୱାଳ ଗତକାଲି ରାତ୍ରି ୯ଟା ସମୟରେ ବଜାରରୁ ଫେରି ଦୈନିକ ଅଭ୍ୟାସ ଅନୁସାରେ, ହାତରେ ଟର୍ଚ୍ଚ ଧରି ବୈତରଣୀ ନଦୀ ପାର୍ଶ୍ୱରେ ଶୌଚ କରିବାକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଫେରି ନଥିବାରୁ ତାଙ୍କ ପୁଅ ଚିନ୍ତିତ ହୋଇ ନଦୀକୂଳକୁ ଯାଇ ଡାକିଥିଲେ। କୌଣସି ଉତ୍ତର



ନମିଳିବାରୁ ସନ୍ଦେହ ବୃଦ୍ଧି ପାଇ, ଟର୍ଚ୍ଚର ଆଲୋକରେ ଖୋଜିବା ସମୟରେ ନଦୀ ପାଣିରେ ତାଙ୍କ ଜୋତା ଭାସୁଥିବା ଦେଖିଥିଲେ। ଗତରାତିଠାରୁ ଗାଁବାସୀ ସାହିଭାଇମାନେ ଖୋଜିବାରେ ଲାଗିଥିଲେ, କିନ୍ତୁ କୌଣସି ସନ୍ଧାନ ମିଳି ନଥିବାରୁ ଘଟଣା ବିଷୟରେ ଥାନା, ତହସିଲ ଓ ଓଡ୍ରାଫ ଟିମକୁ ଅବଗତ କରାଯାଇଥିଲା। ଆଜି ସକାଳ ୬ଟାଠାରୁ ଓଡ୍ରାଫ ଟିମ ନଦୀରେ ଖୋଜାଖୋଜି ଜାରି ରଖିଛି। ତଥାପି, ଏପର୍ଯ୍ୟନ୍ତ କୌଣସି ସନ୍ଧାନ ମିଳିନାହିଁ। ଏହି ଅପ୍ରତ୍ୟାଶିତ ଘଟଣାରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ବ୍ୟାପିଛି। ଗାଁବାସୀମାନେ ଦୀନବନ୍ଧୁଙ୍କ ସୁସ୍ଥ ସନ୍ଧାନ ପାଇଁ ଆଶାରେ ଅପେକ୍ଷା କରୁଛନ୍ତି।

# ପଥ ଏବେ ବି ସଂକୀର୍ଣ୍ଣ: ରେବ-କପାଳୀକୁ ନେଇ ଆଶଙ୍କା ଟଳିନି

ବାରିକପୁର, ୧୫।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ରେବ ଓ କପାଳୀ ନଦୀ ୨ଟିକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ଖରା ୮ ମାସ ନଦୀଦ୍ୱୟ ଶୁଖିଲା ଠକ ଠକ ପଡ଼ି ରହୁଥିବା ବେଳେ ବର୍ଷା ଚାରିମାସ ହଜାର ହଜାର ଜନସାଧାରଣଙ୍କୁ ଘୋର ଯନ୍ତ୍ରଣା ଦେଉଛି। ଏହି ଦୁଇଟି ଗ୍ରାମ୍ୟନଦୀ ଦ୍ୱାରା ମଧ୍ୟ ଧାମନଗର ଓ ବନ୍ତ ବ୍ଲକର କିଛି

**କୋଟି କୋଟି ଟଙ୍କାର ପୁନରୁଦ୍ଧାର କାର୍ଯ୍ୟ ପାଣିରେ ପଡ଼ିଲା**



ଅଂଶ ଅନେକ ପ୍ରଭାବିତ ହେଉଛି। ପଡ଼ୋଶୀ କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକରୁ ରେବ ନଦୀର ଉତ୍ପତ୍ତିସ୍ଥଳ ହୋଇଥିବା ବେଳେ ଏହା ଭଣ୍ଡାରିପୋଖରୀ ବ୍ଲକର ନାଆମୀ, ସାନଶାସନ, ନଗୁଆଁ, ପାଟୁଳି, ନିର୍ଗୁଣ୍ଡି, ଜଳମଣ୍ଡୁଆ ଅତିକ୍ରମ କରି ଧାମନଗର ବ୍ଲକ ଅଞ୍ଚଳକୁ ପ୍ରବେଶ କରିଛି। ଅନୁରୂପ ଭାବେ କପାଳୀ ନଦୀ ମଧ୍ୟ କେନ୍ଦୁଝର ଜିଲ୍ଲାରୁ ସୃଷ୍ଟି ହୋଇ ବନ୍ତ ବ୍ଲକର ରାମଚନ୍ଦ୍ରପୁର, ଛୟାଳସିଂ, ଗଣିଜାଙ୍ଗ, ରାମକୃଷ୍ଣପୁର ପଞ୍ଚାୟତ ଦେଇ ଭଣ୍ଡାରିପୋଖରୀ ବ୍ଲକର ବିଷ୍ଣୁପୁର ପଞ୍ଚାୟତ ଅତିକ୍ରମ କରି ଧାମନଗର ଅଭିମୁଖେ ଯାଇଛି। ନଦୀ ଦୁଇଟିର କୌଣସି ସୁରକ୍ଷା ବନ୍ଧ ନଥିବା ବେଳେ ବର୍ଷା ଚାରିମାସ ଏହା ଭୟଙ୍କର ରୂପ ଧାରଣ କରିଥାଏ। ବର୍ଷା ଦିନକୁ ଦୁଇଦିନ ଜାରି ରହିଲେ ଗ୍ରାମ୍ୟ କ୍ଷୁଦ୍ର ନଈ ଭୟଙ୍କର ରୂପ ଧାରଣ କରେ। କୂଳଲଙ୍ଘି ଜନବସତି ଓ ଚାଷ ଜମି ଆଡକୁ ମଧ୍ୟ ମାଡ଼ିଯାଏ। ଏହାଦ୍ୱାରା ହଜାର ହଜାର ହେକ୍ଟର ଚାଷ ଜମି ପ୍ରତ୍ୟକ ବର୍ଷ କ୍ଷତିଗ୍ରସ୍ତ ହେଉଥିବା ବେଳେ ଅନେକ ଗ୍ରାମ୍ୟ ରାସ୍ତା ନଷ୍ଟ ହୋଇଥାଏ। ୧୦-୧୫ ବର୍ଷ ପୂର୍ବରୁ କପାଳୀ ଓ ରେବ ନଦୀ ପୁନରୁଦ୍ଧାର ଯୋଜନାରେ କୋଟିକୋଟି ଟଙ୍କା ବ୍ୟୟ ହୋଇଥିଲେ ସୁଦ୍ଧା ଏଥିରେ ସଠିକ କାର୍ଯ୍ୟ ହୋଇ ପାରି ନଥିଲା। ନଦୀର କେତେକ ଅଂଶରେ କିଛି କଳମ ବଣ ଓ ଗୁଳ୍ମଲତା ସଫା ଭିତରେ ପୁନରୁଦ୍ଧାର କାମ ସୀମିତ ରହିଗଲା। ଜନବସତି ଓ ଚାଷଜମି ଅଞ୍ଚଳରେ ବନ୍ଧ ନିର୍ମାଣ ହୋଇପାରିଲା ନାହିଁ। ଏହାଛଡା ନଦୀ ଗର୍ଭରୁ ଠିକ୍ ଭାବେ ମାଟି ଉତ୍ତୋଳନ ସହ ଏହାର ପ୍ରଶସ୍ତୀକରଣ କାର୍ଯ୍ୟ ମଧ୍ୟ ସଠିକ ଢଙ୍ଗରେ ହେଲା ନାହିଁ। ନଦୀର ଅବସ୍ଥା ଯଥା ପୂର୍ବଂ ତଥା ପରଂ ହୋଇ ରହିଗଲା। ପରବର୍ତ୍ତୀ ସମୟରେ ନଦୀ ସଂଯୋଗୀ କରଣ ଯୋଜନାରେ ଏହାର ପୁନରୁଦ୍ଧାର ପାଇଁ ବାରମ୍ବାର ପ୍ରଶାସନ ପକ୍ଷରୁ ବୈଠକ ଡକାଯାଇଥିଲେ ସୁଦ୍ଧା ଏଯାଏଁ କୌଣସି ନିଷ୍ପତ୍ତି ହୋଇପାରୁନାହିଁ। କେବେ ଏହି ସ୍ଥିତିରେ ପରିବର୍ତ୍ତନ ହେବ ଏବଂ ରେବ-କପାଳୀ ନଦୀଦ୍ୱୟ ଅଞ୍ଚଳବାସୀଙ୍କ ପାଇଁ ସୁଖମୟ ହେବ ତାକୁ ନେଇ ଅନିଶ୍ଚିତତା ଓ ଆଶଙ୍କା ଲାଗି ରହିଛି।

### ସେମାନେ ଯାହା କହନ୍ତି...



୨୦୧୪-୧୫ରେ ଗୋପାଳପୁରଠାରୁ ଆଦମପୁର କପାଳୀ ପୋଲ ନଳାଙ୍ଗ କୋର୍ଟ ଯାଏଁ କିଛି ଅଂଶ ନଦୀ ସଫେଇ ହୋଇଥିଲା। ଏଥିରେ କୋଟି କୋଟି ଟଙ୍କା ଆତ୍ମସାତ ଅଭିଯୋଗ ମଧ୍ୟ ହୋଇଥିଲା। ସେ ଯାହାବି ହେଉ ସମ୍ପୂର୍ଣ୍ଣ ପୁନରୁଦ୍ଧାର ବିନା କପାଳୀ ଏଯାଏଁ ନଦୀର ରୂପ ନେଇନାହିଁ।

**- ଅମୂଲ୍ୟ ନାୟକ, ସରପଞ୍ଚ, ବିଷ୍ଣୁପୁର ପଞ୍ଚାୟତ**



ବର୍ଷା ଅତ୍ୟଧିକ ହେଲେ ରେବ ନଦୀ ପାଣିରେ ଆମ ପଞ୍ଚାୟତର ପାଟୁଳି, ଯୋରାଗଡିଆ, ପାଳସାହି ପ୍ରଭୃତି ଗାଁ ବିଶେଷ ପ୍ରଭାବିତ ହୋଇଥାଏ। ଚାଷ ଜମି ସମେତ ସାହି ରାସ୍ତା ଘାଟ ଜଳମଗ୍ନ ହୁଏ। ଏବେ ନଦୀ ପୁନରୁଦ୍ଧାର ଜରୁରୀ ହୋଇଛି।

**- ଅନୀତା ରାଉତ, ସରପଞ୍ଚ, ପାଟୁଳି ପଞ୍ଚାୟତ**



ବ୍ରିଟିଶ ଅମଳର ରେବ ସାଇଫନ ନବନିର୍ମିତ ହେବା ସହ ନଦୀ ସଫେଇ କାର୍ଯ୍ୟ ତୁରନ୍ତ ଆରମ୍ଭ ହେବା ଉଚିତ। ସଂକୀର୍ଣ୍ଣ ଜଳ ନିଷ୍କାସନ ପଥ ଯୋଗୁଁ ବର୍ଷା ଦିନେ ନଦୀ ପାର୍ଶ୍ୱବର୍ତ୍ତୀ ଗାଁ ଓ ଚାଷଜମି କ୍ଷତିଗ୍ରସ୍ତ ହେଉଛି। ଏହାଉପରେ ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦିଅନ୍ତୁ।

**- ପ୍ରତାପଚନ୍ଦ୍ର ଦ୍ୱିବେଦୀ, ସମିତିସଭ୍ୟ, ନଗୁଆଁ ପଞ୍ଚାୟତ**

ସକାଳ THE SAKALA



www.sakalaepaper.com

## ଟ୍ରାକ୍ଟରରୁ ଖସି ପଡ଼ି ଚାଳକଙ୍କ ମୃତ୍ୟୁ

ତୁରୁମୁଙ୍ଗା, ୧୫।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ବଳଭଦ୍ରପୁର ଗ୍ରାମ ରାସ୍ତାରେ ଏକ ବୋଇତାଲୁ ବୋଝେଇ ଟ୍ରାକଟର ଚାପାରେ ଡ୍ରାଇଭରଙ୍କ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି । ମୃତକ ହେଲେ ପାଟଣା ଥାନା ତୋଣ୍ଡ ଗ୍ରାମର ରାଉତ ମୁଣ୍ଡାଙ୍କ ପୁଅ ସୁନିଆ (୩୪) । ସୁନିଆ ଶୁକ୍ରବାର ଟ୍ରାକ୍ଟର ଯୋଗେ ବୋଇତାଲୁ ଲୋଡ କରି ଯାଉଥିବା ସମୟରେ କୌଣସି କାରଣରୁ ସିଟରୁ ଖସି ପଡ଼ିଥିଲେ । ଫଳରେ ତାଙ୍କ ଉପରେ ମଝି ଚକ ଚଢ଼ି ଯାଇଥିଲା । ସାହାରପଡ଼ା ଫାଣ୍ଡି ଅଧିକାରୀ ପାର୍ଥ ଓରାମ ଶନିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଜାରି ରଖିଛନ୍ତି ।

## ବେକରେ ଓଢଣୀ ଲଗାଇ ନାବାଳିକାଙ୍କ ଆତ୍ମହତ୍ୟା

ବଡ଼ସାହି,୧୫ ।୧୧(ସମିସ): ବଡ଼ସାହି ଥାନା ଅଧୀନ କୋଚିଲାଖୁଣ୍ଟା ଗ୍ରାମରେ ନିଜ ମାମୁଁ ଘରେ ରହି ଆସୁଥିବା ଜଣେ ନାବାଳିକା ଶନିବାର ଫାଶୀଦେଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ପରେ ପରିବାର ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ; ହେଲେ ଡାକ୍ତର ମୃତ ଘୋଷଣା କରିଛନ୍ତି । ଏ ସଂକ୍ରାନ୍ତରେ ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ଶନିବାର ସକାଳେ ମାମୁଘର ଲୋକେ ନିଜନିଜ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ନାବାଳିକ ଜଣକ ଘର ଭିତରେ ଓଢଣୀ ସହାୟତାରେ ଫାଶୀଦେଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଘରକୁ ଫେରି ତାଙ୍କ ଅଜା ଦେଖିବାପରେ ଆଖପାଖ ଲୋକଙ୍କୁ ଡାକି ବନ୍ଦ କୋଠରୀ ଭିତରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ଡାକ୍ତରଖାନା ନେଇଥିଲେ; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ ।

## ପିତାମାତା ସହଭାଗିତା କାର୍ଯ୍ୟକ୍ରମ



ବଡସାହି,୧୫।୧୧(ସମିସ): ବଡସାହି ବ୍ଲକ ଅଧୀନ କୋଚିଲାଖୁଣ୍ଟା ପଞ୍ଚାୟତ ବାଗୁଲି ଆଶ୍ରମ ବିଦ୍ୟାଳୟରେ ଜନଜାତି ଗୌରବ ଦିବସ ଅବସରରେ ଏକ ପିତାମାତା ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ କୋଚିଲାଖୁଣ୍ଟା ସରପଞ୍ଚ ତପୋଇ ସିଂ, ସମିତି ସଭ୍ୟ ରାମଚନ୍ଦ୍ର ନାଏକ, ଶିକ୍ଷା କମିଟିର ଉପସଭାପତି ଓ ବିଭିନ୍ନ ଲାଇନ ବିଭାଗ ଯଥା କୃଷି, ସ୍ୱାସ୍ଥ୍ୟ, ପଶୁ ସମ୍ପଦ, ମିଶନ ଶକ୍ତିର ଅଧିକାରୀ ଉପସ୍ଥିତ ହୋଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଶିକ୍ଷକ ନାରାୟଣ ନାୟକ, ଶିକ୍ଷୟିତ୍ରୀ ରଂଜିତା ଜେନା, ଲିଲିମା ମଣ୍ଡଳ ପ୍ରମୁଖ ବିଦ୍ୟାଳୟର ସୁରକ୍ଷା ଓ ନିରାପତା, ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ଓ ଜୀବନ କୋ÷ଶଳ ଶିକ୍ଷା ଉପରେ ଆଲୋକପାତ କରିଥିଲେ । ସପ୍ତମ ଶ୍ରେଣୀର ଛାତ୍ରୀ ଇନ୍ଦୁ ନାଏକ ଓ ସ୍ମୃତିରେଖା ନାଏକଙ୍କ ନେତୃତ୍ୱରେ ଛାତ୍ରୀମାନେ ଆକାର୍ଷଣୀୟ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷକ ଲୁଗୁ ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳିତ



ଶରତ,୧୫।୧୧(ସମିସ): ଶନିବାର ଶରତଠାରେବୀର ବିର୍ସା ମୁଣ୍ଡା ସ୍ମୃତି କମିଟି ପକ୍ଷରୁ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଛି । ରାଣୀପୋଖରୀ ଗ୍ରାମ ପଞ୍ଚାୟତର ସରପଞ୍ଚ ପୂର୍ବତନ ସରପଞ୍ଚ ତଥା ସାମାଜିକକର୍ମୀ ମାର୍କଣ୍ଡ ହେମ୍ବ୍ରମଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ କପ୍ତିପଦା ବ୍ଲକ ଅଧ୍ୟକ୍ଷ ସଙ୍ଗା ପାଳିଆ, ଶରତ ପୂର୍ବତନ ସରପଞ୍ଚ ଚୈତନ୍ୟ ପ୍ରସାଦ ସୋରେନ, ବର୍ତ୍ତମାନର ଶରତ ସରପଞ୍ଚ ପଦ୍ମାବତୀ ସିଂ, ଗାମାଏ ରୀମିଲ ଗୋଇପାଇ, ସମାଜସେବୀ ଲାଦୁରା ହାଇବୁରୁ ପ୍ରମୁଖ ଉପସ୍ଥିତ ରହି ଶହୀଦ ବିର୍ସା ମୁଣ୍ଡାଙ୍କ ଜୀବନୀ ଏବଂ ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଭୂମିକା ସମ୍ପର୍କରେ ଅଭିଭାଷଣ ରଖିଥିଲେ । ଶେଷରେ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା ।

### ଅନିଶ୍ଚିତତା ମଧ୍ୟରେ ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର

# ରାଜନୈତିକ ଅଭିସନ୍ଧି ପାଇଁ ଯୋଜନା ଦିଗହରା









- ପୂର୍ବ ସରକାରଙ୍କ ଯୋଜନାକୁ ଆଗେଇ ନେବାକୁ କୁଣ୍ଠାବୋଧ
- ଉପଖଣ୍ଡର ବହୁ କେନ୍ଦ୍ରର କାମ ଅସମ୍ପୂର୍ଣ୍ଣ

ରାଇରଙ୍ଗପୁର,୧୫।୧୧(ସମିସ):

କୁନି କୁନି ଶିଶୁଙ୍କୁ ପ୍ରାକ ଶିକ୍ଷା ପ୍ରଦାନ କରୁଥିବା ବହୁ ଅଙ୍ଗନବାଡ଼ିକୁ ଆଦର୍ଶ କେନ୍ଦ୍ରଭାବେ ପରିଣତ କରାଯିବା ଯୋଜନା ଏବେ ଦିଗହରା ହୋଇଛି । ଏହା ପୂର୍ବ ସରକାରଙ୍କ ଯୋଜନା ହୋଇଥିବାରୁ ରାଜନୈତିକ ଅଭିସନ୍ଧି ରଖି ବର୍ତ୍ତମାନର ବିଜେପି ସରକାର ଏହାକୁ ଅଗ୍ରଗତି କରିବାରେ କୁଣ୍ଠାବୋଧ କରୁଛନ୍ତି । ଫଳରେ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ବାମନଘାଟି ଓ ପାଞ୍ଚପିଢ଼ ଉପଖଣ୍ଡରେ ଉନ୍ନତମାନର ପ୍ରାକ ଶିକ୍ଷା ପ୍ରଦାନ କରିବାରେ ବାଧକ ସାଜିଛି । ତତ୍କାଳୀନ ବିଜେଡି ସରକାର ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଶୁଙ୍କୁ ଖେଳକୁଦ ସମେତ ଗର୍ଭବତୀ, ପ୍ରସୂତିଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ପାଇଁ ବିଶେଷ ପଦକ୍ଷେପ ପାଇଁ ଅଙ୍ଗନବାଡ଼ି ଗୁଡିକ ଆଦର୍ଶ ଅଙ୍ଗନବାଡ଼ି ଭାବେ ପରିଣତ କରିବା ନେଇ ଯୋଜନା ଆରମ୍ଭ କରିଥିଲେ । ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ବାଡସି) ମୟୂରଭଞ୍ଜ ଜିଲ୍ଲାରେ ସହାୟତାରେ ରୂପାନ୍ତରିତ କରିବା ପାଇଁ ରୂପରେଖ ପ୍ରସ୍ତୁତ ହୋଇଥିଲା । ଗତ ୨୦୧୯ରେ ଜିଲ୍ଲାର ୮୨୬ଟି ଆଦର୍ଶ ଅଙ୍ଗନବାଡ଼ି ନିର୍ମାଣ ନିମନ୍ତେ ଓମ୍ବାଡସି ପକ୍ଷରୁ ୫୨୮ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଯେଉଁଥିରେ କି ଏହି ଦୁଇଟି ଉପଖଣ୍ଡ ପାଇଁ ୧୩୯ଟି ଆଦର୍ଶ ଅଙ୍ଗନବାଡ଼ି ରହିଛି । ଏହାର ନିର୍ମାଣ ପାଇଁ ୧୫ଲକ୍ଷ ଟଙ୍କା ବ୍ୟୟ ବରାଦ ରହିଥିଲା । ଏହାସହିତ ପୁରୁଣା ଅଙ୍ଗନବାଡ଼ି କେନ୍ଦ୍ରର ପାରିପାର୍ଶ୍ୱିକ ଉନ୍ନତିକରଣ କରିବା ପାଇଁ ୪ ଲକ୍ଷ ୫୦ ହଜାରରୁ ୭ ଲକ୍ଷ ୫୦ ହଜାର ପର୍ଯ୍ୟନ୍ତ ବ୍ୟୟବରାଦ ରହିଥିଲା । କୁନି କୁନି ପିଲାଙ୍କ ପ୍ରାକ୍ ବିଦ୍ୟାଳୟ ଶିକ୍ଷା, ଯତ୍ନ ଓ ପୋଷଣ ଲାଗି ଅଙ୍ଗନବାଡ଼ି କେନ୍ଦ୍ରରେ ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶରେ ଏହି କେନ୍ଦ୍ର ବିଶେଷ ସହାୟକ ହେବା ନେଇ ଯୋଜନା ହୋଇଥିଲା । ଗୋଟିଏ ଛାତ ତଳେ ଶ୍ରେଣୀ ଗୃହ, ରୋଷେଇ ଘର, ମମତା ଗୃହ, ଶୌଚାଳୟ ଓ ଖେଳ ପଡ଼ିଆ ଆଦି ରହିଥିଲା । ଏହାର କାନ୍ଥବାଡ଼ରେ ବିଭିନ୍ନ ସଂଖ୍ୟା, ବାର, ଫୁଲ, ଫଳ ଏବଂ ପଶୁପକ୍ଷୀଙ୍କ ରଙ୍ଗିନ ଚିତ୍ର ଅଙ୍କା ଯିବା ସହ ଖେଳ ଉପକରଣ ଓ ମନଲୋଭା ବହି ଆଦି ରହିଛି । ଯାହାକି ଶିଶୁକୁ ଆକୃଷ୍ଟ କରିବା ନେଇ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ଓମ୍ବାଡସି ପକ୍ଷରୁ ଗତ ୨୦୨୧-୨୨ରେ ୧୩୯ଟି ଜିଲ୍ଲାରେ ଆଦର୍ଶ ଅଙ୍ଗନବାଡ଼ି ନିମନ୍ତେ ଅର୍ଥ ମଞ୍ଜୁର ହୋଇଥିଲା । ଯାହାକୁ ନେଇ ସ୍ଥାନୀୟ ବ୍ଲକ ଜରିଆରେ କାର୍ଯ୍ୟ ଆରମ୍ଭ ହୋଇଥିଲା । ସେଥିମଧ୍ୟରୁ ୧୩୧ଟି କାର୍ଯ୍ୟ ସମ୍ପାଦନ ହୋଇଥିବା ବେଳେ ୩ଟି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ । ସାଧାରଣ ନିର୍ବାଚନ ପରଠୁ ନିର୍ମାଣ ଧିମା ଚାଲିଛି । ଏବେ ବିଜେପି ସରକାର ଆଉ ମନ ଦେଉନାହିଁ । ଫଳରେ ଦ୍ୱିତୀୟ ପର୍ଯ୍ୟାୟର ଅର୍ଥ ମଞ୍ଜୁର କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବାରମ୍ବାର ବିଭାଗକୁ ପତ୍ର ଲେଖୁଥିଲେ ସୁଦ୍ଧା ତାହା ହେଉନାହିଁ । ବର୍ତ୍ତମାନ ସମୟରେ ସିମେଣ୍ଟ, ବାଲି, ଚିପ୍ସ ଆଦି ଦରଦାମ ଆକାଶ ଛୁଆଁ ହୋଇଛି । ଯାହାକୁ ନେଇ ପୁରୁଣା ୧୫ଲକ୍ଷରେ ରୂପରେଖ ଅନୁଯାୟୀ ଆଦର୍ଶ ଅଙ୍ଗନବାଡ଼ି କରିବା ବାଧକ ସାଜିଛି । ତେଣୁକରି ଏହାକୁ ବୃଦ୍ଧି କରି ୨୫ ଲକ୍ଷ ୫୦ହଜାର କରିବା ପାଇଁ ବିଭାଗକୁ ଅବଗତ କରାଯାଇଛି; ହେଲେ ରାଜନୈତିକ ଅଭିସନ୍ଧି ରଖି ବର୍ତ୍ତମାନର ବିଜେପି ସରକାର ଅବଶିଷ୍ଟ ଆଦର୍ଶ ଅଙ୍ଗନବାଡ଼ି ନିର୍ମାଣ ନିମନ୍ତେ କୁଣ୍ଠାବୋଧ କରୁଛନ୍ତି । ଫଳରେ କୁନି କୁନି ଶିଶୁଙ୍କୁ ମୂଲ୍ୟବୋଧ ଶିକ୍ଷା ପ୍ରଦାନ କରିବାରେ ବାଧକ ସୃଷ୍ଟି କରିଛି । ବହଳଦାରେ ୧୨ଟି ଅଙ୍ଗନବାଡ଼ି ଥିବା ବେଳେ ୧୦ଟି ସରିଛି ଏବଂ ୨ଟି ଜମାରୁ କାର୍ଯ୍ୟ ଆରମ୍ଭ ହୋଇନାହିଁ । ସେହିପରି ବିଜତଳାରେ ୨୭ଟି ଅଙ୍ଗନବାଡ଼ି ମଧ୍ୟରୁ ୨୪ଟି ଶେଷ ୨ଟି କାର୍ଯ୍ୟ ଜାରି ଥିବା ବେଳେ ୧ଟି ଆରମ୍ଭ ହୋଇନାହିଁ । ଯଶିପୁରରେ ୨୯ଟି ଅଙ୍ଗନବାଡ଼ି ଥିବା ବେଳେ ୨୮ ଟି ଶେଷ ହୋଇଥିବା ବେଳେ ଗୋଟିଏ କାର୍ଯ୍ୟ ଜାରି ରହିଛି । କୁସୁମୀରେ ୬ଟି ଅଙ୍ଗନବାଡ଼ି ଥିବା ବେଳେ ୫ଟି ଶେଷ ହୋଇଥିବା ବେଳେ ଗୋଟିଏ କାର୍ଯ୍ୟ ଜାରି ରହିଛି । ସେହିପରି ରାଇରଙ୍ଗପୁରରେ ୧୨ଟି ଅଙ୍ଗନବାଡ଼ି ଥିବା ବେଳେ ୧୧ଟି ଶେଷ ହୋଇଥିବା ବେଳେ ଗୋଟିଏ କାର୍ଯ୍ୟ ଜାରି ରହିଛି । ଠାକୁରମୁଣ୍ଡା ବ୍ଲକରେ ୧୦ଟି ଅଙ୍ଗନବାଡ଼ି ଥିବା ବେଳେ ୯ଟି ଶେଷ ହୋଇଥିବା ବେଳେ ଗୋଟିଏ କାର୍ଯ୍ୟ ଜାରି ରହିଛି । ବିଶୋଇ, ଜାମଦା, କରଞ୍ଜିଆ, କରଞ୍ଜିଆ ଏନଏସି, ରାଇରଙ୍ଗପୁର ପୌରପାଳିକା, ରରୁଆଁ, ଶୁକ୍ରୁଲି ଓ ତିରିଂରେ ଯଥାକ୍ରମେ ୧୦, ୩, ୪, ୯, ୨, ୧୧, ୩ ଓ ୧ ଥିବା ବେଳେ ତାହା ସମ୍ପୂର୍ଣ୍ଣ ହୋଇଛି । ନୂତନ ଢାଞ୍ଚାର ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର ପିଲାଙ୍କୁ ଅଧିକ ଆକର୍ଷିତ କରିବା ସହ ବିଭିନ୍ନ ସର୍ଜନାତ୍ମକ କାର୍ଯ୍ୟକଳାପ ମାଧ୍ୟମରେ ଶାରୀରିକ ଓ ବୌଦ୍ଧିକ ବିକାଶରେ ବିଶେଷ ସହାୟକ ହେବ । ତେଣୁକରି ଏହାକୁ ସମ୍ପୂର୍ଣ୍ଣ କରିବା ନେଇ ସରକାରୀ ସ୍ତରରେ ମନୋନିବେଶ କରିବାର ନିହାତି ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି ।

## ଅନଲାଇନ ଆବେଦନକୁ ଭିନ୍ନକ୍ଷମ ମଞ୍ଚର ବିରୋଧ

ଗୋପବନ୍ଧୁନଗର/ଉଦଳା,୧୫।୧୧(ସମିସ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତିକରଣ ବିଭାଗ ତରଫରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହେଉଛି । ଅନଲାଇନ ଆବେଦନକୁ ବାଧ୍ୟତା ମୂଳକ କରାଯାଇଥିବାରୁ ଭିନ୍ନକ୍ଷମ ମଞ୍ଚ ବିରୋଧ କରୁଛି । ବହୁ ଭିନ୍ନକ୍ଷମ ଅନଲାଇନ ଆବେଦନ କିପରି କରାଯାଏ ଜାଣିନଥିବାରୁ ସେମାନଙ୍କ ପାଇଁ ଅଫଲାଇନ ବ୍ୟବସ୍ଥା କରାଯାଉ ବୋଲି ମଞ୍ଚ ଦାବି କରିଛି । କପ୍ତିପଦା ଭିନ୍ନକ୍ଷମ ମଞ୍ଚର ସଭାପତି ମନୋରଂଜନ ଜେନା କହିଛନ୍ତି ଯେ, ବହୁ ଭିନ୍ନକ୍ଷମ ଅନଲାଇନ ବ୍ୟବସ୍ଥା ଦ୍ୱାରା ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେବେ । ଏହାବ୍ୟତୀତ କିଛି ଭିନ୍ନକ୍ଷମଙ୍କ ଆଖି ଓ ଆଙ୍ଗୁଳି ଟିପ ଚିହ୍ନର ଫଟୋ ନିଆଯାଇପାରୁ ନଥିବାରୁ ସେମାନଙ୍କର ଆଧାରକାଡର୍ ହୋଇପାରୁନାହିଁ । ଏହି ଭିନ୍ନକ୍ଷମ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣ ସେମାନଙ୍କ କଥା ମଧ୍ୟ ବିଚାରକୁ ନିଆଯାଉ ବୋଲି ମନୋରଂଜନ ନିବେଦନ କରିଛନ୍ତି ।

## ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲ ଉଦ୍‌ଘାଟିତ



ତୁରୁମୁଙ୍ଗା, ୧୫।୧୧(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଉଦୟପୁରସ୍ଥିତ ଏକଲବ୍ୟ ମୋଡେଲ ଆବାସିକ ସ୍କୁଲ ଶନିବାର ଉଦଘାଟିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟ ନର୍ମଦା ଦେଡିପଡାଠାରୁ ଆଭାସୀ ମାଧ୍ୟମରେ ଏହି ସ୍କୁଲକୁ ଉଦଘାଟନ କରିଥିବା ବେଳେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏହି ସ୍କୁଲ ଦ୍ୱାରା ସ୍ଥାନୀୟ ଅଞ୍ଚଳ ବିକାଶ ସହ ଯୋଡି ହେବା ସହିତ ଆଦିବାସୀ ଛାତ୍ରଛାତ୍ରୀମାନେ ବିଶେଷ ଉପକୃତ ହୋଇପାରିବେ ବୋଲି ବିଧାୟକ କହିଥିଲେ । ସମ୍ମାନିତ ଅତିଥି ଭାବେ ଚମ୍ପୁଆ ପିଏଆଟିଡିଏ ରାମକୃଷ୍ଣ ଗଣ୍ଡ, ସାହାରପଡା ବିଡିଓ ରଣଜିତ କୁମାର ମହାନ୍ତ ଯୋଗ ଦେଇଥିଲେ । ସମାଜସେବୀ ରାଜେଶ କୁମାର ମହାନ୍ତ ଓ ସ୍ଥାନୀୟ ସ୍ଥାନୀୟ ଅଧିବାସଙ୍କ ସହ ବହୁ ସରକାରୀ ଅଧିକାରୀ ଉପସ୍ଥିତ ଥିବା ବେଳେ ସାହାରପଡା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପୂର୍ବସା ପ୍ରିୟଦର୍ଶିନୀ ପାତ୍ର କାର୍ଯ୍ୟକ୍ରମ ପରିଚଳନା କରିଥିଲେ ।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ, ୧ ଗୁରୁତର

ବାଲିବନ୍ଧ, ୧୫।୧୧(ସମିସ): ଝୁମ୍ପୁରା ବ୍ଲକ ବାରିଆ ଥାନା ଅନ୍ତର୍ଗତ ମଣ୍ଡମା ନିକଟରେ ଅଜଣା ଗାଡ଼ି ବାଇକକୁ ଧକ୍କା ଦେବା ଫଳରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି । ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ, ଧନୁର୍ଜୟପୁର ପଞ୍ଚାୟତ ହରିପଶି ଗ୍ରାମର ଆଶିଷ ବେହେରା ଓ ଶାନ୍ତନୁ କୁମାର ମହାନ୍ତ ବଡ଼ବିଲଠାରେ ରହିଥିବା ରୁଙ୍ଗଟା ମାଇନ୍ସରେ କାର୍ଯ୍ୟ କରନ୍ତି । ଗ୍ରାମକୁ ଫେରୁଥିବା ସମୟରେ ମଣ୍ଡମା ନିକଟରେ ଏକ ଅଜଣା ଗାଡି ବାଇକକୁ ଧକ୍କା ଦେଇଥିଲା । ବାରିଆ ଥାନା ଏଏସଆଇ ସୁରଥ ଦେହୁରୀ ଯାଉଥିବା ସମୟରେ ଆହତଙ୍କୁ ଉଦ୍ଧାର କରି ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଆଶିଷ ବେହେରା (୨୮)ଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଶାନ୍ତନୁ ମହାନ୍ତ (୧୯)ଙ୍କୁ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାଯାଇଛି । ବାରିଆ ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି ।

## ପୁଲିସ ଚଢ଼ଉ; ୫୫ ଗୋରୁ ଉଦ୍ଧାର



ଆନନ୍ଦପୁର, ୧୫।୧୧(ସମିସ): କେନ୍ଦୁଝର ପୁଲିସର ଏକ ସ୍ପେସାଲ ସ୍କ୍ୱାଡ୍ ଚଢଉ କରି ୫୫ ଗୋରୁ ଉଦ୍ଧାର କରିଥିବା ବେଳେ ସମ୍ପୃକ୍ତ ଘଟଣାରେ ୩ ଅଟକ ଥିବା ଜଣାପଡ଼ିଛି । ଗୋଟିଏ ପିକଅପ୍ ଜବତ ହୋଇଛି । ଆନନ୍ଦପୁର ଅଞ୍ଚଳରୁ ନିୟମିତ ଭାବେ ବେଆଇନ୍ ଗୋ-ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ପରେ ଶନିବାର ଭୋର୍‌ରେ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢଉ କରିଥିଲେ । ଶାଳବଣି ଛକରୁ ମୟୂରଭଞ୍ଜ ଯିବା ରାସ୍ତାର ବାରୁଆଁ ଛକ ନିକଟରୁ ଏକ ଗୋରୁ ବୋଝେଇ ପିକଅପ୍‌କୁ ଜବତ କରାଯିବା ବେଳେ ୩ଜଣ ଖସି ପଳାଇଥଲେ । ପରେ ଗାଡ଼ି ଡ୍ରାଇଭର ଓ ୨ ଗୋରୁ ବେପାରୀଙ୍କୁ ଅଟକ ରଖିଛି ପୁଲିସ୍ । ଫକିରପୁର ହାଟ ବୈତରଣୀ ନଦୀବନ୍ଧ ନିକଟ ପାଦୁଖାଇଠାରେ ଚଢଉ କରାଯାଇଥିଲା ।

## ସପ୍ତାହେ ହେଲା ନାବାଳକ ନିଖୋଜ



ତେଲକୋଇ, ୧୫।୧୧(ସମିସ): ତେଲକୋଇ ଥାନା କୁଲଙ୍ଗ ଗ୍ରାମର ଭକ୍ତବନ୍ଧୁ ପାତ୍ରଙ୍କ ନାବାଳକ ପୁଅ ବିଶ୍ୱରଞ୍ଜନ ପାତ୍ର(୧୪) ସପ୍ତାହେ ହେବ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି । ବିଶ୍ୱ ରଞ୍ଜନ ଗତ ୧୦ ତାରିଖ ସକାଳୁ ବସ ଯୋଗେ କାମାକ୍ଷାନଗର ଆସିବା ପରେ ସେଠାରୁ ବିଭିନ୍ନ ବସ ଯୋଗେ କଟକ ବାଦାମବାଡ଼ି ବସଷ୍ଟାଣ୍ଡରେ ସନ୍ଧ୍ୟା ସମୟରେ ପହଞ୍ଚିଥିଲେ । ସନ୍ଧ୍ୟା ୭ରୁ କେଉଁଆଡେ ନିଖୋଜ ଥିବା ଜଣାପଡିଛି । ପରିବାର ଲୋକ ଗତ ୧୨ ତାରିଖ ସ୍ଥାନୀୟ ବାଦାମବାଡ଼ି ଥାନାରେ ପୁଅର ନିଖୋଜ ସମ୍ବନ୍ଧୀୟ ଅଭିଯୋଗ ଦାୟର କରିଛନ୍ତି । ପୁଲିସ୍ ବିଭିନ୍ନ ସିସି କ୍ୟାମେରା ଫୁଟେଜକୁ ଯାଞ୍ଚ କରି ନାବାଳକ କେଉଁ କେଉଁ ବସ ଯୋଗେ ବାଦାମବାଡି ପହଞ୍ଚିଛି ତାହା ଜାଣିବାକୁ ପାଇଛି । ମାତ୍ର ଅଭିଯୋଗକୁ ୪ ଦିନ ବିତି ଯାଇଥିଲେ ସୁଦ୍ଧା କୌଣସି ପତ୍ତା ପାଇପାରିନାହିଁ ବାଦାମବାଡି ପୁଲିସ । ଯାହାକୁ ନେଇ ପରିବାର ଲୋକ ଦୁଃଖରେ ଭାଙ୍ଗି ପଡିଛନ୍ତି ।

## ଖଣି ବିଭାଗର ଚଢ଼ଉ; ଜେସିବି, ହାଇୱା ଜବତ

ଆନନ୍ଦପୁର, ୧୫।୧୧ (ସମିସ): ବେଆଇନ୍ ବାଲି ଚାଲାଣ ସମୟରେ ଖଣି ବିଭାଗ ଚଢ଼ଉ କରି ଗୋଟିଏ ଜେସିବି ମେସିନ୍ ଓ ବାଲି ବୋଝେଇ ହାଇୱା ଜବତ କରିଛି । କୁଶେଇ ନଦୀର ଭିଟିଶିରା ଘାଟରୁ ଘାଟରୁ ବେଆଇନ୍ ଭାବେ ବାଲି ଉତ୍ତୋଳନ କରି ଡମ୍ପ କରିବା ପରେ ଜେସିବି ମେସିନ୍‌ରେ ହାଇୱାରେ ଲୋଡ୍‌କରି ଚୋରାଚାଲାଣ ହେଉଥିଲା । କୈଣସି ସୂତ୍ରରୁ ଖବରପାଇ କେନ୍ଦୁଝର ଖଣି ବିଭାଗ ରାତିଅଧିଆ ଚଢ଼ଉ କରିବା ଫଳରେ ଗୋଟିଏ ଜେସିବି ମେସିନ୍ ସହ ବାଲି ବୋଝେଇ ହୋଇ ରହିଥିବା ଏକ ହାଇୱା ଗାଡ଼ିକୁ ଜବତ କରିଛି । ଜବତ ଗାଡ଼ିଗୁଡିକୁ ଘଷିପୁରା ଥାନାର ଜିମା ଦେଇ ଅଧିକ ତଦନ୍ତ ଚଳାଇଛି ଖଣି ବିଭାଗ ।

## ୫ ଡମ୍ପର, ୨ ଜେସିବି ଜବତ

ରାସଗୋବିନ୍ଦପୁର,୧୫।୧୧(ସମସ): ରାସଗୋବିନ୍ଦପୁର ତହସିଲ ଅଧୀନରେ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ମାଟି ଓ ମୋରମ୍ ଖନନ ହୋଇ ବାହାରକୁ ଚାଲାଣ ହେଉଛି । ବାଲେଶ୍ୱର ଜିଲ୍ଲାରେ ରେଳ ରାସ୍ତା କାମ ନିମନ୍ତେ ଏକ ଘରୋଇ କମ୍ପାନୀ ରାସଗୋବିନ୍ଦପୁର ତହସିଲ ଅଞ୍ଚଳରୁ ପରମିଟ ନେଇଥିଲେ; ହେଲେ ଗୋଟିଏ ପରମିଟରେ ଏକାଧିକ ବାର ବେଆଇନ ଭାବେ ମାଟି ମୋରମ୍ ଚୋରା ଚାଲାଣ କରୁଛନ୍ତି । ତେଣୁ ଆଜି ସକାଳେ ନାକିଚୁଆ ପଞ୍ଚାୟତ ଅଞ୍ଚଳରେ ଗୋଚର ଜମିରୁ ମାଟି ଖନନ ହୋଇ ଚାଲାଣ ହେଉଥିବାର ଖବର ପାଇ ଖଣି ଅଧିକାରୀ ରଞ୍ଜନ କୁମାର ବଡ଼ନାଏକଙ୍କ ନେତୃତ୍ୱରେ ପୁଲିସ ଚଢଉ କରି ପାଞ୍ଚଟି ଡମ୍ପର ଏବଂ ୨ଟି ଜେସିବିକୁ ଜବତ କରାଯାଇଛି ।

## ମୋବାଇଲ ବିସ୍ଫୋରଣରେ ଯୁବକ ଗୁରୁତର

ବାରିପଦା,୧୫ ।୧୧(ସମିସ): ମୋବାଇଲ ବିସ୍ଫୋରଣ ଘଟି ଝାଡଖଣ୍ଡର ପୂର୍ବ ସିଂହଭୂମର ଜାମବଣି ଗାଁର ବରୁଣ କୁମାର ସିଂଙ୍କ ପୁଅ ମଞ୍ଜିତ (୧୮) ଗୁରତର ହୋଇଛନ୍ତି । ତାଙ୍କୁ ଗୁରତର ଅବସ୍ଥାରେ ପିଆରଏମ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି । ମଞ୍ଜିତଙ୍କ ଡାହାଣ ହାତ ପାପୁଲିରେ ଗଭୀର କ୍ଷତ ହୋଇଛି । ତେବେ କେଉଁ ପରିସ୍ଥିତିରେ ଏହି ବିସ୍ଫୋରଣ ଘଟିଲା ତାହା ଏ ଯାଏ ଅସ୍ପଷ୍ଟ ରହିଛି ।

## ବିଦ୍ୟାଭବନ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଝୁମ୍ପୁରା, ୧୫।୧୧ (ସମିସ): ଝୁମ୍ପୁରା ବ୍ଲକ ବଡ଼ନେଉଳିସ୍ଥିତ ଖୁଦପଶିଠାରେ ଥିବା ବିଦ୍ୟାଭବନ ବିଦ୍ୟାଳୟର ୧୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରତିଷ୍ଠାତା ମଳୟ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ଗୋନାସିକା ଟ୍ରଷ୍ଟର ସଂପାଦକ ରାଜକିଶୋର ଖଟେଇ, ଇଂ ସୁରେଶଚନ୍ଦ୍ର ଖଟେଇ, ସମାଜସେବୀ ରାଜଲକ୍ଷ୍ମୀ ସ୍ୱାଇଁ, ସିନିୟର ଫଟୋଗ୍ରାଫର ଯୋଗେନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ସାହୁ, ବିଦ୍ୟା ନିକେତନର କାଉଁରୀକଳାର ସଂପାଦକ ଦୁର୍ଯ୍ୟୋଧନ ବାରିକ, ବିଦ୍ୟାଭବନର ସଂପାଦକ ଆଲୋକ ମିଶ୍ର, ରୋଟାରିଆନ ହରିହର ସାହୁ, ଅମରେନ୍ଦ୍ର ସାହୁ, ସାମାଜିକ କର୍ମୀ ଭୀମସେନ ମହାନ୍ତ, ହରିଶ୍ଚନ୍ଦ୍ର ମହାନ୍ତ, ଜେଠୁରାମ ମହାକୁଡ଼, ଗଜେନ୍ଦ୍ର ମାଝୀ ପ୍ରମୁଖ ଯୋଗଦାନ କରିଥିଲେ । ଚଳିତ ବର୍ଷ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର ଦେଇ ଉତ୍ସାହିତ କରାଯାଇଥିଲା । ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଉଚ୍ଚକୋଟୀର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।



## ପିଲାଙ୍କ ସହ ଶିକ୍ଷକଶିକ୍ଷୟିତ୍ରୀ ପିକ୍‌ନିକ୍‌ରେ; କର୍ତ୍ତୃପକ୍ଷ ଜଳକା

ତୁରୁମୁଙ୍ଗା, ୧୫।୧୧(ସମିସ):



### ଗ୍ରାମବାସୀଙ୍କ ପ୍ରତିବାଦ, କାର୍ଯ୍ୟାନୁଷ୍ଠାନ ଦାବି

କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ବାଇକଳାସ୍ଥିତ ମହାପାଟ ସରକାରୀ ଉଚ୍ଚବିଦ୍ୟାଳୟରେ ଶିକ୍ଷକମାନେ ସ୍କୁଲରୁ ଛୁଟି ନନେଇ ତଥା ବିଦ୍ୟାଳୟ ପରିଚାଳନା କମିଟି ଅଗୋଚରରେ ଏବଂ ଉପରିସ୍ଥ ଅଧିକାରୀଙ୍କୁ ନଜଣାଇ ପିଲାଙ୍କୁ ନେଇ ପିକନିକ ଯାଇଥିବା ସ୍ଥାନୀୟ ଅବିଭାବକ ତଥା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଶୁକ୍ରବାର ଶନିବାର ଦୁଇଦିନ କାର୍ଯ୍ୟ ଦିବସ ଥିବା ବେଳେ ମାତ୍ର ୨ ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କ ହାତରେ ସ୍କୁଲ ଛାଡି ୧୦ରୁ ଅଧିକ ଶିକ୍ଷକଶିକ୍ଷୟିତ୍ରୀ ଶୁକ୍ରବାରଠାରୁ ପିକନିକ ଯିବା ନେଇ ଗ୍ରାମବାସୀ ପ୍ରକାଶ କରିଛନ୍ତି । ପାଠପଢ଼ା ଦିନଗୁଡିକରେ ଛାତ୍ରଛାତ୍ରୀଙ୍କୁ ନିଆଯାଇଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିବାସହ ଏନେଇ ଶନିବାର ସ୍କୁଲ ସମ୍ମୁଖରେ ପ୍ରତିବାଦ କରିଥିଲେ । କୌଣସି ଅଘଟଣ ଘଟିଲେ କିଏ ଦାୟୀ ହେବେ ବୋଲି ଅଭିଭାବକ ଯତୀନ କୁମାର ନାଏକ ପ୍ରଶ୍ନ କରିଛନ୍ତି । ଏନେଇ ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶୈଳେନ୍ଦ୍ରି ମହାନ୍ତଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ । ସାହାରପଡା ଏବିଇଓ ଭାରତୀ ପୋହିଙ୍କ ପାଖରେ କୌଣସି ସୂଚନା ନଥିବା କହିବା ସହ ଅନୁଷ୍ଠାନ ତରଫରୁ କୌଣସି ଅନୁମତି ନିଆ ଯାଇ ନଥିବା କହିଥିଲେ । ଯଦି କୌଣସି ଅଭିଯୋଗ ଆସେ ତେବେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏନେଇ ଅବଗତ କରାଯିବ ବୋଲି ସେ କହିଛନ୍ତି । ଜିଲ୍ଲା ଶିକ୍ଷାଧିକାରୀ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକ ସଞ୍ଜୟ ନାଏକ ପୂର୍ଣ୍ଣଚନ୍ଦ୍ର ପାତ୍ର, ଡାକ୍ତର ପାତ୍ର, ରମାକାନ୍ତ ଖୁଣ୍ଟିଆ ଦାବି କରିଛନ୍ତି ।

## କେନ୍ଦ୍ରାପଡ଼ା ପୁଲିସକୁ ଆକ୍ରମଣ ଘଟଣାରେ ୩ ଗିରଫ, ଚଢ଼ଉ ଜାରି

ହାଟଡ଼ିହୀ,୧୫।୧୧(ସମିସ): ଏକ ଠକେଇ ମାମଲାରେ କେନ୍ଦ୍ରାପଡ଼ା ପୁଲିସ କେନ୍ଦୁଝର ଜିଲ୍ଲା ଶାଳଣିଆଁ ପଞ୍ଚାୟତ ଏଲକଣିଆ ଗ୍ରାମର ଯୋଗେନ୍ଦ୍ର ବେହେରାଙ୍କୁ ଗିରଫ କରି ନେଉଥିବା ବେଳେ ପୁଲିସକୁ ମାଡ଼ ମାରି ଅଭିଯୁକ୍ତଙ୍କୁ ଛଡ଼ାଇ ନେବା ଘଟଣାରେ ନନ୍ଦିପଦା ପୁଲିସ ୩ ଜଣଙ୍କୁ ଗିରଫ କରିଛି । ଏହି ଘଟଣାରେ କେନ୍ଦ୍ରାପଡା ସଦର ଥାନା ଇନ୍ସପେକ୍ଟର ବି.ବି.ସାହାଣୀଙ୍କ ଅଭିଯୋଗ ଆଧାରରେ ନନ୍ଦିପଦା ଥାନା କେସ ନଂ ୩୬୨/୨୫ରେ ଏକ ମାମଲା ରୁଜୁ କରାଯାଇ ଥିବାବେଳେ ଗତକାଲି ରାତିରେ କେନ୍ଦୁଝର ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା । ଆଜି ସୁଦ୍ଧା ଯୋଗେନ୍ଦ୍ରଙ୍କ ୨ଭାଇ ଓ ଜଣେ ସମର୍ଥକଙ୍କୁ ପୁଲିସ ଗିରଫ କରିଥିବା ନେଇ ଥାନା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି ସୂଚନା ଦେଇଛନ୍ତି । ଏହି ଘଟଣାରେ ୨୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଛି । ପୁଲିସକୁ ଆକ୍ରମଣ କରାଯାଇଥିବାରୁ କିପରି ଅଭିଯୁକ୍ତଙ୍କୁ ଧରାଯିବ ସେନେଇ ଦିନରାତି ଏକ କରି ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି । ପୁଲିସର ଏପରି ଚଢ଼ଉରେ ସନ୍ଧ୍ୟା ହେଲେ ଏଲକଣିଆ ଗାଁ ପୁରୁଷଶୂନ୍ୟ ହୋଇପଡୁଛି । ପୂର୍ବରୁ ଏଲକଣିଆ ଗାଁରେ ହୋଇଥିବା ଶିଶୁବଳି ସମୟରେ ପୁଲିସ ଉପରେ ଆକ୍ରମଣ ଘଟଣା ଲୋକଙ୍କ ମନରୁ ଲିଭି ନଥିବା ବେଳେ ବର୍ତ୍ତମାନର ପୁଲିସ ଉପରେ ଆକ୍ରମଣ ଗ୍ରାମବାସୀଙ୍କୁ ଭୟଭୀତ କରୁଛି ।

ଏଠାରେ ସୂଚନାଯୋଗ୍ୟ, ନନ୍ଦିପଦା ପୁଲିସ ସହାୟତାରେ ଗତ ଗୁରୁବାର ଶାଳଣିଆଁ ପଞ୍ଚାୟତ ଏଲକଣିଆ ଗ୍ରାମର ଯୋଗେନ୍ଦ୍ର ବେହେରାଙ୍କୁ ଗିରଫ କରିଥିଲା । ଅଭିଯୁକ୍ତକୁ ଧରି ରାତି ପ୍ରାୟ ସାଢ଼େ ୮ଟା ବେଳେ କେନ୍ଦ୍ରାପଡା ଅଭିମୁଖେ ବାହାରିଥିଲା । କିନ୍ତୁ ଅନ୍ୟତମ ଅଭିଯୁକ୍ତ ବରଦା ପ୍ରସନ୍ନ ନାୟକକୁ ଆଣିବାକୁ ଗେଡ଼ମା ପଞ୍ଚାୟତ ଜଳସରାପୁର ଗାଁକୁ ଯିବାବେଳେ ଚଷାଖଣ୍ଡ ନିକଟରେ କିଛି ଯୁବକ ସଂଘବଦ୍ଧ ଭାବେ କେନ୍ଦ୍ରାପଡା ପୁଲିସ ଟିମକୁ ଆକ୍ରମଣ କରି ଅଭିଯୁକ୍ତ ଯୋଗେନ୍ଦ୍ରଙ୍କୁ ଛଡାଇ ନେଇଥିଲେ । ଏଥିରେ କିଛି ପୁଲିସ ଆହତ ହୋଇଥିବା ଅଭିଯୋଗ ହୋଇଛି ।




# 'ଚକ୍ରାନ୍ତ'ର ପୋଷ୍ଟ ପ୍ରଡକ୍ସନ୍ କାମ ଶେଷ

ଲକ୍ଷେଶ୍ୱର ପ୍ରଡକ୍ସନ୍ ବ୍ୟାନରରେ ପ୍ରସ୍ତୁତ ତଥା ସୌରଭ ପାଢ଼ୀଙ୍କ ପ୍ରଯୋଜିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରାନ୍ତ'ର ପୋଷ୍ଟ ପ୍ରଡକ୍ସନ୍ ଶେଷ ହୋଇଛି। ଜାନୁଆରୀରେ ଶୁଭମୁକ୍ତି ପାଇଁ ପ୍ରସ୍ତୁତ ହୋଇସାରିଛି। ପ୍ରଥମଥର ପାଇଁ ଭୂମିକାଙ୍କ ସହିତ ନାୟକ ମଣ୍ଟୁ ନଜର ଆସୁଛନ୍ତି। ଏହି ସିନେମାର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର କାନ୍ଧେଇଛନ୍ତି ନିର୍ଦ୍ଦେଶକ ପିନୁ ନାୟକ। କାହାଣୀ ରଚନା କରିଛନ୍ତି ଦିଶା ପାଢ଼ୀ ଏବଂ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ। ଗୀତ ଡଃ ନିର୍ମଳ ନାୟକ ଏବଂ ଡଃ ରଘୁନାଥ ସାହୁ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର। ଚିତ୍ରତ୍ତୋଳନ ଦାୟିତ୍ୱରେ ସୁଦର୍ଶନ ସେନାପତି ଅଛନ୍ତି। କବିର ପ୍ରସାଦ ନୃତ୍ୟ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି। ନାୟକ ଶୁଭାଶିଷ ଶର୍ମା (ମଣ୍ଟୁ), ନାୟିକା ଭୂମିକା ଦାଶ, ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ଶୁଭମ ପାଢ଼ୀ, ସୁମନ ମହାନ୍ତି, କୁସୁମ ତ୍ରିପାଠୀ, ପ୍ରମୋଦ ରାଉତ, ତୁଷାର, ଉମାକାନ୍ତ, ନିରଞ୍ଜନ ନିରୁଆ, ପୁଣ୍ୟତୋୟା ମିଶ୍ର, କ୍ରିଷ୍ଟାରାଣୀ ଦାଶ ଏବଂ ଅତିଥି କଳାକାର ଭାବେ ଅଶ୍ରୁମୋଚନ ମହାନ୍ତି ପ୍ରମୁଖ କଳାକାର ଅଭିନୟ କରୁଛନ୍ତି। ରହସ୍ୟ ଓ ରୋମାନ୍ସରେ ଭରା ଏଇ ଫିଲ୍ମଟି ହେଉଛି ଗୋଟିଏ ସମ୍ପୂର୍ଣ୍ଣ ଏଣ୍ଟରଟେନମେଣ୍ଟ ପ୍ୟାକେଜ୍। ଏଥିରେ ଭରପୂର କମେଡି ମଧ ଅଛି। ଫ୍ୟାମିଲି ଡ୍ରାମା ସହ ଲଭ୍ ରୋମାନ୍ସ ଥିବା ବେଳେ, ଆମ ଓଡ଼ିଶାର ଦୋଳ ପର୍ବ ଅତି ଜାକଜମକରେ ଦେଖିବାକୁ ମିଳିବ।। ଏହି ଫିଲ୍ମ ରେ, ଗାଁ ପରିବେଶ ତଥା ଆମ ମାଟିର ବାସ୍ନା ଅନୁଭବ କରି ହେବ। ■

ପ୍ରଶଂସା ସାଉଁଟୁଛି ଅଭିଜିତ୍‌ଙ୍କ 'ସଜନା'

# ଅଭିନେତ୍ରୀ ସୂର୍ଯ୍ୟମୟୀଙ୍କ ପ୍ରଥମ ହିନ୍ଦୀ ଗୀତ



ରିଲିଜ୍ ହୋଇଛି ଓଡ଼ିଆ ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ ମିଶ୍ରଙ୍କ ଆଉ ଏକ ହିନ୍ଦୀ ମ୍ୟୁଜିକ୍ ଭିଡିଓ 'ସଜନା'। ଯାହା ଦର୍ଶକଙ୍କ ହୃଦୟ ଜିଣୁଥିବା ବେଳେ ୟୁଟ୍ୟୁବରେ ଖୁବ୍ ପ୍ରଶଂସା ସାଉଁଟୁଛି। 'ସଜନା' ଏକ ହୃଦୟସ୍ପର୍ଶୀ ହିନ୍ଦୀ ପପ୍-କ୍ଲାସିକାଲ୍ ଫ୍ୟୁଜନ୍। ସଂଗୀତରେ ସବୁବେଳେ ପରୀକ୍ଷା ନିରୀକ୍ଷାରେ ବିଶ୍ୱାସ କରୁଥିବା ଅଭିଜିତଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। 'ସଜନା' ଚିରନ୍ତନ ପ୍ରେମର ଚିର ସବୁଜ ପ୍ରତୀକ। ଯେଉଁଠି ଗୋଟେ ପ୍ରେମିକା ନିଜ ପ୍ରେମିକ ପାଇଁ ଅନ୍ତରର ଅଭିମାନକୁ ଭାଙ୍ଗି ଅତୀତର ସ୍ମୃତିକୁ ମନେପକାଇ ଆପଣାର ମନର ମଣିଷକୁ ଆମନ୍ତ୍ରଣ କରୁଛି। ଗୀତଟି ବିଚ୍ଛେଦର କୋମଳ ଯନ୍ତ୍ରଣାକୁ ପ୍ରତିଫଳିତ କରୁଥିବା ବେଳେ ନାୟିକାଙ୍କ ଆତ୍ମସଂଗୀତକୁ ଗାଇ ଶୁଣେଇଛନ୍ତି କଣ୍ଠଶିଳ୍ପୀ ଅଭିଜିତ ମିଶ୍ର। ଏହି ମ୍ୟୁଜିକ୍ ଭିଡିଓରେ ଓଲିଉଡ୍ ନାୟିକା ସୂର୍ଯ୍ୟମୟୀ ମହାପାତ୍ର ଅତି ନିଖୁଣ ଭାବେ ଅଭିନୟ କରିଛନ୍ତି। 'ସଜନା' ସୂର୍ଯ୍ୟମୟୀଙ୍କ ପ୍ରଥମ ହିନ୍ଦୀ ଗୀତ ହୋଇଥିବା ବେଳେ ଏହି ମ୍ୟୁଜିକ ଭିଡିଓ କରି ସେ ବେଶ୍ ଖୁସି ଥିବାବେଳେ ନୂଆ ଧାରା ସୃଷ୍ଟି କରିଛନ୍ତି। ତେବେ ସଜନାରେ ଅଭିଜିତ ମିଶ୍ର ଉଭୟ କଣ୍ଠଦାନ ସହ ସଙ୍ଗୀତ ନିର୍ଦ୍ଦେଶନାର ଭାର ସମ୍ଭାଳି ଥିବା ବେଳେ ରାଜକୁମାର ମାହାତୋ ଗୀତ ରଚନା କରିଛନ୍ତି। ୩୦୦ରୁ ଅଧିକ ଗୀତରେ ନିଜ ନିଆରା ଅନ୍ଦାଜ ପାଇଁ ଦର୍ଶକଙ୍କ ପ୍ରିୟ ପାଲଟିଥିବା ଅଭିଜିତ 'ସଜନା'କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ■



ଟେଲିଭିଜନ ପ୍ରିମିୟର

# 'ଗଙ୍ଗା, ଯମୁନା, ସରସ୍ୱତୀ'

ଆଜି ସନ୍ଧ୍ୟା ୬ଟା ୩୦ରେ ତରଙ୍ଗ ଟିଭିରେ ଟେଲିଭିଜନ ପ୍ରିମିୟର୍ ହେବ 'ଗଙ୍ଗା, ଯମୁନା, ସରସ୍ୱତୀ'। ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଶ୍ରଦ୍ଧା। ଶ୍ରଦ୍ଧା ଏଥିରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀ ତିନିଟି ଚରିତ୍ରରେ ଅଭିନୟ କରିଛନ୍ତି। ସିନେମାର ନିର୍ଦ୍ଦେଶନା, କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି ସଞ୍ଜୟ ନାୟକ। ପ୍ରଯୋଜନାରେ ଅଛନ୍ତି କ୍ଷୀରୋଦ ପଟ୍ଟନାୟକ। ସଂଗୀତରେ ସନ୍ଦୀପ ପଣ୍ଡା ଥିବା ବେଳେ ଗୀତ ରଚନା କରିଛନ୍ତି ନିର୍ମଳ ନାୟକ ଓ ସନ୍ଦୀପ। ସେହିପରି ସିନେମାଟିର ବିଭିନ୍ନ ଗୀତରେ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ, ଏସ୍. ଜିତୁ, ପାୟଲ ମହାନ୍ତି। ଶ୍ରଦ୍ଧାଙ୍କ ବ୍ୟତୀତ ସିନେମାରେ ଅଙ୍କିତ କୁମାର, ବିକ୍ରମ କେଶରୀ ମହାନ୍ତି, ରଶ୍ମି, ଜ୍ୟୋତି ପ୍ରକାଶ ପଣ୍ଡା, ଅଭିନବ ସିଂହ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ତେବେ ସିନେମାଟିକୁ ଦର୍ଶକେ ପସନ୍ଦ କରିବେ ବୋଲି ଏହାର ଟିମ୍ ଆଶାବାଦୀ ଅଛି। ■





# ମାଣବସା ଗୁରୁବାରରେ 'ଲକ୍ଷ୍ମୀପୁରାଣ'

ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକ ଚଳିତ ମାର୍ଗଶିର ମାସ ମାଣବସା ଗୁରୁବାରରେ ନେଇ ଆସିଛି ବଳରାମ ଦାସଙ୍କ ଅନନ୍ୟ କୃତି 'ଲକ୍ଷ୍ମୀ ପୁରାଣ'। ପ୍ରତିବର୍ଷ ପରି ଏ ବର୍ଷ ମଧ ଦର୍ଶକ ଏଥିରେ 'ଲକ୍ଷ୍ମୀ ପୁରାଣ' ପ୍ରତି ଗୁରୁବାର ଭୋର ୫ଟା, ସକାଳ ୭ଟା ଓ ଅପରାହ୍ନ ୪ଟା ସମୟରେ ଦେଖିବାର ସୁଯୋଗ ପାଇଛନ୍ତି। ଏଥିରେ ମୁଖ୍ୟ ଚରିତ୍ର ସହ ଲକ୍ଷ୍ମୀ ପୁରାଣକୁ ଆବୃତ୍ତି କରିଛନ୍ତି ଓଡ଼ିଆ ଦର୍ଶକଙ୍କର ଅତିପ୍ରିୟ ସ୍ମୃତିରେଖା, ଅନନ୍ୟା ଓ ଅଙ୍କିତା। ଆବୃତ୍ତି ସହିତ ଲକ୍ଷ୍ମୀ ପୁରାଣକୁ ଚିତ୍ର ଓ ଅଭିନୟ ମାଧ୍ୟମରେ ମଧ ଉପସ୍ଥାପନ କରାଯାଇଛି। ଏହି ବିଶେଷ କାର୍ଯ୍ୟକ୍ରମକୁ ଦେଖି ଆମ ସଂସ୍କୃତି ଓ ପରମ୍ପରା ସହିତ ଦର୍ଶକେ ଯୋଡ଼ି ହେବା ଆଶା କରାଯାଉଛି। ■

ପରଦା ପଛର କାହାଣୀ

# ରେକର୍ଡିଂ ପୂର୍ବରୁ ଗୀତର ସୁଟିଂ

ସାଧାରଣତଃ ଫିଲ୍ମ ଗୀତଗୁଡ଼ିକ ପ୍ରଥମେ ରେକର୍ଡିଂ କରାଯାଇଥାଏ। ତାପରେ ଗୀତ ଅନୁଯାୟୀ ଏହାର ଦୃଶ୍ୟ ସୁଟିଂ ହୋଇଥାଏ। କିନ୍ତୁ ଏଭଳି ଏକ ଗୀତ ରହିଛି, ଯାହାର ଗୀତ ରେକର୍ଡିଂ ପୂର୍ବରୁ ପ୍ରଥମେ ଦୃଶ୍ୟର ସୁଟିଂ ହୋଇଥିଲା। ଏହି ଗୀତଟି ଥିଲା 'ପଟାଖା ଗୁଡ୍ଡି'। ୧୧ ବର୍ଷ ତଳେ ଆସିଥିବା ଏହି ଗୀତ ରାତାରାତି ସୁପରହିଟ୍ ହୋଇଥିଲା। ୨୦୧୪ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ 'ହାଇୱେ'ର ଏହା ଏକ ଲୋକପ୍ରିୟ ଗୀତ। ଏହି ଗୀତକୁ ନୁରନ୍ ସିଷ୍ଟର୍ସ ଗାଇଥିଲେ। ଏହାର ମ୍ୟୁଜିକ୍ ଓ କମ୍ପୋଜିସନ୍ ଏଆର୍ ରେହମାନ୍ କରିଥିଲେ। ଗୀତକୁ ରଚନା କରିଥିଲେ ଇରଶାଦ୍ କାମିଲ। ଏହା ଫିଲ୍ମ ଇଣ୍ଡଷ୍ଟ୍ରୀର ପ୍ରଥମ ଗୀତ ଯାହା ରେକର୍ଡିଂ ପୂର୍ବରୁ ପ୍ରଥମେ ସୁଟିଂ ହୋଇଥିଲା। ଇମତିୟାଜ୍ ଅଲ୍ଲୀ ପ୍ରଥମେ ଏହି ଗୀତର ଭିଜୁଆଲ୍ ସୁଟ୍ କରିସାରିଥିଲେ। ସେ ଲୋକେସନ୍, ମୁଡ୍ ଓ ଚରିତ୍ର ଅନୁଯାୟୀ ସ୍ଥାନ ନିରୂପଣ କରିଥିଲେ। ପରେ ଏ.ଆର୍. ରେହମାନଙ୍କୁ ପ୍ରଶ୍ନ କରିଥିଲେ, ଗୀତ ପାଇଁ କେଉଁଭଳି ପରିବେଶ ଆବଶ୍ୟକ। ହିନ୍ଦୀ ସିନେମାରେ ଏପରି ଦୃଶ୍ୟ ଖୁବ୍ କମ୍ ଦେଖିବାକୁ ମିଳିଥାଏ। ଇମତିୟାଜ୍ ଅଲ୍ଲୀ ଗୀତରେ ବାସ୍ତବ ଯାତ୍ରା ଓ ନୂତନତ୍ୱର ଏକ ଝଲକ ଦେଖାଇବାକୁ ଚାହୁଁଥିଲେ। କେବଳ ସେତିକି ନୁହେଁ, ସୁଟିଂ ଯାଏଁ ଗୀତର ଧୂନ୍ ମଧ ଜଣା ନ ଥିଲା। କିନ୍ତୁ ସେ ଆଲିୟା ଓ ରଣଦୀପ ହୁଡ୍ଡାଙ୍କୁ ନେଇ ଏପରି ଦୃଶ୍ୟ ସୁଟ୍ କରିଥିଲେ, ଯେଉଁଥିରେ ସ୍ୱାଧୀନତା ଓ ବେଫିକର୍ ହୋଇ ବୁଲିବାର ଦିଶୁଥିଲେ। ପରବର୍ତ୍ତୀ ସମୟରେ ରେହମାନ୍ ଏହି ଦୃଶ୍ୟ ଦେଖିବା ପରେ ଫିଲ୍ମର ଗୀତ ରଚନା ଓ ସ୍ୱର ସଂଯୋଜନା କରିଥିଲେ। ଏଥିପାଇଁ ଏହି ଗୀତରେ ଏକ ବାସ୍ତବ, ଜୀବନ୍ତ ଦୃଶ୍ୟର ଅନୁଭୂତି ଦେଖିବାକୁ ମିଳିଥିଲା। ଏହାକୁ ପଞ୍ଜାବ ଓ ହରିୟାଣାର ସୁନ୍ଦର ରାସ୍ତାରେ ସୁଟିଂ କରାଯାଇଥିଲା। ଖୋଲାପ୍ରାନ୍ତର, ରାସ୍ତା ଓ ଟ୍ରକ୍‌ସବାରୀ ଗୀତରେ ଏକ ନିଆରା ଅନୁଭୂତି ଦେଇଥିଲା। ୨୫ କୋଟିରେ ନିର୍ମିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ଦ୍ୱିଗୁଣା ଆୟ କରିଥିଲା। ■



# "ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ଭଲ ଲାଗେ"

## ମାମାଲି ସାହୁ, ଅଭିନେତ୍ରୀ



ବାପା ତାଙ୍କର କଳା ଜଗତ ସହିତ ଜଡ଼ିତ ଥିଲେ। ତାଙ୍କୁ ଦେଖି ସେ ବି ଜଣେ ଅଭିନେତ୍ରୀ ହେବାକୁ ଚାହିଁଥିଲେ। ସ୍କୁଲରୁ କଲେଜ ସବୁଠି ଏକକ ଅଭିନୟ କରି ସେ ଦର୍ଶକଙ୍କ ମନ କିଣି ପାରୁଥିଲେ। ଅଭିନେତ୍ରୀ ହେବାର ଜିଦ୍ ତାଙ୍କୁ ପରବର୍ତ୍ତୀ ସମୟରେ ଦେଇଥିଲା ସଫଳତା। ଏଭଳି ଜଣେ ବହୁମୁଖୀ ପ୍ରତିଭାର ଅଧିକାରିଣୀ ହେଉଛନ୍ତି କେଉଁଝର ଜିଲ୍ଲା ଆନନ୍ଦପୁରର ମାମାଲି ସାହୁ। କମେଡିରୁ କାମ ଆରମ୍ଭ କରି 'ମୋ ଶାଶୂର ଶାଶୂମା'ରେ ଚମତ୍କାର ଅଭିନୟ କରିଛନ୍ତି। ସେ ଏକାଧିକ କ୍ଷୁଦ୍ର ଚଳଚ୍ଚିତ୍ରରେ କାମ କରିଛନ୍ତି। ନିକଟରେ ସେ 'ଚାରିଧାମ' ସିନେମାରେ ଅଭିନୟ କରି ଦର୍ଶକଙ୍କ ମନ କିଣିଛନ୍ତି। ଜଣେ ଅଭିନେତ୍ରୀ ହେବାକୁ ତାଙ୍କୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ।

**ଅଭିନେତ୍ରୀ ହେବାକୁ କାହିଁକି ମନ ବଳାଇଥିଲେ?**

- ପିଲାଟି ଦିନେ ଟିଭିରେ ଯାହା ଦେଖୁଥିଲି ତାକୁ ନକଲ କରୁଥିଲି। 'ଛଅ ମାଣ ଆଠ ଗୁଣ୍ଠ', 'ବଡ଼ ଘର ବଡ଼ ଗୁମର କଥା' ଆଦି ଧାରାବାହିକ ମୋର ପ୍ରିୟ ଥିଲା। ସେଥିରେ ଶ୍ୱେତା ଆଚାର୍ଯ୍ୟଙ୍କ ନେଗେଟିଭ୍ ଚରିତ୍ରକୁ ମୁଁ ଅନୁକରଣ କରୁଥିଲି। ତାଙ୍କର ମୁଁ ପ୍ରଶଂସକ ଥିଲି। ତାଙ୍କ ପରି ଅଭିନୟ କରିବାକୁ ସ୍ୱପ୍ନ ଦେଖୁଥିଲି। ଯେହେତୁ ମୋ ପିତା କଳା ଲାଇନ୍‌ରେ ଥିଲେ ସେ ବି ଚାହୁଁଥିଲେ ଝିଅ ଅଭିନେତ୍ରୀ ହେଉ। ତେଣୁ ମୋର ଏହି ଯାତ୍ରା ସହଜ ହୋଇଯାଇଥିଲା। ପ୍ରଥମେ ପ୍ରାଜ୍ଞା ଭାଇଙ୍କ ସହିତ କିଛି କମେଡି କରିଲି। ପରେ ଧାରାବାହିକ 'ମୋ ଶାଶୂର ଶାଶୂମା'ରେ କମେଡି ଚରିତ୍ରରେ ନଜର ଆସିଥିଲି। ପରବର୍ତ୍ତୀ ସମୟରେ 'ଆଭା', 'ଦୁର୍ଗା' ସିନେମାରେ କାମ କରିବାକୁ ସୌଭାଗ୍ୟ ଲାଭ କରିଛି। ସେହିଭଳି 'ବେଶୀ ଜମା ଭଲ ନୁହେଁ' ଆଦି କ୍ଷୁଦ୍ର ଚଳଚ୍ଚିତ୍ରରେ ଅଭିନୟ କରିଛି। ଦର୍ଶକଙ୍କ ଭଲ ପାଇବା ପାଇଛି।

**କମେଡି ସିନ୍‌ରୁ ସିନେମାରେ ନେଗେଟିଭ୍ ଚରିତ୍ର କରିବା କେତେ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା?**

- କମେଡି ଆଉ ଅଭିନୟ ଏ ଦୁଇଟି ମୋତେ କରିବାର ଥିଲା। ଜଣେ ଅଭିନେତ୍ରୀ ସବୁ ଚରିତ୍ର କରିପାରିବ। ଏହି କଥାକୁ ମନେ ରଖି ସିନେମାରେ ଅଭିନୟ କରିଛି। 'ଆଭା' ସିନେମାରେ ମୁଁ ଜଣେ ଶିକ୍ଷୟିତ୍ରୀ ଭାବେ ଅଭିନୟ କରିଥିଲି। 'ଦୁର୍ଗା' ଚଳଚ୍ଚିତ୍ରରେ ମୁଁ ନେଗେଟିଭ୍ ଚରିତ୍ରରେ ଅଭିନୟ କରିଥିଲି। 'ଚାରିଧାମ'ରେ ମୁଁ ବୋହୂ ଭୂମିକାରେ ନଜର ଆସିଥିଲି। ଯିଏକି ନିଜର ଶାଶୂ ଏବଂ ଶ୍ୱଶୁରଙ୍କୁ ବୃଦ୍ଧାଶ୍ରମକୁ ପଠାଇ ଦେଉଛି। ଯଦିଓ କମ୍ ସମୟ ପାଇଁ ଏହି ଚରିତ୍ର ଥିଲା। ହେଲେ ଦର୍ଶକ ମୋ ଚରିତ୍ରକୁ ବହୁତ ଭଲପାଇବା ଦେଇଛନ୍ତି। କେବଳ 'ଚାରିଧାମ' ନୁହେଁ 'ଆଭା' ସିନେମାଟି ମୋତେ ଲୋକପ୍ରିୟ କରାଇଛି।

**'ଚାରିଧାମ'ରେ କାମ କରିବାକୁ କେମିତି ସୁଯୋଗ ମିଳିଲା?**

- 'ଚାରିଧାମ' ସିନେମାରେ ଅଭିନୟ କରିବା ପୂର୍ବରୁ ମୁଁ କିଛି ସିନେମାରେ କାମ କରିସାରିଥିଲି। ଏହାକୁ ଦେଖି ତାପସ ସରଘରିଆ ଭାଇ 'ଚାରିଧାମ' ପରି ସିନେମାରେ କାମ କରିବାକୁ ସୁଯୋଗ ଦେଇଥିଲେ। ଆଉ ଚରିତ୍ର ଭଲ କେମିତି କରିବି ସେ ନେଇ ସେ ଗାଇଡ୍ କରିଥିଲେ। ତେଣୁ 'ଚାରିଧାମ' ପରି ସିନେମା କରିବା ସୌଭାଗ୍ୟର ବିଷୟ। ବହୁତ ଖୁସି ଲାଗିଥିଲା ଏହି ସିନେମାକୁ ନେଇ।

**ଫିଟ୍ ରହିବାକୁ କଣ କରନ୍ତି?**

- ଆଗରୁ ଧାରାବାହିକରେ କାମ କରୁଥିଲି। ସେଥିପାଇଁ ରାତି ରାତି ଅନିଦ୍ରା ରହିବାକୁ ପଡୁଥିଲା। ଏହା ଦ୍ୱାରା ମୋର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥିଲା। ତେଣୁ ଧାରାବାହିକ କାମ ଛାଡ଼ି ନିଜକୁ ସମୟ ଦେଉଛି। ନିଜର ଖାଦ୍ୟପେୟକୁ ଗୁରୁତ୍ୱ ଦିଏ। ବ୍ୟାୟାମ ଓ ଯୋଗ କରେ।

**ଡ୍ରିମ ରୋଲ?**

- ନେଗେଟିଭ୍ ଏବଂ ଲାଜକୁଳା ଚରିତ୍ରରେ କାମ କରିବାକୁ ଇଚ୍ଛା ରଖିଛି। ମୌଳିକଧର୍ମୀ କାହାଣୀର ସିନେମାରେ କାମ କରିବାକୁ ଯୋଜନା ରଖିଛି। ଯାହା ବି ମୋତେ ଚରିତ୍ର ମିଳିବ ସେଥିରେ କିପରି ଭଲ କାମ କରିବି ତାହାକୁ ଗୁରୁତ୍ୱ ଦେଉଛି।

**ଭଲ ଅଭିନୟ କରିବାକୁ କେମିତି ନିଜକୁ ପ୍ରସ୍ତୁତ କରନ୍ତି?**

- ଚରିତ୍ରକୁ ନିଖୁଣ ଭାବେ ଫୁଟାଇବାକୁ ମୁଁ ଦର୍ପଣ ସାମ୍ନାରେ ଅଭ୍ୟାସ କରେ। ମୋ ମୁହଁର ଭାବ, ବେଶ ପରିପାଟୀ ଖାପ ଖାଉଛି କି ନାହିଁ, କେମିତି ମୋ ଅଙ୍ଗଭଙ୍ଗୀ ରହିବ ତାହାକୁ ସବୁ ଧ୍ୟାନ ଦିଏ। ଭିନ୍ନ ଭିନ୍ନ ଭାଷାଭାଷୀର ସିନେମା ଦେଖି ସମସ୍ତ ଚରିତ୍ରକୁ ଅନୁକରଣ କରେ।

**କଳା କ୍ଷେତ୍ରକୁ ନୂଆ କରି ଆସୁଥିବା ପିଲାଙ୍କୁ କ'ଣ କହିବେ?**

- ନୂଆ ପିଢ଼ିଙ୍କୁ ଏତିକି କହିବି ଏ ଲାଇନ୍‌କୁ ଆସୁଥିଲେ, ନିଜକୁ ଭଲ ଭାବେ ପ୍ରସ୍ତୁତ କରି ଆସନ୍ତୁ। ଧୀରେ ଧୀରେ କାମ ଆରମ୍ଭ କରନ୍ତୁ। କାରଣ ଛୋଟ ଛୋଟ କଥା ମଣିଷଙ୍କୁ ବଡ଼ ସଫଳତା ଦେଇଥାଏ। ଯାହା ବି ଚରିତ୍ର ମିଳୁଛି, ତାକୁ କେମିତି ସଠିକ୍ ଭାବେ ତୁଲାଇବେ ସେ କଥାକୁ ଧ୍ୟାନ ଦିଅନ୍ତୁ। ପ୍ରତ୍ୟେକ କ୍ଷେତ୍ରରେ ଶିଖିବାର ଆବଶ୍ୟକତା ରହିଛି। ଶିଖିଲେ ହିଁ ମଣିଷ ଆଗକୁ ବଢ଼ିବ। ■

## ଦ.ଆଫ୍ରିକା ଧରାଶାୟୀ; ଭାରତ ନିୟନ୍ତ୍ରଣରେ ମ୍ୟାଚ୍

# ଇଡେନ୍‌ରେ ବୋଲରଙ୍କ ରାଜୁତି ଜାରି

କୋଲକାତା, ୧୫ ।୧୧ (ଏଜେନ୍ସି):

ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ସ୍ଥାନୀୟ ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଟେଷ୍ଟରେ ବୋଲରଙ୍କ ରାଜୁତି ଜାରି ରହିଛି। ପ୍ରଥମ ଦିବସରେ ୧୧ ୱିକେଟ୍‌ର ପତନ ଘଟିଥିବାବେଳେ ଶନିବାର ଆଉ ୧୫ଟି ୱିକେଟ୍ ପଡ଼ିଛି। ଦୁଇଦିନରେ ମୋଟ୍ ୨୬ଟି ୱିକେଟର ପତନ ଘଟିସାରିଲାଣି।

### ଦ୍ୱିତୀୟ ଦିନରେ ୧୫ ୱିକେଟ୍‌ର ପତନ

୩୦ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଭୟଙ୍କର ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଶନିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୩୫ ଓଭରରେ ୭ ୱିକେଟ୍ ହରାଇ ୯୩ ରନ ସଂଗ୍ରହ କରିଛି। ଅଧିନାୟକ ତେମ୍ବା ବଭୁମା ୨୯ ଓ କୋର୍ବିନ ବୋଷ୍ଟ ୧ ରନରେ ଅପରାଜିତ ରହିଛନ୍ତି। ମାର୍କୋ ଜାନସେନ ୧୩, ର୍ୟାନ ରିକ୍ଲେନଟନ ୧୧, ୱିଆନ ମଲ୍ଡର ୧୧, କାଏଲ ଭେରେନୀ ୯, ଆଇଡେନ ମାର୍କରମ ୪, ଟ୍ରିଷ୍ଟାନ ଷ୍ଟବ୍ସ ୫, ଟୋନି ଡି ଜୋରଜି ୨ ରନରେ ଆଉଟ୍ ହୋଇଥିଲେ। ଘରୋଇ ଦଳ ପକ୍ଷରୁ ରବୀନ୍ଦ୍ର ଜାଡେଜା ୪ଟି ୱିକେଟ୍ ନେଇ ସବୁଠୁ ସଫଳ ବୋଲର ରହିଥିଲେ। କୁଲଦୀପ୍ ଯାଦବ ୨ ଓ ଅକ୍ଷର ପଟେଲ ଗୋଟିଏ ୱିକେଟ୍ ନେଇଛନ୍ତି। ଦ୍ୱିତୀୟ ଇନିଂସରେ ୩ ୱିକେଟ୍ ବଳକା ଥାଇ ଦକ୍ଷିଣ ଆଫ୍ରିକା ମୋଟ୍ ୬୩ ରନରେ ଅଗ୍ରଣୀ ରହିଛି। ମ୍ୟାଚ୍ ଆହୁରି ୩ ଦିନ ବାକି ରହିଥିବାରୁ ଭାରତ ଏବେ ଦୃଢ଼ସ୍ଥିତିରେ ରହିଛି।

### ରାହୁଲଙ୍କ ୪ ହଜାର ରନ ପୂରଣ

ପୂର୍ବରୁ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୧୫୯ ରନରେ ସୀମିତ ରହିବା ପରେ ଭାରତ ପ୍ରଥମ ଦିବସ ସୁଦ୍ଧା ଗୋଟିଏ ୱିକେଟ୍‌ରେ ୩୭ ରନ କରିଥିଲା। ଶନିବାର ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିବା ଭାରତ ମଧ୍ୟ ନିୟମିତ ଅନ୍ତରରେ ୱିକେଟ୍ ହରାଇ ୬୨.୨ ଓଭରରେ ୧୮୯ ରନରେ ସୀମିତ ରହିଥିଲା। ଓପନର୍ ଲୋକେଶ ରାହୁଲ ସର୍ବାଧିକ ୩୯ ରନ କରିଥିଲେ। ଏହିକ୍ରମରେ ସେ ୧୮ତମ ଭାରତୀୟ ଭାବେ ଟେଷ୍ଟରେ ୪ ହଜାର ରନ ପୂରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାଶିଂଟନ ସୁନ୍ଦର ୨୯, ଋଷଭ ପନ୍ତ ୨୭, ଜାଡେଜା ୨୭, ଅକ୍ଷର ୧୬, ଧ୍ରୁବ ଜୁରେଲ ୧୪, ଯଶସ୍ୱୀ ଜୟସ୍ୱାଲ ୧୨ ରନ କରିଥିଲେ। ଅଧିନାୟକ ଶୁବମନ ଗିଲ୍ ୪ ରନ କରିଥିବାବେଳେ ବେକରେ ଆଘାତ ପାଇ ରିଟାୟର୍ଡ ହର୍ଟ ହୋଇଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ସାଇମନ ହାର୍ମର ୪ ଓ ମାର୍କୋ ଜାନସେନ ୩ଟି ୱିକେଟ ହାସଲ କରିଥିଲେ।



**ସଂକ୍ଷିପ୍ତ ସ୍କୋର**

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୫୯/୧୦**

**ଭାରତ ପ୍ରଥମ ଇନିଂସ: ୧୮୯/୯** (ଗିଲ୍- ରିଟାୟର୍ଡ ହର୍ଟ- ୪, ରାହୁଲ- ୩୯, ୱାଶିଂଟନ- ୨୯, ଜାଡେଜା- ୨୭, ପନ୍ତ- ୨୭, ଜୁରେଲ- ୧୪, ଅକ୍ଷର- ୧୬, ହାର୍ମର- ୪/୩୦, ଜାନସେନ- ୩/୩୫)।

**ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୯୩/୭, ୩୫ ଓଭର** (ବଭୁମା- ୨୯, ଜନସେନ- ୧୩, ମଲ୍ଡର- ୧୧, ମାର୍କରମ- ୪, ଷ୍ଟବ୍ସ- ୫, ଜାଡେଜା- ୪/୨୯, କୁଲଦୀପ୍- ୨/୧୨)।


## ଆଇପିଏଲ୍-୧୯: ଖେଳାଳି ରିଟେନ୍‌ସନ୍ ତାଲିକା ଜାରି

# ଜାଡେଜାଙ୍କୁ ଛାଡ଼ି ସଞ୍ଜୁଙ୍କୁ ଆଣିଲା ସିଏସ୍‌କେ

ନୂଆଦିଲ୍ଲୀ, ୧୫ ।୧୧ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୧୯ତମ ସିଜନ ଲାଗି ଶନିବାର ଥିବା ରିଟେନସନ୍ ତାଲିକାର ଜାରି କରିବାର ଶେଷଦିନ। ଏହି ଅବସରରେ ସମସ୍ତ ୧୦ଟି ଫ୍ରାଞ୍ଚାଇଜ କେଉଁ ଖେଳାଳିଙ୍କୁ ଦଳରେ ରଖିଲେ ଓ କାହାକୁ ଡିସେମ୍ବର ୧୬ ତାରିଖରେ ହେବାକୁ ଥିବା ମିନି ନିଲାମୀକୁ ଛାଡ଼ିଲେ ତାହାର ତାଲିକା ଜାରି କରିଛନ୍ତି। ସେହିଭଳି ଫ୍ରାଞ୍ଚାଇଜ-ଫ୍ରାଞ୍ଚାଇଜ ମଧ୍ୟରେ ଖେଳାଳି ଅଦଳବଦଳ ନେଇ ଟ୍ରେଡ୍ ଡିଲ୍ ମଧ୍ୟ ହୋଇଛି। ଏହିକ୍ରମରେ ସବୁଠୁ ବଡ଼ ଅଦଳବଦଳ ହୋଇଛି ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ) ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ। ପାଞ୍ଚଥରର ଚାମ୍ପିଅନ ଚେନ୍ନାଇ ସୁପର୍ କିଙ୍ଗ୍‌ସ ଏହାର ଶ୍ରେଷ୍ଠ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ନେଇ ରାଜସ୍ଥାନ ସହ ଟ୍ରେଡ୍ ଡିଲ୍ କରିଛି। ଜାଡେଜା ରାଜସ୍ଥାନକୁ ଯାଇଥିବାବେଳେ ରାଜସ୍ଥାନର ନିର୍ଭରଯୋଗ୍ୟ ବ୍ୟାଟର୍ ସଞ୍ଜୁ ସାମସନ ଚେନ୍ନଇ ଦଳରେ ସାମିଲ ହୋଇଛନ୍ତି। ସିଏସ୍‌କେର ବାସନ୍ଦ ୨ ବର୍ଷ (୨୦୧୬ ଓ ୨୦୧୭)କୁ ଛାଡ଼ି ଜାଡେଜା ୨୦୧୨ରୁ ଏହି ଫ୍ରାଞ୍ଚାଇଜ ପାଇଁ ଖେଳୁଛନ୍ତି। ତାଙ୍କର ମୂଲ୍ୟ ୧୪ କୋଟି ଟଙ୍କା ରହିଥିଲା। ଏଥିପୂର୍ବରୁ ଜାଡେଜା ଆଇପିଏଲ୍ ଆରମ୍ଭ ସମୟରେ ରାଜସ୍ଥାନ ଦଳର ସଦସ୍ୟ ଥିଲେ। 'ଏବେ ଜାଡେଜାଙ୍କ ଘର ବାହୁଡ଼ା ହୋଇଛି' ବୋଲି ରାଜସ୍ଥାନର ମାଲିକ ମନୋଜ ବଦଲେ କହିଛନ୍ତି। ଅପରପକ୍ଷରେ ମହେନ୍ଦ୍ର ସିଂ ଧୋନିଙ୍କଠାରୁ ସବୁଜ ସଙ୍କେତ ପାଇବା ପରେ ସିଏସ୍‌କେ ଜାଡେଜାଙ୍କୁ ଛାଡ଼ିଥିବା କୁହାଯାଉଛି। ଅପରପକ୍ଷରେ ଅନ୍ୟ ବଡ଼ ଡିଲ୍ ମଧ୍ୟରେ ସନରାଇଜର୍ସ ହାଇଦରାବାଦ୍‌ର ମହମ୍ମଦ ସାମି ଟ୍ରେଡ୍ ଡିଲ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସକୁ ଯାଇଛନ୍ତି। ସେହିଭଳି ସାମ୍ କୁରନ ଚେନ୍ନାଇରୁ ରାଜସ୍ଥାନକୁ, ନୀତୀଶ ରାଣା ରାଜସ୍ଥାନରୁ ଦିଲ୍ଲୀ କ୍ୟାପିଟାଲ୍ସକୁ, ଅର୍ଜୁନ ତେନ୍ଦୁଲକର ମୁମ୍ବାଇ ଇଣ୍ଡିଆନ୍ସରୁ ଲକ୍ଷ୍ନୌକୁ, ଶାର୍ଦ୍ଦୁଳ ଠାକୁର ଲକ୍ଷ୍ନୌରୁ ମୁମ୍ବାଇକୁ ଟ୍ରେଡ୍ ଡିଲରେ ଯାଇଛନ୍ତି।

### ରିଲିଜ୍ ହେଲେ ମ୍ୟାକ୍ସୱେଲ ଓ ରସେଲ୍





ସେହିପରି ବିଭିନ୍ନ ଫ୍ରାଞ୍ଚାଇଜ ବଡ଼ ବଡ଼ ଖେଳାଳିଙ୍କୁ ଦଳରୁ ରିଲିଜ କରି ନିଲାମୀକୁ ଛାଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ଦିଲ୍ଲୀ ଫାଫ୍ ଡୁ ପ୍ଲେସିସଙ୍କୁ, ବେଙ୍ଗାଲୁରୁ ମୟଙ୍କ ଅଗରୱାଲ, ଟିମ୍ ସେଇଫର୍ଟ, ଲିଆମ ଲିଭିଂଷ୍ଟୋନଙ୍କୁ, ପଞ୍ଜାବ ଗ୍ଲେନ ମ୍ୟାକ୍ସୱେଲ, ଜୋଶ୍ ଇଂଲିଶଙ୍କୁ, ଚେନ୍ନାଇ ରାଚିନ ରବୀନ୍ଦ୍ର, ଦୀପକ ହୁଡା, ବିଜୟ ଶଙ୍କର, ମହୀଷ ପଥିରାଣାଙ୍କୁ, ଗୁଜରାଟ ଦସୁନ ଶନକା, ଗେରାଲ୍ଡ କୋର୍ଜିଙ୍କୁ, କୋଲକାତା ଆନ୍ଦ୍ରେ ରସେଲ, ଭେଙ୍କଟେଶ ଆୟର, କ୍ୱିଣ୍ଟନ ଡି କକ୍, ମୋଇନ ଅଲିଙ୍କୁ, ଲକ୍ଷ୍ନୌ ଡେଭିଡ୍ ମିଲର, ଆକାଶ ଦୀପ୍, ରବି ବିଷ୍ଣୋଇଙ୍କୁ, ମୁମ୍ବାଇ ରିସି ଟୋପଲୀ, କର୍ନ ଶର୍ମା, ମୁଜିବ ଉର୍ ରେହମାନ, ରାଜସ୍ଥାନ ୱାନିନ୍ଦୁ ହାସରଙ୍ଗା, ମହୀଷ ଥିକସାନା ଏବଂ ହାଇଦରାବାଦ୍ ଆଦାମ ଜାମ୍ପା, ରାହୁଲ ଚହର, ୱିଆନ ମଲ୍ଡର ପ୍ରମୁଖଙ୍କୁ ଦଳରୁ ରିଲିଜ ଅର୍ଥାତ୍ ବାହାର କରିଛି।

## ଷ୍ଟେଟ୍-ଏ ଟ୍ରଫି: ଓଡ଼ିଶାର ୩ୟ ବିଜୟ

ଭୁବନେଶ୍ୱର, ୧୫ ।୧୧ (ସମିସ): ଭଦୋଦରାରେ ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୨୩ ବର୍ଷରୁ କମ୍ ଷ୍ଟେଟ୍-ଏ ଟ୍ରଫି ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ୩ୟ ବିଜୟ ହାସଲ କରିଛି। ଶନିବାର ଖେଳାଯାଇଥିବା ମ୍ୟାଚରେ ଓଡ଼ିଶା ୩୭ ରନରେ ଗୁଜରାଟକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଅଧିନାୟକ ଓମ୍ ଟି ମୁଣ୍ଡେ (୫୪) ଓ ଶ୍ରେୟାଂଶ ଭରଦ୍ୱାଜ (୫୩)ଙ୍କ ଅର୍ଦ୍ଧଶତକ ବଳରେ ୫୦ ଓଭରରେ ୯ ୱିକେଟ୍ ହରାଇ ୨୬୭ ରନ କରିଥିଲା। ଗୁଜରାଟର କୁଶନ ଶ୍ୟାମ ପଟେଲଙ୍କୁ ୩ଟି ୱିକେଟ୍ ମିଳିଥିଲା। ଜବାବରେ କୁଶନଙ୍କ ୬୦ ରନ ସତ୍ତ୍ୱେ ୪୭.୪ ଓଭରରେ ୨୩୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ଏମ୍‌ଡି ଡାନିସ ୩ ଓ ବିମଳ କୁମାର ୨ଟି ୱିକେଟ୍ ହାତେଇଥିଲେ। ଏଥିସହ ଓଡ଼ିଶା ୪ର୍ଥ ମ୍ୟାଚରୁ ୩ ବିଜୟ ସହ ୧୨ ପଏଣ୍ଟ ପାଇ ଏଲିଟ୍ ଗ୍ରୁପ୍-ବି'ରେ ମୁମ୍ବଇ (୧୬) ଓ ଆନ୍ଧ୍ର (୧୨) ପଛକୁ ରହିଛି।

## ଟେଷ୍ଟରେ ୪ ହଜାର ରନ ଓ ୩୦୦ ୱିକେଟ୍

# କପିଳଙ୍କ ପରେ ଜାଡେଜା ଦ୍ୱିତୀୟ ଭାରତୀୟ

କୋଲକାତା, ୧୫ ।୧୧ (ଏଜେନ୍ସି): ବିଶ୍ୱର ଏକ ନମ୍ବର ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଚଳିତ କୋଲକାତା ଟେଷ୍ଟର ଦ୍ୱିତୀୟ ଦିବସରେ ଏକ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ଟେଷ୍ଟ କ୍ରିକେଟ୍‌ରେ ୩୦୦ ୱିକେଟ୍ ଓ ୪ ହଜାର ରନ ସଂଗ୍ରହ ଭଳି ଏଲିଟ୍ କ୍ଲବରେ ଜାଡେଜା ସାମିଲ ହୋଇଛନ୍ତି। ପ୍ରଥମ ଇନିଂସରେ ୨୭ ରନର ଛୋଟିଆ ପାଳି ଖେଳିବା ସହ ଜାଡେଜା ଟେଷ୍ଟରେ ୪ ହଜାର ରନ ପୂରଣ କରିଛନ୍ତି। ଜାଡେଜା ବର୍ତ୍ତମାନ ସୁଦ୍ଧା ୮୮ଟି ଟେଷ୍ଟ ଖେଳି ୪୦୧୭ ରନ ସହ ୩୪୨ଟି ୱିକେଟ୍ ନିଜ ନାମରେ ଲିପିବଦ୍ଧ କରିଛନ୍ତି। ଏହି ସଫଳତା ପାଇବାରେ ସେ କପିଳ ଦେବଙ୍କ ପରେ ଦ୍ୱିତୀୟ ଭାରତୀୟ ଓ ଓଭରଅଲ୍ ବିଶ୍ୱର ୪ର୍ଥ କ୍ରିକେଟର୍।

**ଟେଷ୍ଟରେ ୪୦୦୦ ରନ ଓ ୩୦୦ ୱିକେଟ୍**

| ଖେଳାଳି | ମ୍ୟାଚ୍ | ରନ | ୱିକେଟ |
|---|---|---|---|
| କପିଳ ଦେବ | ୧୩୧ | ୫୨୪୮ | ୪୩୪ |
| ଇଆନ ବୋଥାମ | ୧୦୨ | ୫୨୦୦ | ୩୮୩ |
| ଡାନିଏଲ୍ ଭିଟ୍ଟୋରୀ | ୧୧୩ | ୪୫୩୧ | ୩୬୨ |
| ରବୀନ୍ଦ୍ର ଜାଡେଜା | ୮୮ | ୪୦୧୭ | ୩୪୨ |



# ଅମନ, ନେହାଙ୍କ ନିଲମ୍ବନ ପ୍ରତ୍ୟାହାର କଲା ଡବ୍ଲ୍ୟୁଏଫ୍‌ଆଇ

ନୂଆଦିଲ୍ଲୀ, ୧୫ ।୧୧ (ଏଜେନ୍ସି): ଭାରତୀୟ ରେସଲିଂ ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଏକ ବଡ଼ ନିଷ୍ପତ୍ତି ନେଇଛି। ଡବ୍ଲ୍ୟୁଏଫ୍‌ଆଇ ଏହାର ନିଷ୍ପତ୍ତିର ପୁର୍ନବିଚାର କରି ପ୍ୟାରିସ ଅଲିମ୍ପିକ୍ସ କାଂସ୍ୟ ପଦକ ବିଜେତା ଅମନ ଶେରାୱତ ଓ ଉଦୀୟମାନ କୁସ୍ତିଯୋଦ୍ଧା ନେହା ସାଙ୍ଗୱନଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିନେଇଛି। ଅମନ ଓ ନେହା ସେମାନଙ୍କ ଧାର୍ଯ୍ୟ ଓଜନବର୍ଗ ଅତିକ୍ରମ କରି ଯଥାକ୍ରମେ ବିଶ୍ୱ ଚାମ୍ପିଅନସିପ୍ ଓ ୨୦ ବର୍ଷରୁ କମ୍ ବିଶ୍ୱଚାମ୍ପିଅନସିପ୍‌ରେ ଭାଗନେବାରେ ଅଯୋଗ୍ୟ ହୋଇଥିଲେ। ଯେଉଁଥି ପାଇଁ ଡବ୍ଲ୍ୟୁଏଫ୍‌ଆଇ ନେହାଙ୍କୁ ୨ ବର୍ଷ ଓ ଅମନଙ୍କୁ ଏକ ବର୍ଷ ଲାଗି ବାସନ୍ଦ କରିଥିଲା। କିନ୍ତୁ ଉଭୟ କୁସ୍ତିଯୋଦ୍ଧାଙ୍କ ନିକଟରୁ କ୍ଷମା ପ୍ରାର୍ଥନା ଚିଠି ପାଇବା ପରେ ଡବ୍ଲ୍ୟୁଏଫ୍‌ଆଇ ଦେଶର ଶ୍ରେଷ୍ଠ କୋଚ୍‌ଙ୍କ ସହ ଆଲୋଚନା କରି ଶେଷରେ ନିଲମ୍ବନ ନିଷ୍ପତ୍ତି ପ୍ରତ୍ୟାହାର କରିନେଇଛି।






## ରଣଜୀ ଟ୍ରଫି: ଆଜିଠୁ ନାଗାଲାଣ୍ଡ ବିପକ୍ଷ ଲଢ଼େଇ

# ୭ ବର୍ଷ ପରେ କିଟ୍‌ରେ ଖେଳିବ ଓଡ଼ିଶା

ଭୁବନେଶ୍ୱର, ୧୫ ।୧୧ (ସମିସ): ଚଳିତ ରଣଜୀ ଟ୍ରଫିର ୫ମ ରାଉଣ୍ଡ ମ୍ୟାଚ୍ ରବିବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଛି। ଏହିକ୍ରମରେ ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚରେ ଘରୋଇ ଓଡ଼ିଶା ଓ ନାଗାଲାଣ୍ଡ ସ୍ଥାନୀୟ କିଟ୍ କ୍ରିକେଟ୍ ଷ୍ଟାଡିୟମରେ ସାମ୍ନାସାମ୍ନି ହେବାକୁ ଯାଉଛନ୍ତି। ଚଳିତ ରଣଜୀ ସିଜନରେ ଏହି ଦୁଇ ଦଳ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଉଭୟ ଦଳ ୪ଟି ଲେଖାଏ ମ୍ୟାଚ୍ ଖେଳି ସାରିଥିଲେ ମଧ୍ୟ ବିଜୟ ସ୍ୱାଦ ଚାଖିପାରି ନାହାନ୍ତି। ଓଡ଼ିଶା ଓ ନାଗାଲାଣ୍ଡ ୩ଟି ଲେଖାଏ ମ୍ୟାଚ୍ ହାରିଥିବାବେଳେ ଗୋଟିଏ ମୁକାବିଲା ଡ୍ର' ରଖି ୧ ପଏଣ୍ଟ ପାଇଛନ୍ତି। ତେଣୁ ଉଭୟ ଦଳ ନିକଟରେ ଏଠାରେ ବିଜୟ ଲାଗି ସୁବର୍ଣ୍ଣ ସୁଯୋଗ ରହିଛି। ସେହିଭଳି ଟେବଲ୍‌ର ସର୍ବନିମ୍ନ ସ୍ଥାନ ଲାଗି ଏଠାରେ ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ଲଢ଼େଇ ହେବ। ପରାଜିତ କିମ୍ବା ପ୍ରଥମ ପାଳିରେ ପଛୁଆ ରହିଥିବା ଦଳ ଗ୍ରୁପ୍-ଏ'ର ସର୍ବନିମ୍ନ ୮ମ ସ୍ଥାନରେ ରହିବ। ଓଡ଼ିଶା-ନାଗାଲାଣ୍ଡ ମ୍ୟାଚ୍ ସହ ଦୀର୍ଘ ୫ ବର୍ଷ ପରେ କିଟ୍‌କୁ ରଣଜୀ ଟ୍ରଫି ମ୍ୟାଚ୍ ଫେରିଛି। ଶେଷଥର ଲାଗି ୧୯ ଜାନୁଆରୀ ୨୦୨୦ରେ ମିଜୋରାମ ଓ ସିକ୍କିମ ମଧ୍ୟରେ ଏଠାରେ ଏକ ରଣଜୀ ମ୍ୟାଚ୍ ଖେଳାଯାଇଥିଲା। ତେବେ ଓଡ଼ିଶା ୭ ବର୍ଷର ବ୍ୟବଧାନ ପରେ ଏଠାରେ ଖେଳିବ। ଶେଷଥର ଲାଗି ୨୦୧୮-୧୯ ସିଜନ (୧୪ ଡିସେମ୍ବର ୨୦୧୮)ରେ ଓଡ଼ିଶା ଏହି ଗ୍ରାଉଣ୍ଡରେ ରାଜସ୍ଥାନ ବିପକ୍ଷରେ ରଣଜୀ ଟ୍ରଫି ମ୍ୟାଚ୍ ଖେଳିଥିଲା। କିଟ୍ ଗ୍ରାଉଣ୍ଡରେ ଏହା ୧୩ତମ ରଣଜୀ ଟ୍ରଫି ମ୍ୟାଚ୍ ହେବାକୁ ଯାଉଛି।



ଫଟୋ: ଆଶୁତୋଷ

### ଚର୍ଚ୍ଚାରେ ଦେବାଶିଷ

ଏହି ମ୍ୟାଚରେ ସବୁଠୁ ଅଧିକ ରହିଛନ୍ତି ଚର୍ଚ୍ଚାରେ ଦେବାଶିଷ ମହାନ୍ତି। ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର୍ ଦେବାଶିଷ ଚଳିତ ରଣଜୀ ସିଜନରେ ନାଗାଲାଣ୍ଡ ଦଳର ମୁଖ୍ୟ ପ୍ରଶିକ୍ଷକ ଭୂମିକା ନିଭାଉଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ନାଗାଲାଣ୍ଡ ଶକ୍ତିଶାଳୀ ତାମିଲନାଡୁକୁ କଡା ଟକ୍କର ଦେଇ ମ୍ୟାଚ୍ ଡ୍ର ରଖିଥିଲା। ପୂର୍ବରୁ ରାଜ୍ୟ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିବାରୁ ଦେବାଶିଷ ଓଡ଼ିଶାର ଖେଳାଳିଙ୍କ ଦୋଷ ଦୁର୍ବଳତା ବିଷୟରେ ବେଶ୍ ଭଲ ଭାବରେ ପରିଚିତ। ତେଣୁ ସେ କିଭଳି ରଣନୀତି ଆପଣାଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS